# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 11/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 346 | ମୂଲ୍ୟ₹୭/-





PLATINUM PURE·RARE·ETERNAL Hallmark IGI YOUR TRUST OUR COMMITMENT



# ଲାଲ୍‌ଚାନ୍ଦ୍‌ର ଧନତେରସ୍ ଓ ଦୀପାବଳି ଅଫର୍

## ଏକ୍ସକ୍ଲୁସିଭ୍ ଡିଜାଇନ୍ ପାଆନ୍ତୁ ସର୍ବନିମ୍ନ ଗଢ଼ା ମୂଲ୍ୟ, ସ୍ୱଚ୍ଛ ରିହାତି ଏବଂ ବିନା ଲୁକ୍କାୟିତ ସର୍ତ୍ତରେ

LALCHND
Trusted Brand Since 1948



## ଗଢ଼ା ମୂଲ୍ୟ ଉପରେ ବିଭ୍ରାନ୍ତିକର ଅଫର୍‌ଠାରୁ ଦୂରେଇ ରୁହନ୍ତୁ

| ବିଭ୍ରାନ୍ତିକର ଦାବି/ ଅଫର୍ | ସତ୍ୟତା |
|---|---|
| ମୋଟ୍ ସୁନା ମୂଲ୍ୟ ଉପରେ **ଫ୍ଲାଟ୍ ୪.୫% ରିହାତି** | ଗ୍ରାହକମାନେ କ୍ରୟ କରିଥିବା ସୁନା ଗହଣାର ମୋଟ ମୂଲ୍ୟ ଉପରେ ଫ୍ଲାଟ୍ ୪.୫% ରିହାତି ପାଉଥିବା ବେଳେ ବାସ୍ତବରେ ଗଢ଼ା ମୂଲ୍ୟ କେତେ, ସେ ସମ୍ପର୍କରେ କୌଣସି ତଥ୍ୟ ପାଉନାହାନ୍ତି । ଏଠାରେ ଅଧିକ ରିହାତି ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରାଯାଉଛି । ଏତଦ୍‌ଦ୍ୱାରା ଗ୍ରାହକମାନେ ଠକେଇର ଶିକାର ହେଉଥିବା ସ୍ପଷ୍ଟ ଜଣାପଡୁଛି । |
| **୩୦% ପର୍ଯ୍ୟନ୍ତ ରିହାତି** ମୂଲ୍ୟବାନ ପଥର ଓ ପୋଲ୍‌କି ଜୁଏଲାରୀର ଗଢ଼ା ମୂଲ୍ୟ ଉପରେ | ଏହି ଜୁଏଲର୍ କମ୍ ବିକ୍ରୟ ଜୁଏଲାରୀ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିବା ବେଳେ ଅନ୍ୟ ସମସ୍ତ ଜୁଏଲାରୀ ଉପରେ ଅଧିକ ଗଢ଼ାମୂଲ୍ୟ ନେଇଥାଏ । ଏଥିସହ କେତେକ ମନୋନୀତ ଡିଜାଇନ୍‌ର ଜୁଏଲାରୀ ଉପରେ ହିଁ ଏହି ଅଫର୍ ଲାଗୁ କରାଯାଇଛି । |
| **୨୦୦୦/-, ୧୦୦୦/-, ୫୦୦/- ଟଙ୍କାର ଗିଫ୍ଟ ଭାଉଚର୍,** ନିର୍ଦ୍ଦିଷ୍ଟ କ୍ରୟମୂଲ୍ୟ ଉପରେ | କେତେକ ଜୁଏଲର୍ ଗିଫ୍ଟ ଭାଉଚର୍‌ର ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି, କିନ୍ତୁ ପ୍ରକୃତରେ ଗ୍ରାହକଙ୍କୁ ଏହି ଅଫର୍‌ର ଯୋଗ୍ୟ ହେବା ପାଇଁ ମୋଟାଅଙ୍କର ସୁନା ଗହଣା କ୍ରୟ କରିବାକୁ ପଡ଼ିଥାଏ । |
| **୨୫% ପର୍ଯ୍ୟନ୍ତ ଛାଡ଼** ସୁନା ଗହଣାର ମଜୁରୀ ଉପରେ | ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦେଉଛନ୍ତି, କିନ୍ତୁ ନିଜ ମନମୁତାବକ ଗଢ଼ା ମୂଲ୍ୟକୁ ବଢ଼ାଇ ଦେଇ ତା' ଉପରେ ରିହାତି ପ୍ରଦାନ କରି ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି । |
| **୨୦% ପର୍ଯ୍ୟନ୍ତ ଛାଡ଼** ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ | ଏହି ପ୍ରତିଷ୍ଠାନ ସୁନା ଗହଣା ଉପରେ ସର୍ତ୍ତମୂଳକ (*) ଅଫର୍ ରଖି ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛନ୍ତି, କିନ୍ତୁ ସଠିକ୍ ଗଢ଼ା ମୂଲ୍ୟ ସମ୍ପର୍କରେ ଗ୍ରାହକଙ୍କୁ ଜଣାଉନାହାନ୍ତି, ଯାହାଦ୍ୱାରା ଗ୍ରାହକମାନେ କ୍ରୟ ସମୟରେ ଦ୍ୱନ୍ଦ୍ୱରେ ପଡୁଛନ୍ତି । |
| **ଫ୍ଲାଟ୍ ୫୯୯ଟଙ୍କା ଗଢ଼ା ମୂଲ୍ୟ** ରେଗୁଲାର୍ ସୁନା ଗହଣା ଉପରେ | ଏଠାରେ ଜୁଏଲର୍ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ସମ୍ପର୍କରେ କୌଣସି ତଥ୍ୟ ନଦେଇ ରେଗୁଲାର୍ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୫୯୯ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଏଥିସହ ଏହି ଅଫର୍ କେବଳ ସୀମିତ ଡିଜାଇନ୍ ଉପରେ ଲାଗୁ ହେଉଥିବା ବେଳେ ଅନ୍ୟ ସମସ୍ତ ଗହଣା ଉପରେ ଗ୍ରାହକଙ୍କୁ ୧୨୦୦ଟଙ୍କା ଗଢ଼ା ମୂଲ୍ୟ ଦେବାକୁ ପଡୁଛି । |
| ସ୍ୱର୍ଣ୍ଣ ମୁଦ୍ରା(*) | ଏହି ଜୁଏଲର୍ ସର୍ତ୍ତମୂଳକ (*) ଅଫର୍ ରଖି ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରିଥାଏ । |

### ଲାଲ୍‌ଚାନ୍ଦ୍ ଜୁଏଲର୍ସ

ଲାଲ୍‌ଚାନ୍ଦ୍ ଜୁଏଲର୍ସ ସମସ୍ତ ଗହଣା ଉପରେ ଫ୍ଲାଟ୍ ଗଢ଼ା ମୂଲ୍ୟ ଏବଂ ସ୍ୱଚ୍ଛ ରିହାତି ପ୍ରଦାନ କରେ ।

**୬୨୫ ଟଙ୍କା/ଗ୍ରାମ୍**
ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

ଫ୍ଲାଟ୍ **୨୦,୦୦୦ ଟଙ୍କା/ କ୍ୟାରେଟ୍**
ରିହାତି ହୀରା ମୂଲ୍ୟ ଉପରେ

ଫ୍ଲାଟ୍ **୫୦% ରିହାତି**
ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ

ଫ୍ଲାଟ୍ **୨୦% ରିହାତି**
ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ ଗୁଡ଼ିକ ଉପରେ

ଫ୍ଲାଟ୍ **୧୫% ରିହାତି**
ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ

**ମାଗଣା ରୁପା ମୁଦ୍ରା**
(ଆଇଜେଏସ୍‌ଏଫ)୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ
ଏବଂ
**ନିଶ୍ଚିତ ଉପହାର**
୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ

**ହିସାବ କରନ୍ତୁ | ତୁଳନା କରନ୍ତୁ | ତା'ପରେ କିଣନ୍ତୁ**

### ଗଢ଼ା ମୂଲ୍ୟ ଉପରେ ହେଉଥିବା ସ୍କାମ୍ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇବା ଲାଲ୍‌ଚାନ୍ଦ୍ ଜୁଏଲର୍ସର ଦାୟିତ୍ୱ

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦ୍‌ର ମୂଳମନ୍ତ୍ର । କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂର ଅଭିଜ୍ଞତା ପ୍ରଦାନ କରିପାରିବୁ ।

ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନା ଏକ୍ସଚେଞ୍ଜରେ ପାଆନ୍ତୁ ୧୦୦% ସୁନା ମୂଲ୍ୟ



ସମସ୍ତ ଆକାରର ୯୯୯ ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ଉପଲବ୍ଧ

**ଆକର୍ଷଣୀୟ ଜୁଏଲାରୀ ସପିଂ**
୨୫ ହଜାର ଟଙ୍କାର ଗହଣା ଉପରେ ନିଶ୍ଚିତ କୁପନ୍ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା

**ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ବିଶ୍ୱର ସର୍ବବୃହତ ଅଳଙ୍କାର ମହୋତ୍ସବ**

**ଅବିଶ୍ୱସନୀୟ ପୁରସ୍କାର**
ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନ୍‌ର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନା ମୁଦ୍ରା




- ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଜଡାଉ ଜୁଏଲାରୀର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଟେମ୍ପଲ୍ ଜୁଏଲାରୀର ୫ଟି ପୁରସ୍କାର
- ୫ ଲକ୍ଷ ଟଙ୍କା ବିଶିଷ୍ଟ ହୀରା ଓ ମୂଲ୍ୟବାନ ପଥର ଖଚିତ ଜୁଏଲାରୀର ୧୦ଟି ପୁରସ୍କାର
- ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ସୁନା ଗହଣାର ୧୦ଟି ପୁରସ୍କାର
- 'ଡିଭାଇନ୍ ସଲିଟେଆର୍' ତରଫରୁ ହୀରା ଖଚିତ ସୁନା ମୁଦ୍ରାର ୧୦୦ଟି ପୁରସ୍କାର

IJSF INDIA JEWELLERY SHOPPING FESTIVAL 2023
ପ୍ରାୟୋଜକ DIVINE SOLITAIRES

ଉପରିସ୍ଥ ଆଇଜେଏସ୍‌ଏଫ୍ ସ୍କିମ୍ ୧୫ ଅକ୍ଟୋବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ବୈଧ

HDFC BANK
FESTIVE TREATS
- ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ବ୍ୟବହାରରେ ତୁରନ୍ତ ୫% ଛାଡ଼
- ସର୍ବନିମ୍ନ ୪୦,୦୦୦ଟଙ୍କାର ନେଣଦେଣ ଉପରେ ଏହା ବୈଧ । ସର୍ବାଧିକ ୩,୦୦୦ଟଙ୍କାର ଛାଡ଼
- ପ୍ରତି କାର୍ଡ ପିଛା ଥରେ ବ୍ୟବହାର ଉପରେ ଏହି ଛାଡ଼ ୧୪ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ବୈଧ

ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ଏମ୍‌ଏମ୍‌ଟିସି ସ୍ୱର୍ଣ୍ଣମୁଦ୍ରା ଏବଂ ରଘୁନାଥପୁର, କଟକ ତଥା ବ୍ରହ୍ମପୁରରେ ଏମ୍‌ଏମ୍‌ଟିସି ରୁପା ମୁଦ୍ରା ଉପଲବ୍ଧ

**ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି** ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

**JEWELLERS SINCE 1988**

| ଭୁବନେଶ୍ୱର ରଘୁନାଥପୁର | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର |
|---|---|---|---|---|---|
| 0674-2469149/150/151 | 0674-2534016/17/18 | +91-99372 29625 | 0680-2229401/02/04 | 0671-2302505/3505/4505 | 011-45769564 |

ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ | Bhubaneswar, Saturday, November 11/2023 | ପୃଷ୍ଠା-୧





**ଇଲାୟାରାଜାଙ୍କ ବାୟୋପିକ୍‌ରେ ଧନୁଷ୍**
ସାଉଥ୍ ଅଭିନେତା ଧନୁଷ ଖ୍ୟାତନାମା ସଙ୍ଗୀତଜ୍ଞ ଇଲାୟାରାଜାଙ୍କ ଚରିତ୍ରରେ ନଜରକୁ ଆସିବେ। ୦୮

୧୨ **ଡୁସେନଙ୍କ ଦୃଢ଼ ବ୍ୟାଟିଂ**
ରସି ଭାନ୍ ଡର ଡୁସେନ ଦୃଢ ବ୍ୟାଟିଂ କରି ଆଫଗାନିସ୍ତାନ ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ବିଜୟୀ କରାଇଛନ୍ତି।




# ଶ୍ରୀମନ୍ଦିରରେ ଦଳାଚକଟା: ୨୦ ଆହତ



ମହାପ୍ରଭୁଙ୍କ ଦର୍ଶନ ପାଇଁ ଶୁକ୍ରବାର ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁ ଓ ହବିଷିଆଳିଙ୍କ ଭିଡ଼।

- ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥାକୁ ଦାୟୀ କଲେ ଭକ୍ତ
- ତୁରନ୍ତ ୪ ଦ୍ୱାର ଖୋଲାଯିବାକୁ ଦାବି
- ଏସ୍‌ପି କହିଲେ ଘଟଣାର ତଦନ୍ତ ହେବ

**ପୁରୀ, ୧୦।୧୧ (ଅଜିତ ମହାନ୍ତି)**

ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ପାଇବା ଆଶାରେ ଦୈନିକ ପୁରୀରେ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ସେହିପରି ପୁରୀରେ ହବିଷିଆଳିମାନେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଫଳରେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେଉଛି। ଭିଡ଼କୁ ପ୍ରତିହତ କରିବା ସହ ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା କୁହାଯାଉଛି। ମାତ୍ର ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳୁଛି। ଶୁକ୍ରବାର ସକାଳେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ଯୋଗୁ ଦଳାଚକଟା ହୋଇ ୨୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଏଥିପାଇଁ ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥାକୁ ଦାୟୀ କରାଯାଉଛି।

ସମ୍ପ୍ରତି କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ପଶ୍ଚିମ ଦ୍ୱାର ଦେଇ ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ରହିଛି। ଶୁକ୍ରବାର ଧନତେରସ ଥିବାରୁ ମା’ ଲକ୍ଷ୍ମୀ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଆଶାତୀତ ଥିଲା। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ସିଂହଦ୍ୱାର ବ୍ୟାରିକେଡ୍ ଖୋଲାଯାଇ ଶ୍ରଦ୍ଧାଳୁ ଓ ହବିଷିଆଳିମାନଙ୍କୁ ଏକକାଳୀନ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ଫଳରେ ସାତପାହାଚ ଓ ଘଣ୍ଟିଦ୍ୱାର ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେବା ସହ ଠେଲାପେଲା ସୃଷ୍ଟି ହୋଇଥିଲା। ଅନେକ ହବିଷିଆଳି ଓ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ଏପରିକି ଜଣଙ୍କ ଉପରେ ଜଣେ ପଡ଼ି ଆହତ ହୋଇଥିଲେ। କେତେଜଣ ଅଣନିଃଶ୍ୱାସୀ ହୋଇପଡ଼ି ଥିବାବେଳେ ଅନ୍ୟ କେତେଜଣଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା। ସେଠାରେ ଦାୟିତ୍ୱରେ ଥିବା ଜେଟିପି, ଓଡ଼ିଶା ପୋଲିସ, ସ୍ୱେଚ୍ଛାସେବୀ, ସେବାୟତମାନେ ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ଶ୍ରୀମନ୍ଦିର ପରିସରସ୍ଥ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ସେମାନଙ୍କୁ ଫ୍ୟାନ୍ ଏବଂ ଏସି ଲଗାଇ ଶୁଆଇ ଦେଇଥିଲେ। ଓଆର୍‌ଏସ୍ ପାଣି ମଧ୍ୟ ପିଇବାକୁ ଦେଇଥିଲେ। ଗୁରୁତର ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଆହତ ହୋଇଥିବା ଜଣେ ଶ୍ରଦ୍ଧାଳୁ କହିଛନ୍ତି, ଦର୍ଶନ ପାଇଁ ଯାଉଥିଲୁ। ପ୍ରବଳ ଗହଳି କାରଣରୁ ହଠାତ୍ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଗରେ ଠିଆହୋଇଥିବା ଲୋକେ ତାଙ୍କ ଉପରେ ପଡ଼ିଯିବାରୁ ସେ ତଳେ ପଡ଼ିଗଲେ। ତାଙ୍କ ସମେତ ସାଥିରେ ଥିବା ସମ୍ପର୍କୀୟଙ୍କ ଗୋଡ଼ରେ ଆଘାତ ଲାଗିଛି। ମେଡିକାଲ ଆସି ☞ପୃଷ୍ଠା–୨

## ଶ୍ରୀଲଙ୍କାକୁ ସସ୍‌ପେଣ୍ଡ କଲା ଆଇସିସି

**ଦୁବାଇ, ୧୦।୧୧ (ପି.ଟି.)**

ସରକାରୀ ହସ୍ତକ୍ଷେପ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଶୁକ୍ରବାର ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)କୁ ସସ୍‌ପେଣ୍ଡ କରିଛି। ଚଳିତ ଦିନିକିଆ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଦଳ ୯ଟି ଗେମ୍‌ରୁ ୭ଟିରେ ପରାଜିତ ହୋଇଥିଲା। ଏହାକୁ ନେଇ ଦେଶର ଖେଳପ୍ରେମୀଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳତଃ ଶ୍ରୀଲଙ୍କା କ୍ରୀଡ଼ା ମନ୍ତ୍ରୀ ଏସ୍‌ଏଲ୍‌ସିକୁ ବହିଷ୍କୃତ କରିଥିଲେ। ମାତ୍ର କୋର୍ଟରେ ଅପିଲ ଦ୍ୱାରା ଏସଏଲସି ପୁନଃ ଅବସ୍ଥାପିତ ହେବାରୁ ଦେଶର କ୍ରିକେଟ ପରିଚାଳନା ପରିଷଦରେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିଲା।






## ୧୫ରେ ଲଘୁଚାପ

**ଉପକୂଳ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା**

**ଭୁବନେଶ୍ୱର, ୧୦।୧୧ (ଅନିଲ ଦାସ)**

ଆସନ୍ତା ୧୩ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ। ୧୫ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଏହା ଡିପ୍ ଡିପ୍ରେସନ(ଅବପାତ)ରେ ପରିଣତ ହୋଇ ଉତ୍ତର ଦିଗକୁ ଗତିକରି ଓଡ଼ିଶା ଉପକୂଳମୁହାଁ ହେବ। ତେବେ ଅବପାତ ବାତ୍ୟାର ରୂପ ନେବା ସମ୍ଭାବନାକୁ ମଧ୍ୟ ଏଡ଼ାଯାଇ ନ ପାରେ। ବାତ୍ୟା ହେବ କି ନାହିଁ ତାହା ଆସନ୍ତା ୩/୪ ଦିନ ମଧ୍ୟରେ ସ୍ପଷ୍ଟ ହେବ। ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ ☞ପୃଷ୍ଠା–୨


**ଆଜିର ସମ୍ପାଦକୀୟ**

**ନିଯୁକ୍ତି ମାନଦଣ୍ଡର ନବୀକରଣ**


## ଟଙ୍କା ଭର୍ତ୍ତି ଗାଡ଼ି ଲୁଟିନେଲେ ଦୁର୍ବୃତ୍ତ

### ବନ୍ଧୁକ ଦେଖାଇ ୧ କୋଟି ୭୩ ଲକ୍ଷ ନେଇଗଲେ

- ମୁହଁରେ କଳା କପଡ଼ା ପିନ୍ଧି ଗାଡ଼ି ରଖି ବାଟ ଓଗାଳିଲେ
- ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୩ ହଜାର ଟଙ୍କା ଲୁଟ୍

**ତିଗିରିଆ, ୧୦।୧୧ (ଜାଫର ଖାଁ)**

ତିଗିରିଆ ଥାନା ଅଞ୍ଚଳରେ ଶୁକ୍ରବାର ୨ ସ୍ଥାନରୁ ଟଙ୍କା ଲୁଟ୍ ହୋଇଛି। ଏହି ଥାନା ଅନ୍ତର୍ଗତ ଗୋଡ଼ିଝରିଆ ନିକଟସ୍ଥ ରାସ୍ତାରୁ ଅପରାହ୍ଣରେ ଏଟିଏମକୁ ଟଙ୍କା ନେଇ ଯାଉଥିବା ଏକ ଭ୍ୟାନ୍‌କୁ ଅଟକାଇ ୧ କୋଟି ୭୩ ଲକ୍ଷ ଟଙ୍କା ଲୁଟି ନିଆଯାଇଛି। ପ୍ରାୟ ୭ରୁ ୮ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଏହି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ତିଗିରିଆ ପୋଲିସ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ମାତ୍ର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଭ୍ୟାନକୁ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପାଇଁ ଘଟଣାସ୍ଥଳରେ ରଖାଯାଇଛି। ସେହିପରି ତିଗିରିଆ ଥାନା ଅନ୍ତର୍ଗତ ସୋମପଡାଠାରୁ ପାଞ୍ଚଗାଁ ମଧ୍ୟରେ ଏକ ନିଛାଟିଆ ରାସ୍ତାରେ ଜଣେ ଘରୋଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୩ ହଜାର ଟଙ୍କା ଲୁଟି ନିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ଆଠଗଡ଼ରୁ ନରସିଂହପୁର ମଧ୍ୟରେ ଥିବା ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବା ଉଦ୍ଦେଶ୍ୟରେ ଏକ ସୁରକ୍ଷା ସଂସ୍ଥାର ଭ୍ୟାନ୍ ୨କୋଟି ଟଙ୍କା ନେଇ ବାହାରିଥିଲା। ଏଥିରେ ଜଣେ ସୁରକ୍ଷାକର୍ମୀ ଓ ୨ ଜଣ ବ୍ୟାଙ୍କ କର୍ମଚାରୀ ଓ ଚାଳକ ମିଶାଇ ୪ ଜଣ ଥିଲେ। ଭ୍ୟାନଟି ଆଠଗଡ଼ର ଶଙ୍କରପୁର ଦେଇଯାଇଥିଲା। ତିଗିରିଆସ୍ଥିତ ଗୋଡ଼ିଝରିଆ ଏଟିଏମ୍‌ରେ ପ୍ରଥମେ ଟଙ୍କା ଭର୍ତ୍ତି କରିଥିଲେ। ଏହାପରେ ଅପରାହ୍ଣ ପ୍ରାୟ ୨ ଟା ୩୦ ମିନିଟରେ ତିଗିରିଆ ଆଡ଼କୁ ଯାଉଥିବା ସମୟରେ ନୂଆସଡ଼କସ୍ଥିତ ତାରିଣୀ ମନ୍ଦିର ନିକଟସ୍ଥ ଆମ୍ବବଗିଚା ପୂର୍ବରୁ ଏକ ପରିତ୍ୟକ୍ତ ରାଇସ୍‌ମିଲ୍ ନିକଟରେ ଏକ ନମ୍ବର ବିହୀନ ଧଳା ସ୍କର୍ପିଓ, ସ୍କୁଟି ଓ ବାଇକ ସେମାନଙ୍କ ବାଟ ଓଗାଳିଥିଲେ। ଏସବୁ ଗାଡ଼ିରେ ଆସିଥିବା ୭ରୁ ୮ ଜଣ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧିଥିଲେ। ସେମାନଙ୍କ ହାତରେ ବନ୍ଧୁକ ସହ ଅନ୍ୟାନ୍ୟ ମାରଣାସ୍ତ୍ର ଥିଲା। ସେମାନେ ସୁରକ୍ଷାକର୍ମୀଙ୍କୁ ଧମକ ଦେବାସହ ସେମାନଙ୍କଠାରୁ ବନ୍ଧୁକ ଛଡାଇ ନେଇ ପାଖ ଜମିକୁ ଫିଙ୍ଗି ଦେଇଥିଲେ। ଏଥିସହ ଗାଡି ଚାଳକ ଓ ୨ ଜଣ ☞ପୃଷ୍ଠା–୨






## ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଟପିଲା

### ଆମେରିକା ସେନ୍‌ସସ୍ ବ୍ୟୁରୋର ଆକଳନ

**ୱାଶିଂଟନ, ୧୦।୧୧**

ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଅତିକ୍ରମ କରିଥିବା ଆମେରିକାର ସେନ୍‌ସସ୍ ବ୍ୟୁରୋ ଆକଳନ କରିଛି। ଜନ୍ମହାର କମିଥିଲେ ମଧ୍ୟ ଲୋକଙ୍କ ଆୟୁଷ ବଢ଼ିଥିବାରୁ ଜନସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ଗତ ସେପ୍ଟେମ୍ବର ୨୬ରେ ଜନସଂଖ୍ୟା ୮୦୦ କୋଟି ଅତିକ୍ରମ କରିଥିଲା। ଅନ୍ୟପକ୍ଷରେ ୨୦୨୨ ନଭେମ୍ବର ୨୨ରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଟପିଥିବା ଜାତିସଂଘ ପୂର୍ବରୁ ଆକଳନ କରିବା ସହ ଉକ୍ତ ଦିନକୁ ‘ଡେ ଅଫ୍ ୮ ବିଲିୟନ’ ଭାବେ ଘୋଷଣା କରିଥିଲା। ବିଭିନ୍ନ ଦେଶରେ ଜନଗଣନା ତରିକା ଅଲଗା ହୋଇଥିବାରୁ ଓ କେତେକ ଦେଶ ଗଣନା କରୁ ନ ଥିବାରୁ ଦୁଇଟି ଆକଳନ ମଧ୍ୟରେ ପାର୍ଥକ୍ୟ ରହୁଛି। କେତେକ ଦେଶରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଲାଗି



ଆବଶ୍ୟକ ବ୍ୟବସ୍ଥା ନାହିଁ। ଭାରତ ଓ ନାଇଜେରିଆ ଭଳି ଜନବହୁଳ ରାଷ୍ଟ୍ର ଏକ ଦଶନ୍ଧିରୁ ଅଧିକ ଦିନ ହେଲା ଜନଗଣନା କରିନାହାନ୍ତି। ପୂର୍ବରୁ ଯେଉଁ ହାରରେ ଜନସଂଖ୍ୟା ବଢୁଥିଲା, ୧୯୬୦ରୁ ୨୦୦୦ ବେଳକୁ ଏହା ଦୁଇଗୁଣ ହୋଇଯିବ ବୋଲି ଅନୁମାନ କରାଯାଉଥିଲା। ଏକବିଂଶ ଶତାବ୍ଦୀ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ଜନସଂଖ୍ୟା ୬୦୦ କୋଟିରୁ ବଢ଼ି ୮୦୦ କୋଟିରେ ପହଞ୍ଚିଛି, ଅର୍ଥାତ୍ ବୃଦ୍ଧି ହାର ପୂର୍ବାପେକ୍ଷା ହ୍ରାସ ହୋଇଛି। ୧୯୬୦ରୁ ୨୦୦୦ ମଧ୍ୟରେ ସଂଖ୍ୟା ଦୁଇଗୁଣ ହୋଇଥିଲା। ବର୍ତ୍ତମାନ ବୃଦ୍ଧିର ମୁଖ୍ୟ କାରଣ ହେଲା ଲୋକମାନେ ଅଧିକ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଛନ୍ତି। ବର୍ତ୍ତମାନ ବୈଶ୍ୱିକ ମଧ୍ୟମ ବୟସ ୩୨ ରହିଛି। ଏହି ଧାରା ଜାରି ରହିଲେ ୨୦୬୦ ବେଳକୁ ମଧ୍ୟମ ବୟସ ୩୯ରେ ପହଞ୍ଚିବ ବୋଲି ଆଶା କରାଯାଉଛି। କାନାଡା ଭଳି ଦେଶରେ ବୟସ୍କଙ୍କ ମୃତ୍ୟୁସଂଖ୍ୟା ହ୍ରାସ ପାଇଥିବାବେଳେ ନାଇଜେରିଆ ଭଳି ଦେଶରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ଯଥେଷ୍ଟ କମିଛି। ଅଧିକାଂଶ ଦେଶରେ ମହିଳାମାନଙ୍କ ସନ୍ତାନ ଜନ୍ମ ହାର ଯଥେଷ୍ଟ ହ୍ରାସ ପାଇଛି। ଜନସଂଖ୍ୟା ସ୍ଥିର ରଖିବାକୁ ହେଲେ ହାରାହାରି ଜନ୍ମହାର ଅନ୍ୟୂନ ୨.୧ ରହିବା ଆବଶ୍ୟକ ବୋଲି ଜନସଂଖ୍ୟା ବିଶେଷଜ୍ଞମାନେ କହିଛନ୍ତି।

**ଆଜିର ମନ୍ତବ୍ୟ**

ଜାତି ଜନଗଣନା ଏକ ବୈପ୍ଳବିକ ପଦକ୍ଷେପ। ଏହା ଜନସାଧାରଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମଣା ପଶିଲା ଗାତେ,**
**ବୋହୂ ଭୁଆସୁଣୀ ହାଟକୁ ଯିବେ,**
**ଓଢ଼ଣା ପଡ଼ିଛି ହାତେ।**

ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ମୁଣ୍ଡରେ ଓଢ଼ଣା ପକାଯାଇଥାଏ। ମଥାରେ ଓଢ଼ଣା ଦେବା ନାରୀର ଲଜ୍ଜାଶୀଳା ଗୁଣକୁ ପରିପ୍ରକାଶ କରିଥାଏ। ଗ୍ରାମ୍ୟ ବୋହୂ ଭୁଆସୁଣୀ ବଜାର ହାଟ ବୁଲିବା ପାଇଁ ଘରୁ ଗୋଡ଼ କାଢ଼ିଥିବା ବେଳେ ନିଜକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ଯାଇ ହାତେ ଲମ୍ବର ଓଢ଼ଣା ଟାଣିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢିଙ୍କି ପଡ଼େ ରସ ରସ;**
**ଚନ୍ଦ୍ରମା ମୁହଁରେ ନାହିଁ ହରଷ**
**ମିଛେ ବୋଲେ ବସ ବସ।**

ମନ ଖରାପ ଥିଲେ ମୁହଁର ଭାବଭଙ୍ଗୀ ଅନେକାଂଶରେ ବଦଳି ଯାଇଥାଏ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପଡ଼ି ଅନ୍ୟ ଆଗରେ ମୁହଁରେ ହସ ଖେଳେଇବାକୁ ପଡ଼ିଥାଏ। ମିଛରେ ଖୁସି ଥିବାର ବାହାନା କରୁଥିବା ଲୋକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ୨୧ରେ ରାଷ୍ଟ୍ରପତିଙ୍କ ୨ଦିନିଆ ସମ୍ବଲପୁର ଗସ୍ତ

## ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନର ଶୁଭାରମ୍ଭ କରିବେ

ସମ୍ବଲପୁର,୧୦।୧୧(ବି.ଶଙ୍କର)

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ୨୧ରେ ଦୁଇଦିନିଆ ସମ୍ବଲପୁର ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ୨୧ରେ ରାଷ୍ଟ୍ରପତି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି କୁଳପତି ପ୍ରଫେସର ବଂଶୀଧର ମାଝି ସୂଚିତ କରିଛନ୍ତି। ସେହିପରି ୨୨ରେ ରାଷ୍ଟ୍ରପତି ପଧାନପାଲି ଛକ ପାବନ ସରୋବରଠାରେ ବ୍ରହ୍ମାକୁମାରୀ ଶିକ୍ଷା ପ୍ରଭାଗ ଆୟୋଜିତ ନୂଆ ଭାରତ ପାଇଁ ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନର ଶୁଭାରମ୍ଭ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପାବନ ସରୋବରଠାରେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ସମ୍ବଲପୁର ଦାନୀବନ୍ଧସ୍ଥିତ ବ୍ରହ୍ମାକୁମାରୀ ପଶ୍ଚିମ ଓଡ଼ିଶା ଉପକେନ୍ଦ୍ରରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ସୂଚନା ଦେଇଛନ୍ତି।

ସେମାନେ ଆହୁରି କହିଥିଲେ, ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶାରୁ ପ୍ରାୟ ୪ହଜାର ପ୍ରତିନିଧିଙ୍କ ସମାଗମ ହେବ। ଯେଉଁମାନେ ଯୋଗଦେବାକୁ ଚାହିଁବେ ସେମାନେ ୧୫ ତାରିଖ ସୁଦ୍ଧା ବ୍ରହ୍ମାକୁମାରୀ ସମ୍ବଲପୁରଙ୍କ ସହାୟତାରେ ପଞ୍ଜୀକରଣ କରିପାରିବେ। ପ୍ରତିନିଧିମାନେ ନିଜ ସାଥିରେ ଏଣ୍ଟ୍ରି କାର୍ଡ ଓ ଆଧାର କାର୍ଡ ଧରିବା ଅତ୍ୟନ୍ତ ଜରୁରୀ। ସାଙ୍ଗରେ ବ୍ୟାଗ୍, ପାଣି ବୋତଲ, ମୋବାଇଲ ଫୋନ୍ ନେବାକୁ ବାରଣ କରାଯାଇଛି। ପ୍ରତିନିଧିମାନଙ୍କ ସକାଶେ ବାଇକ୍, କାର୍, ବସ୍ ପାର୍କିଂ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମର ସମାପ୍ତି ପରେ ପୂର୍ବାହ୍ନ ୧୦ରୁ ୧୧ ବ୍ରହ୍ମାକୁମାରୀ ଶିକ୍ଷା ପ୍ରଭାଗର ଅଧ୍ୟକ୍ଷ ବ୍ରହ୍ମାକୁମାର ଡ. ମୃତ୍ୟୁଞ୍ଜୟ ଓ ଉପାଧ୍ୟକ୍ଷା ବ୍ରହ୍ମାକୁମାରୀ ରାଜଯୋଗିନୀ ସିଲୁ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁରସ୍ଥିତ ପଶ୍ଚିମ ଓଡ଼ିଶାର ଉପକ୍ଷେତ୍ର ସଞ୍ଚାଳିକା ରାଜଯୋଗିନୀ ପାର୍ବତୀ, ବ୍ରହ୍ମାକୁମାର ନଥମଲ ଓ ବ୍ରହ୍ମାକୁମାରୀ ଦୀପା ଉପସ୍ଥିତ ଥିଲେ।



# ରାଜଧାନୀରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

- **ଅଟୋ ଡ୍ରାଇଭରଙ୍କ ସମେତ ୨ ଗିରଫ**
- **ଆଳୁ-ପିଆଜ ବୋଝେଇ ଗାଡ଼ିରେ ପଶ୍ଚିମବଙ୍ଗରୁ ଆଣିଥିଲେ**

ଭୁବନେଶ୍ୱର,୧୦।୧୧
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ଦୀର୍ଘଦିନ ଧରି ବେଆଇନ ଭାବେ ନିଶାଦ୍ରବ୍ୟ କାରବାର କରୁଥିବା ୨ ନିଶା ବେପାରୀଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ଗ୍ରାହକ ସାଜି ଧରିବାରେ ସଫଳ ହୋଇଛି। ଏହାସହ ସେମାନଙ୍କଠାରୁ ୧ କେଜି ୧୨ ଗ୍ରାମ ବ୍ରାଉନସୁଗାର ଓ ନିଶା କାରବାରରେ ବ୍ୟବହୃତ ୨ଟି ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ନିରଞ୍ଜନ ପାଟଯୋଶୀ (୩୧) ଓ ପ୍ରଦୀପ୍ତ କୁମାର ସାହୁ। ଜବତ ବ୍ରାଉନସୁଗାରର ମୂଲ୍ୟ ୧ କୋଟିରୁ ଅଧିକ ଟଙ୍କା ହେବ। ନିରଞ୍ଜନ ଜଣେ ଅଟୋ ଡ୍ରାଇଭର ହୋଇଥିବାବେଳେ ପଶ୍ଚିମବଙ୍ଗରୁ ଆଳୁ ଓ ପିଆଜ ଭର୍ତ୍ତି ଗାଡିରେ ବ୍ରାଉନସୁଗାର ଆଣି ଭୁବନେଶ୍ୱର ସମେତ ପୁରୀରେ ବିକ୍ରି କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସେହିପରି ପ୍ରଦୀପ୍ତ କୁକୁଡା ଦାନା ବିକ୍ରି କରୁଥିବା ଜଣାପଡିଛି। ସେମାନେ ଏହି ବ୍ରାଉନସୁଗାର କାହାଠାରୁ ଆଣୁଥିଲେ ଓ କେଉଁମାନଙ୍କୁ ଦେଉଥିଲେ ତାହାର ଖୋଳତାଡ ଚଳାଇଛି ପୋଲିସ। ଅଭିଯୁକ୍ତଦ୍ୱୟ ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ଆଣି ବିକ୍ରି କରୁଥିବା ସ୍ପେଶାଲ କ୍ରାଇମ୍ ୟୁନିଟ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏହାପରେ ସେମାନଙ୍କୁ ଧରିବା ଲାଗି ପୋଲିସ ଗ୍ରାହକ ଓ ଟ୍ରକ ଡ୍ରାଇଭର ସାଜି ଦୀର୍ଘ ମାସେ ହେବ ତଥ୍ୟ ଯୋଗାଡ କରି ଶେଷରେ ଫୁଲେଶ୍ୱରୀ ବସ୍ତିରୁ ଧରିବାରେ ସଫଳ ହୋଇଥିଲା। ଅପରପକ୍ଷେ ଗତ ମେ'ରୁ ଏଯାବତ ସ୍ପେଶାଲ କ୍ରାଇମ ୟୁନିଟ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୧ କେଜି ୪୨୦ ଗ୍ରାମ ବ୍ରାଉନସୁଗାର, ୨୩୦ କେଜି ଗଞ୍ଜେଇ ଜବତ କରିଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।



ଗିରଫ ୨ ନିଶା ବେପାରୀ

## ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା

# ଝାଡ଼ଖଣ୍ଡ ଏସ୍‌ଟିଏ ମୁଖ୍ୟ ଗିରଫ

- **ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ୧୫.୫୩ ଲକ୍ଷ ଟଙ୍କା ଫ୍ରିଜ୍**
- **ଗିରଫ ସଂଖ୍ୟା ୪ରେ ପହଞ୍ଚିଲା**

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ୍ ରାଉତ)

'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ ସମ୍ପୃକ୍ତ ଆଉଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଝାଡ଼ଖଣ୍ଡରୁ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ଧାନବାଦ୍ ଜିଲା ନିର୍ସା ଥାନା ଅଞ୍ଚଳର ସୁଶିଲ୍ କୁମାର ଗୁଡ୍ଡୁ। ଅଭିଯୁକ୍ତ ସୁଶୀଲ ଏସ୍‌ଟିଏ ପ୍ରତିଷ୍ଠାତା ସଦସ୍ୟ ଓ ଝାଡ଼ଖଣ୍ଡ ଏସ୍‌ଟିଏର ମୁଖ୍ୟ। ସୁଶୀଲ୍‌ଙ୍କୁ ବୁଧବାର ଗିରଫ କରାଯିବା ପରେ ଧାନବାଦ୍ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ୩ଦିନିଆ ରିମାଣ୍ଡରେ ଅଣାଯାଇ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସୁଶୀଲ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ, ଓଡ଼ିଶା ମୁଖ୍ୟ ନୀରୋଦ ଦାସ ଓ ପ୍ରୋପାଗଣ୍ଡା ମୁଖ୍ୟ ତଥା ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍ ରତ୍ନାକର ଦଳାଇଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ଏବେ ଗିରଫ ସଂଖ୍ୟା ୪ରେ ପହଞ୍ଚିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି। ତେବେ ଏହି ମହାଠକେଇର ମାଷ୍ଟରମାଇଣ୍ଡ ତଥା ଏସ୍‌ଟିଏ ଟୋକନ୍‌ର ମୁଖ୍ୟ ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ୍ ଓ ୩ ଟପ୍ ଅପ୍-ଲାଇନ୍ ମେମ୍ବର କ୍ରିଷ୍ଣା କୁମାର, ଅନିଲ କୁମାର ଓ ଭୁରା ରାମ୍‌ଙ୍କ ବିରୋଧରେ ମଧ୍ୟ ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି ହୋଇଛି। ତେବେ ଗିରଫ ଅଭିଯୁକ୍ତ ସୁଶୀଲ୍ ହେଲେ ଗୁର୍‌ତେଜ୍‌ଙ୍କ ଡାଉନ୍ ଲାଇନ୍ ମେମ୍ବର ଓ ଓଡ଼ିଶା ମୁଖ୍ୟ ନୀରୋଦଙ୍କ ସେ ଅପ୍ ଲାଇନ୍ ମେମ୍ବର। ତେବେ ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଏସ୍‌ଟିଏର ସୁଶୀଲ୍ ତାଙ୍କ ତଳେ ପ୍ରାୟ ହଜାର ଡାଉନ୍ ଲାଇନ୍ ମେମ୍ବର କରିଥିବା ଇଓଡବ୍ଲ୍ୟୁ ତଦନ୍ତରୁ ଜାଣିବାକୁ ପାଇଛି। ସେ ଡାଉନ୍ ଲାଇନ୍ ମେମ୍ବରଙ୍କଠାରୁ ବେଆଇନ ଭାବେ ୪କୋଟି ଟଙ୍କା ନେଇଛନ୍ତି। ତାଙ୍କର ଗୋଟିଏ ଦିନର ରୋଜଗାର ୮୦ ହଜାର ଥିବାବେଳେ ଏସବୁ ଠକେଇ ଟଙ୍କାରେ ସେ ବହୁ ସମ୍ପତ୍ତି କରିଛନ୍ତି। ଅନ୍ୟପକ୍ଷରେ କ୍ରିପ୍ଟୋ ନିବେଶକୁ ଆଳ କରି ବିଭିନ୍ନ ଗ୍ରୁପ୍‌ରେ ସୁଶୀଲ୍ ସଦସ୍ୟ ରହିଛନ୍ତି। ତେବେ ତଦନ୍ତବେଳେ ସୁଶୀଲଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୫.୫୩ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, 'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍'ରେ ଟଙ୍କା ନିବେଶ କଲେ ଦିନକୁ ୨୦ରୁ ୩ ହଜାର ଡଲାର ରୋଜଗାର କରିପାରିବେ ବୋଲି ଲୋଭ ଦେଖାଯାଉଥିଲା। ଏପରିକି ବୋନସ୍ ଓ ରେଫରାଲ ପାଇଁ ଲିଡରଶିପ୍ ପଦ ମଧ୍ୟ ଦିଆଯାଉଥିଲା। ବିଶ୍ୱାସ ଭାଜନ ହେବା ପାଇଁ ବଲିଉଡ୍ ଷ୍ଟାର୍ ଗୋବିନ୍ଦାଙ୍କୁ ମଧ୍ୟ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରି ତାଙ୍କ ଦ୍ୱାରା ପ୍ରଚାର ପ୍ରସାର କରାଇଥିଲେ ଡେଭିଡ୍ ଓ ଗୁର୍‌ତେଜ୍। ଏମାନେ ଭାରତର ବିଭିନ୍ନ ସ୍ଥାନକୁ ଯାଇ ଇଭେଣ୍ଟ କରି ସଦସ୍ୟ ଯୋଗାଡ଼ କରିଥିଲେ। ଓଡ଼ିଶାର ରୀନା ବେହେରା ନାମ୍ନୀ ମହିଳାଙ୍କ ଅଭିଯୋଗକ୍ରମେ ଜୁଲାଇରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୨୨/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।


ଗିରଫ ଅଭିଯୁକ୍ତ ସୁଶିଲ୍ କୁମାର ଗୁଡ୍ଡୁ

# କୋଟିପତି ଆୟୁର୍ବେଦ କଲେଜ ଅଧ୍ୟକ୍ଷ ଗିରଫ

## ଆୟଠାରୁ ୧୧୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଲାଙ୍ଗୀର ଜିଲା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ ଅଧ୍ୟକ୍ଷ ସୁଦର୍ଶନ ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ପକ୍ଷରୁ ହୋଇଥିବା ଚଢ଼ାଉରେ ସୁଦର୍ଶନଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ସୁଦର୍ଶନ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଶୁକ୍ରବାର ତାଙ୍କ ନାମରେ ଏକ ମାମଲା (ନଂ.୩୨/୨୦୨୩) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁଦର୍ଶନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁରସ୍ଥିତ ସୁଦର୍ଶନଙ୍କ ଘର, ସମ୍ବଲପୁର ବୁର୍ଲା ସିଆର୍‌ପିଏଫ୍ କ୍ୟାମ୍ପସ୍ଥିତ ସ୍ତ୍ରୀଙ୍କ କ୍ୱାର୍ଟର ସମେତ ବଲାଙ୍ଗୀର, ପୁରୀ ଓ ସମ୍ବଲପୁରର ୭ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସୁଦର୍ଶନଙ୍କ ୨୮ଟି ପ୍ଲଟ୍ ସମେତ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ବ୍ଲକ୍ ଛକରେ ଏକ ୪ ମହଲା କୋଠା, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନହଳାସ୍ଥିତ ଦୁଇ ମହଲା କୋଠା, ଗୋପ ସୋରିସିଆପଡ଼ାସ୍ଥିତ କୋଠା ଠାବ ହୋଇଥିଲା। ସେହିଭଳି ୨୫୦ ଗ୍ରାମର ସୁନା ଅଳଙ୍କାର, ୩ଟି ଚାରିଚକିଆ ଯାନ(ସମସ୍ତ ଗାଡ଼ି ନମ୍ବର ୩୨୩୨) ଓ ଦୁଇଟି ବାଇକ ଠାବ ହୋଇଥିଲା। ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ସୁଦର୍ଶନ ବେହେରା

## ଶ୍ରୀମନ୍ଦିରରେ ଦଳାଚକଟା...

ଚିକିତ୍ସିତ ହେଉଛୁ। ଚାରିଦ୍ୱାର ଖୋଲା ନ ଯିବା ଏବଂ ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥା ଯୋଗୁ ଏଭଳି ଘଟଣା ଘଟିଲା। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ମନୋଜ ସାହୁଙ୍କ କହିବା ଅନୁଯାୟୀ, ସକାଳେ ହବିଷିଆଳିଙ୍କୁ ନେଇ ମନ୍ଦିରକୁ ଯାଇଥିଲୁ। ଘଣ୍ଟିଦ୍ୱାରଠାରେ ହଠାତ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଫଳରେ ଜଣଙ୍କ ଉପରେ ଜଣେ ପଡ଼ିଯାଇଥିଲେ। ତେଣୁ କେତେଜଣ ହବିଷିଆଳିଙ୍କ ସମେତ ପ୍ରାୟ ୨୦ ଜଣ ଭକ୍ତ ଆହତ ହୋଇଛନ୍ତି। ଏସ୍‌ପି କନୱର ବିଶାଲ ସିଂହ ଦଳାଚକଟା ବା ଠେଲାପେଲା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦର୍ଶନ ବ୍ୟବସ୍ଥା ଭଲରେ ହେଉଛି। ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିବା କେତେଜଣ ବୟସ୍କ ବ୍ୟକ୍ତି ଗହଳି କାରଣରୁ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବାରୁ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହି ଘଟଣାର ତଦନ୍ତ କରାଯିବ। ଭକ୍ତଙ୍କ ସୁବିଧା ପାଇଁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଉ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ବ୍ୟଗ୍ରତା ଦେଖିବାକୁ ମିଳୁଛି। ଫଳରେ ଭିଡ଼ ହୋଇ ଠେଲାପେଲା ପରିସ୍ଥିତି ଉପୁଜୁଛି। ବୟସ୍କ ବ୍ୟକ୍ତିମାନେ ତଳେ ପଡ଼ିଯାଉଥିବା ଦେଖିବାକୁ ମିଳୁଛି। ସମସ୍ତ ଭକ୍ତ ଯେପରି ଦର୍ଶନ କରି ଭଲରେ ଯିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ ନ ଥିବାରୁ ଅଧିକାଂଶ ସମୟରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ବଡ଼ଦାଣ୍ଡ ଏବଂ ବ୍ୟାରିକେଡ୍ ଭିତରେ ଠିଆହେଇ ରହୁଛନ୍ତି। ଫଳରେ ସେମାନେ ଅନେକ ସମସ୍ୟା ଭୋଗୁଛନ୍ତି। ବିଶେଷକରି ବୟସ୍କ ଓ ପିଲାମାନେ ହଇରାଣ ହେଉଛନ୍ତି। ଆଗକୁ ପଞ୍ଚକ ଥିବାରୁ ଅଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ସହ ତୁରନ୍ତ ୪ ଦ୍ୱାର ଖୋଲାଯିବାକୁ ଭକ୍ତଙ୍କ ପକ୍ଷରୁ ଦାବି ହେଉଛି।

## ୧୫ରେ ଲଘୁଚାପ....

କରିବା ବେଳେ କୋହଲିଆ ପବନ ସହ ବର୍ଷା ହେବ। ଏହାର ପ୍ରଭାବରେ ଆସନ୍ତା ୧୫ରୁ ୨୦ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଓ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲା ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୬୦ରୁ ୭୦ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ଗତ କିଛିଦିନ ହେବ ରାଜ୍ୟରେ ପାରଦ ତଳମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୩, ଦାରିଙ୍ଗବାଡ଼ି ୧୩, ନବରଙ୍ଗପୁର ୧୫, ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଟଙ୍କା ଭର୍ତ୍ତି ଗାଡ଼ି ...

କର୍ମଚାରୀଙ୍କଠାରୁ ମୋବାଇଲଫୋନ ଛଡ଼େଇ ନେଇଥିଲେ। ଏହାପରେ ଟଙ୍କା ଭର୍ତ୍ତି ଟ୍ରଙ୍କ୍ ନେଇ ରେଙ୍ଗାଲି କେନାଲ ରାସ୍ତାରେ ପଳାଇ ଯାଇଥିଲେ। କିଛି ବାଟ ଗଲା ପରେ ମୋବାଇଲଫୋନଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ଖବରପାଇ ତିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ, ଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଏସପି କେ. ପି ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରି ଏହା ଉପରେ ନଜର ରଖିଥିବା କହିଛନ୍ତି। ସେହିପରି ସୋମପଡ଼ା-ପାଞ୍ଚଗାଁ ନିଛାଟିଆ ରାସ୍ତାରେ ହୋଇଥିବା ଲୁଟ୍ ଘଟଣାରେ ୩ ଜଣ ଯୁବକ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀ ପ୍ରତାପ କୁମାର ସାହୁ ତିଗିରିଆ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ସୋମପଡ଼ାରୁ ଟଙ୍କା ଆଦାୟ କରି ଏକ ବାଇକ୍ ଯୋଗେ ଦିନ ପ୍ରାୟ ୧୨ଟା ୩୦ରେ ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ଏକ ନମ୍ବରବିହୀନ ପଲ୍‌ସର ଗାଡ଼ିରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲେ। ଏଥିସହ ତାଙ୍କ ପାଖରେ ଥିବା ଟଙ୍କା ବ୍ୟାଗ୍‌କୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଗୋଟିଏ ଦିନରେ ତିଗିରିଆ ଥାନା ଅଞ୍ଚଳରେ ୨ଟି ଲୁଟ୍ ମାମଲା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ରହିଥିଲେ ମଧ୍ୟ ସରକାରୀସ୍ତରରୁ ସାହାଯ୍ୟ ସମ୍ଭାବନା ରହିଛି। ଅପ୍ରିୟ ସତ୍ୟ ଭାଷଣଜନିତ ବନ୍ଧୁ ସମ୍ପର୍କରେ ନ୍ୟୂନତା ଦେଖାଦେଇପାରେ। କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ବୃଷ**
ଶୁକ୍ର ଉପଚୟାଧିପତି ଚନ୍ଦ୍ରଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟରେ ଅବନତି ଘଟିବ। ରବିଙ୍କ ଦୁର୍ବଳତା ପାରିବାରିକ ଆବଶ୍ୟକତା ପୂରଣ ପାଇଁ ଚିନ୍ତିତ କରାଇପାରେ। ପ୍ରତିବନ୍ଧକ ହଟାଇବା ସକାଶେ ବନ୍ଧୁଙ୍କ ସହଯୋଗ ଆବଶ୍ୟକ କରିବେ। ସାମାଜିକସ୍ତରରେ ସମ୍ମାନ ପାଇବେ ଓ ଚେଷ୍ଟା କରୁଥିବା କାମରେ ସାମାନ୍ୟ ଅଗ୍ରଗତି ଘଟିବ।

**ମିଥୁନ**
ତୃତୀୟାଧିପଙ୍କ ବଳହୀନତା କାରଣରୁ ବନ୍ଧୁମାନେ ଦୂରେଇ ରହୁଥିଲେ ମଧ୍ୟ ଠିକ୍ ସମୟରେ ସାହାଯ୍ୟ କରିବେ। ପଡ଼ୋଶୀମାନେ ଆନୁଷଙ୍ଗିକ ପ୍ରେରଣା ଯୋଗାଇପାରନ୍ତି। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅଫିସିଆଲି କାମରେ ତର୍କ ଓ ବିବାଦ ବୃଦ୍ଧି ପାଇବାର ଆଶଙ୍କା ରହିଛି।

**କର୍କଟ**
ରାଶ୍ୟାଧିପତିଙ୍କ ସହ ଶନିଙ୍କ ଷଡ଼ାଷ୍ଟକ ସ୍ଥିତି ରହିଥିବାରୁ ଏକାଧାରରେ ଦୈହିକ ଓ ମାନସିକସ୍ଥିତି ଭଲ ରହିବ ନାହିଁ। ଯିଏ ଯାହା କହିଲେ ଚିକିଏ ଚିକିଏ କଥାରେ ଚିଡ଼ିଚିଡ଼ି କିମ୍ବା ବିରକ୍ତି ଲାଗିବ। ଅନ୍ୟମାନଙ୍କ କଥାକୁ ଭିନ୍ନାର୍ଥରେ ଗ୍ରହଣକରି ଅଶାନ୍ତ ରହିପାରନ୍ତି। ଅର୍ଥ ସମ୍ପର୍କ, ସହକର୍ମୀଙ୍କ ସହଯୋଗ, ଉପରିସ୍ଥଙ୍କ ସହ ଆଲୋଚନାଦି ମନ୍ଦ ହେବନାହିଁ।

**ସିଂହ**
ପାପଗ୍ରହଯୁକ୍ତ ନୀଚସ୍ଥ ରବିଜନିତ ସମସ୍ୟାର ସମାଧାନ ନ ହେଉଣୁ ଅନ୍ୟ ଏକ ସମସ୍ୟା ମୁଣ୍ଡଟେକିବ। ପାରିବାରିକ ସ୍ତରରୁ କୌଣସି ବିଭ୍ରାନ୍ତିକର ଖବର ଅସ୍ଥିରତାର କାରଣ ହୋଇପାରେ। ସମ୍ପର୍କୀୟଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**କନ୍ୟା**
ଶୁଭଗ୍ରହ ପ୍ରଭାବରେ କାମ ହାସଲର ଲକ୍ଷ୍ୟନେଇ ଅନ୍ୟମାନଙ୍କୁ ମନେଇବାରେ ସଫଳ ହେବେ। ଆର୍ଥିକ ଦିଗଟି ଭଲ ରହିବା କାରଣରୁ କୌଣସି କାମ ଅଟକିବ ନାହିଁ। ସାଧାରଣ କଥାରେ କ୍ରୋଧିତ ହେଲେ ପରିସ୍ଥିତି ବିଗିଡିଯାଇ ପାରେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କରିବା ଠିକ୍ ହେବନି।

**ତୁଳା**
ପରିସ୍ଥିତିକୁ ଦେଖି କାମ କରି ଜାଣିଲେ କୌଣସି ଅସୁବିଧା ହେବନାହିଁ। ପାପଗ୍ରହଯୁକ୍ତ ମଙ୍ଗଳ ଯୋଗୁ ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚଜନିତ ମନସ୍ତାପ କରିପାରନ୍ତି। ଠିକ୍ କଥା ବନ୍ଧୁମାନଙ୍କୁ ଖୁସି କରାଇବା ବଦଳରେ ଓଲଟା ପ୍ରତିକ୍ରିୟା ସୃଷ୍ଟି କରିବ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ବିଛା**
ଅଷ୍ଟମାଧିପତି ରାଶିରେ ରହିଥିବାରୁ ଅତୀତର ବିବାଦୀୟ କଥା ଆଜିର ମୁଖ୍ୟଚିନ୍ତା ହୋଇପାରେ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। ସାଙ୍ଗସାଥୀମାନଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ**
ଯାହା ଚିନ୍ତା କରୁଥିବେ ତାହାର ଓଲଟା କାମ ମନକୁ ଭାରାକ୍ରାନ୍ତ କରିବ। ମନ ମୋହିଲାଭଳି କଥା ଓ ସୁନ୍ଦର ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ଆତ୍ମୀୟମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିପାରନ୍ତି।

**ମକର**
ଭାଗ୍ୟସ୍ଥାନରେ ଶୁକ୍ର ଓ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଶୁଭଦାୟକ ହେବ। ବହୁତଦିନରୁ ଦେଖିନଥିବା ବନ୍ଧୁ କିମ୍ବା କଥା କହୁନଥିବା ଅନ୍ତରଙ୍ଗଟି ପାଇଁ ମନ ଛଟପଟ ହୋଇପାରେ। ଶିଳ୍ପ, ବାଣିଜ୍ୟ, କଳା ସାହିତ୍ୟ, ସାମ୍ବାଦିକତାରେ କୌଣସି ଅସୁବିଧା ହେବନାହିଁ। ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରୁ ଆନନ୍ଦ ପାଇବେ।

**କୁମ୍ଭ**
କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। କୌଣସି ସ୍ୱର୍ଣକାତର କଥାରେ ଚିହ୍ନା ପଡ଼ନ୍ତୁନାହିଁ।

**ମୀନ**
କର୍ମକ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଆପଣଙ୍କୁ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମାନସିକ ସୁସ୍ଥତା ରହିବ ନାହିଁ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବାର ସମ୍ଭାବନା ରହିଛି।

ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର, ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମୌଲାନା ଆବୁଲ୍ କଲାମ୍ ଆଜାଦ୍‌ଙ୍କ ଜୟନ୍ତୀ, ଧନ୍ୱନ୍ତରୀ ଜୟନ୍ତୀ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୭।୨୫ ଗତେ ଘ.୦୮।୪୩ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୪୩ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।



Reliance
Growth is Life
SMART BAZAAR
SMART SUPERSTORE
ଫେଷ୍ଟିଭାଲ୍ ସେଲ୍
1st NOV - 15th NOV
ଫେଷ୍ଟିଭାଲ୍‌କୁ ବେଷ୍ଟିଭାଲ୍ ବନାନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
ଭୁବନେଶ୍ୱର: ଫୋରମ ମାର୍ଟ, ସତ୍ୟ ନଗର ● ନେକ୍ସସ୍ ଏସପ୍ଲାନେଡ୍ ମଲ୍, ରସୁଲଗଡ଼ ● ସିମ୍ଫୋନୀ ମଲ୍, ରୁଦ୍ରପୁର ● ଡିଏନ୍ ରେଗାଲିଆ, ପାତ୍ରପଡ଼ା ● କ୍ରିଷ୍ଟା ପ୍ଲାଜା, ନୟାପଲ୍ଲୀ ● ସେଣ୍ଟ୍ରାଲ ବ୍ୟାଙ୍କ ପାଖ, ସାମନ୍ତରାପୁର ● ରିଲାଏନ୍ସ ମଲ , ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ ● ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ ● ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ । କଟକ : ଏନଏସ୍‌ସିବି ଆର୍କେଡ୍, ଓଲ୍ଡ ଜେଲ ରୋଡ୍, ଦରଘା ବଜାର ● ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ଚୌଦ୍ୱାର ● ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର ● କିତାବମହଲ ନିକଟ, କଲେଜ ଛକ ● ଇପିକଲ ସର୍କଲ ନିକଟ, ଜଗତପୁର ଯାଜପୁର ରୋଡ୍ : ଉତ୍କଳ ସେଣ୍ଟ୍ରାଲ ପଏଣ୍ଟ, ଚୋର୍ଧା ବାଇପାସ୍, କେନ୍ଦୁଝର : କେଟିଏମ୍ ମଲ, ମାଇନିଂ ରୋଡ୍, ସମ୍ବଲପୁର : ସିଟି ସେଣ୍ଟର, ଫାର୍ମ ରୋଡ୍, ଝାରସୁଗୁଡ଼ା : ଶାନ୍ତି ସିଟି ସେଣ୍ଟର, ସରବହାଲ ରୋଡ୍ ରାଉରକେଲା : ଶାନ୍ତି ଟାଓ୍ୱର, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ ● ପ୍ଲୁଟୋନ୍ ମଲ, ଛେଣ୍ଡ କଲୋନୀ ନିକଟ, ଜୟପୁର : ଏସଆର୍ ସେଣ୍ଟ୍ରାଲ ମଲ, ମେନ୍ ରୋଡ୍, ପୁରୀ : ଗୁରୁ ଏମ୍ପାୟର, ଗ୍ରାଣ୍ଡ ରୋଡ୍, ଯାଜପୁର ରୋଡ୍ : ଚୋର୍ଧା ବାଇପାସ୍ ନିକଟ , ଭଦ୍ରକ : ଚାପୁଳିଆ ବାଇପାସ୍,ବାଲେଶ୍ୱର: ଷ୍ଟେସନ ରୋଡ଼ ବାରିପଦା: କେ ଏମ ବି ଏମ ରୋଡ଼ ସମ୍ବଲପୁର: ବୁଢାରାଜା ଫ୍ଲାଏ ଓଭର ନିକଟରେ ଝାରସୁଗୁଡା : ସରବାହାଲ ରୋଡ଼ ସୁନ୍ଦରଗଡ଼ : ହସ୍ପିଟାଲ ରୋଡ୍, ରାଉରକେଲା : ଫୋରମ ଗ୍ୟାଲେରିଆ ମଲ୍,ବରଗଡ : ପ୍ରାଇଭେଟ୍ ବସ ଷ୍ଟାଣ୍ଡ ନିକଟରେ, ବଲାଙ୍ଗୀର : ଭାଗୀରଥୀ ଛକ, ଖୋର୍ଦ୍ଧା : ନୂଆ ବସ ଷ୍ଟାଣ୍ଡ ନିକଟ,ଢେଙ୍କାନାଳ : ଦକ୍ଷିଣକାଳୀ ରୋଡ୍, ଅନୁଗୁଳ : ଦିବ୍ୟା ଜ୍ୟୋତି ଟକିଜ୍, କେନ୍ଦ୍ରାପଡା : ତିନିମୁହାଣୀ ଛକ ନିକଟ , ରାୟଗଡ଼ା : ଭି.କେ ସେଣ୍ଟ୍ରାଲ,ସିମିଳିଗୁଡ଼ା : ମେନ୍ ରୋଡ୍, ମାଲକାନଗିରି: ଏନଏଚ୍-326, କଲେକ୍ଟର ଅଫିସ୍ ନିକଟ
ସ୍ୱିଟ୍ସ୍
BUY ANY 1 GET ANY 1 FREE
କାଜୁ କଟ୍ରୀ / ବର୍ଫି /ରସଗୁଲା / ଗୁଲାବ ଜାମୁନ / ମାଇସୋର୍ ପ୍ୟାକ୍ / ସୋନପାପଡି / ବେସନ୍ ଲଡୁ 200 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର) (ବିକାଜୀ / ପ୍ରଭୁଜୀ / ଭିଖାରାମ ଚାନ୍ଦମାଲ / ସ୍ନାକ୍‌ଟ୍ୟାକ୍ / ଲାଲ)
MRP ₹159 ତେଣିକି
ଡ୍ରାଏ ଫ୍ରୁଟ୍ସ୍
BUY 1 GET 1 FREE
ଡ୍ରାଏ ଫ୍ରୁଟ୍ସ୍ ଗିଫ୍ଟ ପ୍ୟାକ୍ 225 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର) (ଗୁଡ୍ ଲାଇଫ୍/ ଫ୍ୟୁଏସୀ / ନଟରାଜ୍/ ଓଷେଲାଣ୍ଡ / ନଟ୍ରେଲେ)
MRP ₹399 ତେଣିକି
₹349 / ₹369
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କାଜୁ (W320) 500 g
MRP ₹549 / ₹499
ସଞ୍ଚୟ ₹200 / ₹130
ହୋମ୍ ଏସେନସିଆଲ୍ସ୍
₹49 ତେଣିକି
PHILIPS ECOLINK ଦିୱାଲୀ ଡେକୋରେସନ୍ (ଏଲ୍‌ଇଡି ଲାଇଟ୍ସ / ଦୀପ / ରଙ୍ଗୋଲି / ତୋରଣ / ଟି-ଲାଇଟ୍ସ)
MRP ₹140 ତେଣିକି
₹699
24 ପିସ୍ ଷ୍ଟେନଲେସ୍ ଷ୍ଟିଲ୍ ଡିନର ସେଟ୍
MRP ₹2400 ତେଣିକି
50% ଛାଡ଼
ଫର୍ଚ୍ଚେ ନନ୍ ଷ୍ଟିକ୍ ରେଞ୍ଜ୍ ହିଟ୍ ଡଟ୍ ଟେକ୍ନୋଲୋଜି ସହିତ
MRP ₹1295 ତେଣିକି
ସ୍ମାର୍ଟ ପ୍ରାଇସ୍ ₹648 ତେଣିକି
କ୍ୟାଡବରୀ ସେଲିବ୍ରେସନ୍ / ଫେରେରୋ ରୋଚର୍ ଚକୋଲେଟ୍ / ଲୋଟି / ଓରିଅନ୍ ଚୋକୋ ପାଇ 130.9 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
ପର୍ଯ୍ୟନ୍ତ 33% ଛାଡ଼
MRP ₹135 ତେଣିକି
ଅମୁଲ କାଜୁ କଟ୍ରୀ 200 g / 500 g
ସଞ୍ଚୟ ₹20/ ₹50
MRP ₹190 / ₹435
ସ୍ମାର୍ଟ ପ୍ରାଇସ୍ ₹170 / ₹385
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹120 ତେଣିକି / ୟୁନିଟ
କୋକାକୋଲା/ ସ୍ପ୍ରାଇଟ / ଥମ୍ସ ଅପ୍ / ମାଜା / ପେପ୍‌ସୀ / ମିରିଣ୍ଡା 600 ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 3 GET ANY 1 FREE
MRP ₹38 ତେଣିକି / ୟୁନିଟ
ପ୍ରଭୁଜୀ ଭୁଜିଆ 900 g
BUY 1 GET 1 FREE
MRP ₹390 ତେଣିକି
ଓମ୍‌ଫେଡ୍ ଘିଅ 1 ℓ
ସ୍ମାର୍ଟ ପ୍ରାଇସ୍ ₹685
MRP ₹720
ସଞ୍ଚୟ ₹35
ଫର୍ଚ୍ଚୁନ୍ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍‌ଥ ତେଲ 5 ℓ + ଫର୍ଚ୍ଚୁନ୍ ରୋଜାନା ବାସମତି ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹949
କମ୍ବୋ MRP ₹1425
ସଞ୍ଚୟ ₹476
ଲୁଜ୍ ସ୍ୱର୍ଣ୍ଣ ରାଇସ୍ 1 kg
ସ୍ମାର୍ଟ ପ୍ରାଇସ୍ ₹39
ବଜାର ମୂଲ୍ୟ ₹46
ଫର୍ଚ୍ଚୁନ୍ ସଲଫରଲେସ୍ ଚିନି 5 kg
ସ୍ମାର୍ଟ ପ୍ରାଇସ୍ ₹244 (₹48.80/kg)
MRP ₹320
ସଞ୍ଚୟ ₹76
ଗୁଡ୍ ଲାଇଫ୍ କଚିଘାନୀ ସୋରିଷ ତେଲ 1 ℓ
ସ୍ମାର୍ଟ ପ୍ରାଇସ୍ ₹119
MRP ₹170
ସଞ୍ଚୟ ₹51
ଅନପଲିସିଡ୍ ଡାଲି ରେଞ୍ଜ (ଟାଟା / ଗୁଡ୍ ଲାଇଫ୍)
BUY ANY 2 GET ANY 1 FREE
MRP ₹64 ତେଣିକି / ୟୁନିଟ
ଗ୍ରାସ ବ୍ରୁମ ବ୍ରୋମ ରେଗୁଲାର / XL 1 ୟୁନିଟ
50% ଛାଡ଼
MRP ₹170 / ₹250
ସ୍ମାର୍ଟ ପ୍ରାଇସ୍ ₹85 / ₹125
ସେଣ୍ଟୋର / ଡଭ୍ / ପିଆମା / ଲକ୍ସ / ସିନ୍ଥଲ / ଗୋଦରେଜ ନଂ.1 / ପିୟର୍ସ ସୋପ୍ 125 g ତେଣିକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹175 ତେଣିକି / ୟୁନିଟ
ବଡ଼ି ଲୋଶନ୍ / କ୍ରିମ୍ / ଫେସ୍ ୱାଶ୍ 100 ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹230 ତେଣିକି
ସ୍ମାର୍ଟ ପ୍ରାଇସ୍ ₹115 ତେଣିକି
ବ୍ୟୁଟି ଏସେନସିଆଲ୍ 0.35 ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 1 FREE
MRP ₹99 ତେଣିକି
ପୂଜା ସାମଗ୍ରୀ (ଅଗରବତୀ / କର୍ପୁର / ଡ୍ରିଙ୍କସ / ଧୂପ) (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 1 FREE
MRP ₹25 ତେଣିକି
ଦୀପାବଳୀର ସ୍ୱାଗତ ଷ୍ଟାଇଲରେ କରନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
ମହିଳା
କୁର୍ତ୍ତା ₹299 ତେଣିକି
କୁର୍ତ୍ତିସେଟ ₹299 ତେଣିକି
ଦୁପଟ୍ଟା ₹199 ତେଣିକି
ଡ୍ରେସ୍ ₹599 ତେଣିକି
ପୁରୁଷ
କୁର୍ତ୍ତା ₹299 ତେଣିକି
ଜ୍ୟାକେଟ୍ ₹699 ତେଣିକି
ଟି-ଶାର୍ଟ୍ସ ₹299 ତେଣିକି
ଜେନିମ୍ସ ₹599 ତେଣିକି
ପିଲାମାନଙ୍କ
କୁର୍ତ୍ତା ₹349 ତେଣିକି
ଲେହେଙ୍ଗା ସେଟ୍ ₹599 ତେଣିକି
ଟି-ଶାର୍ଟ୍ସ ₹149 ତେଣିକି
*T & C Apply.
ଗୋଲ୍ଡ ପ୍ଲେଟେଡ୍ ପୋର୍ସେଲେନ୍ ସର୍ଭିଙ୍ଗ ରେଞ୍ଜ
ସ୍ମାର୍ଟ ପ୍ରାଇସ୍ ₹499 ତେଣିକି
MRP ₹998 ତେଣିକି
TRIDENT Raymond Home
ଡବଲ୍ ବେଡ୍‌ସିଟ୍ ପିଲୋ କଭର ସହିତ (144 TC)
ସ୍ମାର୍ଟ ପ୍ରାଇସ୍ ₹737
Offer valid till 12th November 2023
MRP ₹2699
ARISTOCRAT
3 ପିସ୍ ହାର୍ଡ ଟ୍ରଲି ସେଟ୍ *ଆଣ୍ଟି ଥେଫ୍ଟ ଜିପର୍ ସହିତ । *7 ବର୍ଷ ୱାରେଣ୍ଟି
ସ୍ମାର୍ଟ ପ୍ରାଇସ୍ ₹5999
MRP ₹22000
BERGNER
ମାଷ୍ଟରପ୍ରୋ ଏୟାର ଫ୍ରାୟର 4.2 ℓ
ସ୍ମାର୍ଟ ପ୍ରାଇସ୍ ₹4999
*ଡିଜିଟାଲ ଡିସ୍‌ପ୍ଲେ । *8 ପ୍ରିସେଟ୍ ମେନୁ
MRP ₹16990
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ ଅଛି
fresh Signature
AXIS BANK
dil se open CELEBRATIONS
10% Instant Discount
On Min. Txn of ₹3000/- on Axis Bank Credit Cards | Max Discount up to ₹500/-
Valid Once Per Card | Offer Valid From 9th Nov to 15th Nov 2023
T & C Apply
ICICI Bank
10% Instant Discount*
On Credit Cards | Min. Transaction of ₹3,000/- | Max Discount up to ₹500/-
Valid From 9th to 18th November 2023 | Valid Once per Card
T & C Apply
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ହୋମୱେୟାର ଏବଂ ଆପାରେଲ୍‌ସ ଅଫର୍ କେବଳ ସ୍ମାର୍ଟ ବଜାର ଏବଂ ସ୍ମାର୍ଟ ସୁପରଷ୍ଟୋର୍‌ରେ ବୈଧ ଅଟେ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବା ସମସ୍ତ ଅନ୍ୟ ଅଫର୍ସ 15 ନଭେମ୍ବର 2023 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

## ଯୁବକଙ୍କୁ ତଣ୍ଟିଚିପି ହତ୍ୟା ଅଭିଯୋଗ

ଭୋଗରାଇ, ୧୦।୧୧(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ଥାନା ଜଳସୋହରିଆ ଗ୍ରାମର ଜଣେ ଯୁବକଙ୍କୁ ତଣ୍ଟିଚିପି ହତ୍ୟା କରାଯାଇ ଏକ କାଜୁବାଦାମ ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଚନ୍ଦନ କୁଣ୍ଡୁ (୧୯)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ଭାଇ ଶକ୍ତିଧର ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୪୦୩/୨୩) ରୁଜୁ କରି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଚନ୍ଦନ ଦାଦନ ଶ୍ରମିକ ଭାବେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ ତାଙ୍କ ମା'ଙ୍କ ସହିତ ରହି କାମ କରୁଥିଲେ। ଗତ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ସେ ସାଙ୍ଗମାନଙ୍କ ସହ ଚନ୍ଦନ ଯାତ୍ରା ଦେଖିବାକୁ ବେଣୁଦା ଯାଇ ଘରକୁ ଫେରି ନ ଥିଲେ।




ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଚାଲିଥିବା ଅନ୍ତର୍ଜାତୀୟ ମିଲେଟ୍‌ସ ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନ ଅବସରରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟ ଅତିଥିମାନେ 'ରିପୋର୍ଟସ୍ ଅନ୍ ମିଲେଟ୍ ଆଣ୍ଡ୍ ଏସ୍‌ଡିଜି'କୁ ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

# 'ଓଡ଼ିଶା ମିଲେଟ୍ ମିଶନ ବିଶ୍ୱ ମଡେଲ'

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଉଦ୍‌ଯାପିତ

- ଲଘୁଶସ୍ୟ ପ୍ରୋତ୍ସାହନ ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟ: ରାଜ୍ୟପାଳ
- ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମିଲେଟ୍ ବିଶେଷାଙ୍କ ଉନ୍ମୋଚିତ

ଭୁବନେଶ୍ୱର,୧୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ମିଲେଟ୍‌ସ ଆମ ଭାରତର ପାରମ୍ପରିକ ଖାଦ୍ୟ। ଶୁଷ୍କ ଅଞ୍ଚଳରେ ବହୁ କମ୍ ରାସାୟନିକ ସାର ବ୍ୟବହାରରେ ମିଲେଟ ଚାଷ ହୋଇଥାଏ। ଚାଉଳ ଓ ଗହମ ତୁଳନାରେ ଏଥିରେ ଅଧିକ ସୂକ୍ଷ୍ମ ପୋଷକତତ୍ତ୍ୱ ରହିଛି ଏବଂ ପ୍ରୋଟିନ୍‌ର ମାତ୍ରା ମଧ୍ୟ ଅଧିକ। ଏହିସବୁ ବିଶେଷ ଗୁଣ ଯୋଗୁ ମିଲେଟ୍‌ସକୁ ଜଳବାୟୁ ସ୍ମାର୍ଟ ଫସଲ ଭାବରେ ସାଧାରଣରେ ଅଭିହିତ କରାଯାଏ। ଏହି ଲଘୁଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜନତା ମଇଦାନଠାରେ ଚାଲିଥିବା ଅନ୍ତର୍ଜାତୀୟ ମିଲେଟ୍‌ସ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଦାସ କହିଛନ୍ତି, ନୀତି ଆୟୋଗ ଏବଂ ଭାରତ ସରକାର ଓଡ଼ିଶା ମିଲେଟ ମିଶନକୁ ବିଭିନ୍ନ ରାଜ୍ୟରେ ପ୍ରୟୋଗ କରିବା ପାଇଁ ଏକ ମଡେଲ ଭାବରେ ଚିହ୍ନଟ କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡ଼ିଶା ମିଲେଟ ମିଶନକୁ ମଧ୍ୟ ଏକ ମଡେଲ ଭାବରେ ଗ୍ରହଣ କରିଛି। ଏହାକୁ ପୂରା ଭାରତ, ଆଫ୍ରିକା ଓ ଦକ୍ଷିଣ ବିଶ୍ୱରେ ପ୍ରୟୋଗ କରାଯାଇପାରିବ ବୋଲି ରାଜ୍ୟପାଳ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ପୁଷ୍ଟିଶସ୍ୟ ମାଣ୍ଡିଆ ରାଜ୍ୟ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟିଯାଇଛି। ଚାଷୀଙ୍କ ଆୟବୃଦ୍ଧି ସହ ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ପ୍ରମୁଖ ଅସ୍ତ୍ର ଭାବେ ସାବ୍ୟସ୍ତ ହୋଇଛି। ଅନ୍ୟତମ ସମ୍ମାନିତ ଅତିଥି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା କହିଲେ, ମାଣ୍ଡିଆର ପୌଷ୍ଟିକତା ସମ୍ପର୍କରେ ଲୋକମାନେ ଅଧିକରୁ ଅଧିକ ସଚେତନ ହେବା ଓଡ଼ିଶା ମିଲେଟସ ମିଶନର ସଫଳତା ଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ କହିଲେ, ଓଡ଼ିଶା ମିଲେଟସ ମିଶନ ପରି ଅନେକ କ୍ଷେତ୍ରରେ ଓଡ଼ିଶା ଆଜି ଭାରତବର୍ଷରେ ନେତୃତ୍ୱ ପ୍ରଦାନ କରୁଛି। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତି ହେମ୍ବ୍ରମ୍ ପୁଷ୍ଟିଶସ୍ୟ ମାଣ୍ଡିଆର ପ୍ରଚାର ପ୍ରସାର ଓ ଲୋକଙ୍କ ଖାଦ୍ୟଥାଳିରେ ମାଣ୍ଡିଆ ପହଞ୍ଚାଇବା ଦିଗରେ ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ମାଣ୍ଡିଆର ପ୍ରଚାର ପ୍ରସାର ଦିଗରେ ଓଡ଼ିଶା ମିଲେଟ୍‌ସ ମିଶନର ବିଭିନ୍ନ କାର୍ଯ୍ୟକ୍ରମ ଉଦାହରଣୀୟ ବୋଲି କହିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଉପଲକ୍ଷେ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମିଲେଟ ବିଶେଷାଙ୍କ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାର ସମ୍ପାଦିକା କସ୍ତୁରୀ ମହାପାତ୍ର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ। ଏଥିସହିତ ରିପୋର୍ଟସ୍ ଅନ୍ ମିଲେଟ୍ ଆଣ୍ଡ୍ ଏସ୍‌ଡିଜିକୁ ମଧ୍ୟ ରାଜ୍ୟପାଳ ଉନ୍ମୋଚନ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ଖଣି ଆଗରେ ଅଞ୍ଚଳବାସୀଙ୍କ ବିକ୍ଷୋଭ

## ପରିବହନ, ନିଯୁକ୍ତିରୁ ବଞ୍ଚିତ ଖଣି ପ୍ରଭାବିତ

ଯୋଡ଼ା,୧୦।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ନୂଆଗାଁ ଜେଏସ୍‌ଡବ୍ଲ୍ୟୁ(ଜିନ୍ଦଲ ସାଉଥ୍ ୱେଷ୍ଟ) ଖଣି ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଣଦେଖା କରୁଛି। ଖଣି ପ୍ରଭାବିତ ଲୋକଙ୍କ ପରିବର୍ତ୍ତେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ସ୍ଥାନୀୟ ଟ୍ରକ୍ ମାଲିକଙ୍କୁ ପରିବହନ କାମରେ ନିୟୋଜିତ କରା ନ ଯାଇ ଟ୍ରେଲର ମାଧ୍ୟମରେ ମାଲ ପରିବହନ ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ଖଣି ପ୍ରଭାବିତ ଗୁଆଲି, ଗନ୍ଧଲପଦା, ନୂଆଗାଁ, ପାଣ୍ଡୁଲିପଷି, ଟୋପାଡ଼ିହି, କେନ୍ଦୁଡିହି, ବରପଦା, କାଟେସାହି ଅଞ୍ଚଳବାସୀ ଖଣି ଫାଟକକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି।

ଅଭିଯୋଗ ଅନୁଯାୟୀ, ଖଣିରୁ ନିର୍ଗତ ପ୍ରଦୂଷିତ ଜଳକୁ ନାଳରେ ଛାଡ଼ି ଦିଆଯାଉଛି। ଫଳରେ ଜଳ ପ୍ରଦୂଷଣ ହେଉଛି। ରାସାୟନିକ ପଦ୍ଧତିରେ ବାରୁଦ ବିସ୍ଫୋରଣ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ମୃଦୁ ଭୂକମ୍ପନ ଅନୁଭୂତ ହେଉଛି। ଅଞ୍ଚଳବାସୀ ସିଧାସଳଖ ପ୍ରଭାବିତ ହେଉଥିଲେ ସୁଦ୍ଧା କମ୍ପାନୀ କାହାରିକୁ ନିଯୁକ୍ତି ଦେଉନାହିଁ। ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଛୁଟି ପଇସା ଦିଆଯାଉନାହିଁ, ଠିକାଦାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉନାହାନ୍ତି। କାର୍ଯ୍ୟକ୍ଷେତ୍ରରେ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ନାହିଁ। କାମ ମାଗିଲେ ଗ୍ରାମବାସୀଙ୍କୁ ଧମକ ଦିଆଯାଉଛି। ବରପଦା ଗ୍ରାମରେ ଥିବା ଶ୍ମଶାନକୁ ମଧ୍ୟ କମ୍ପାନୀ ଦଖଲରେ ରଖିଛି। ଖଣିରେ ନିୟୋଜିତ ପ୍ରାୟ ୧୫୦ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ମାତ୍ର ଜଣେ ମହିଳା ସ୍ଥାନୀୟ ଭାବେ ନିଯୁକ୍ତି ପାଇଛନ୍ତି। ଗ୍ରାମ ରାସ୍ତାରେ ହଜାର ସଂଖ୍ୟାରେ ଖଣିଜ ବୋଝେଇ ଭାରିଯାନକୁ ପାର୍କିଂ କରି ରାସ୍ତାଟିକୁ ଖଣି କମ୍ପାନୀ ନିଜ ଅକ୍ତିଆରରେ ରଖିଥିବା ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ମା' ତାରିଣୀ ଟ୍ରକ୍ ଓନର୍ ଆସୋସିଏଶନ ସହ ଖଣି କମ୍ପାନୀ କୌଣସି ଆଲୋଚନା ନ କରି ବାହାର ରାଜ୍ୟର ଟ୍ରେଲରଗୁଡ଼ିକରେ ଖଣିଜ ପରିବହନ କରୁଛି। ଫଳରେ ସ୍ଥାନୀୟ ଟ୍ରକ୍ ମାଲିକ କାର୍ଯ୍ୟହରା ହେଉଛନ୍ତି। ଯୋଡ଼ା ଖଣି ମଣ୍ଡଳରେ ଖଣି ଥାଇ କୋଇଡ଼ା ଖଣି ମଣ୍ଡଳର ବିମଳାଗଡ଼, ରେଞ୍ଜଡ଼ା, ରୋକ୍ସି, ବାରସୁଆଁ, ପଟାସାହି ପ୍ରଭୃତି ରେଳ ସାଇଡିଂକୁ ବାହାର ଅଞ୍ଚଳର ଠିକାଦାରଙ୍କୁ ଲଗାଇ ଲୁହାପଥର ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ଧାରଣାସ୍ଥଳରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଲଜିଷ୍ଟିକ ହେଡ୍ ସୁବ୍ରତ ସାହୁ, ମାନବ ସମ୍ବଳ ଅଧିକାରୀ ଜିତେନ୍ଦ୍ର ନନ୍ଦଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ପହଞ୍ଚି ଦୀର୍ଘ ୪ ଘଣ୍ଟା ଧରି ଆଲୋଚନା କରିଥିଲେ। ଆଲୋଚନା ସମୟରେ ଯୋଗ୍ୟତା ଅନୁଯାୟୀ ସର୍ବନିମ୍ନ ୫୦ ଜଣ ମହିଳା ଓ ପୁରୁଷଙ୍କୁ ଖଣିରେ ସିଧାସଳଖ ସ୍ଥାୟୀ ନିଯୁକ୍ତି ଓ ଘରୋଇ ସୁରକ୍ଷାକର୍ମୀଭାବେ ୮୦ଜଣ ମହିଳା ଏବଂ ପୁରୁଷଙ୍କୁ ନିଯୁକ୍ତି, ପ୍ରଶାସନର ଉପସ୍ଥିତିରେ ଆଲୋଚନା କରାଯିବା, ଶ୍ରମିକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ନ କରିବା ଆଦି ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଗୁଆଲି ସରପଞ୍ଚ ବିଦ୍ୟାଧର ନାଏକ, ଟ୍ରକ୍ ମାଲିକ ସଂଘ ପକ୍ଷରୁ କୁଶ ଆପଟ୍ଟ, ଡବର ମୁଣ୍ଡା, ଦଶରଥ ବାରିକ, ସଞ୍ଜୀବ ପଲେଇ, ମନୋଜ ମହାପାତ୍ର, ରଥ ମହାକୁଡ଼, ମହେଶ୍ୱର ଘଣା, ସତ୍ୟାନନ୍ଦ ଘଣା, ଦିଲୀପ ପ୍ରଧାନ, ମହେଶ୍ୱର ଆପଟ୍ଟ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଚେତାବନୀ ଦେଇଥିଲେ।

ଖଣିର ମାନବ ସମ୍ବଳ ଅଧିକାରୀ ଜିତେନ୍ଦ୍ର ନନ୍ଦ କହିଛନ୍ତି, ଦାବିଗୁଡ଼ିକୁ ଲିପିବଦ୍ଧ କରାଯାଇଛି, ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅଧିକାରୀ ସୁବ୍ରତ ସାହୁ କହିଛନ୍ତି, ୧୫ ଦିନ ମଧ୍ୟରେ ପରିବହନ ଠିକାଦାର ନିଯୁକ୍ତିକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ମାତ୍ର ସମାଧାନ ନ ହେବା ପର୍ଯ୍ୟନ୍ତ ଖଣିରୁ ଟ୍ରେଲର ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।



ଜେଏସ୍‌ଡବ୍ଲ୍ୟୁ ଖଣି ଫାଟକ ଆଗରେ ଧାରଣାରତ ଗ୍ରାମବାସୀ।

## ନିଶା ଇଞ୍ଜେକ୍ସନ ଓ ବସ୍ ଜବତ, ହେଲପର ଗିରଫ

ପଦ୍ମପୁର,୧୦।୧୧(ପ୍ରଦୀପ୍ତ ଦାଶ)

ବସ୍‌ରେ ଚାଲାଣ ବେଳେ ପଦ୍ମପୁର ପୋଲିସ ବିପୁଳ ପରିମାଣର ନିଶା ଇଞ୍ଜେକ୍ସନ ଜବତ କରିଛି। ଏହି ଘଟଣାରେ ବସ୍‌ର ହେଲପର ନୟାଗଡ ଜିଲା ରଣପୁର ଥାନା ବିନନ୍ଦପଡା ଗ୍ରାମ ନିବାସୀ ବଳଭଦ୍ର ଗୋଛିଙ୍କୁ ଗିରଫ କରାଯାଇଛି। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଭୋଳାନାଥ ନାମକ ଏକ ବସ୍ (ନଂ.ଓଡି୩୧କେ/୯୦୯୯) ଗାଇସିଲେଟ ଦେଇ ପଦ୍ମପୁରକୁ ଯାଉଥିବା ବେଳେ ପଦ୍ମପୁର ପୋଲିସ ପିଛା କରିଥିଲା। ବସ୍‌ଟି କୃଷ୍ଣାପାଲି ଛକରେ ଅଟକିବାରୁ ଏସ୍‌ଆଇ ଶରତ ପ୍ରଧାନ ସଦଳବଳ ବସ୍‌କୁ ଯାଞ୍ଚ କରିଥିଲେ। ଏହି ସମୟରେ ବସ୍‌ରୁ ୧୫ଶହ ନିଶା ଇଞ୍ଜେକସନ ବାହାରିଥିଲା। ପୋଲିସ ନିଶା ଇଞ୍ଜେକ୍ସନ ଓ ବସ୍‌କୁ ଜବତ କରିଥିଲା। ତେବେ ଉକ୍ତ ବସ୍ ଯୋଗେ ପ୍ରତିଦିନ ନିଶା ଇଞ୍ଜେକ୍ସନ ଚାରପାଲି ଗ୍ରାମକୁ ଆସୁଥିଲା। ସେଠାରୁ ପଦ୍ମପୁର ଅଞ୍ଚଳର ବିଭିନ୍ନ ସ୍ଥାନକୁ ତାହା ଚାଲାଣ କରାଯାଉଥିଲା। ଏହି କାରବାରରେ ହେଲପର ସମ୍ପୃକ୍ତ ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି। ସେହିପରି ହେଲପରଙ୍କ ସୂଚନାକୁ ଆଧାର କରି ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଭତ୍ତା ପାଇଁ ୧୦ କି.ମି. ଯାଉଛନ୍ତି ହିତାଧିକାରୀ

ଭେଡ଼େନ, ୧୦।୧୧ (ସୁଦନ ମହାକୁର)

ରାଜ୍ୟରେ ବୃଦ୍ଧାବୃଦ୍ଧଙ୍କ ସମେତ ବିଧବା, ଅବିବାହିତା ଏବଂ ଭିନ୍ନକ୍ଷମମାନଙ୍କୁ ପଞ୍ଚାୟତ ମାଧ୍ୟମରେ ମାସିକ ଭତ୍ତା ଯୋଗାଇ ଦିଆଯାଉଛି। କେତେକ କ୍ଷେତ୍ରରେ କର୍ମଚାରୀମାନେ ଘର ଘର ବୁଲି ଭତ୍ତା ପହଞ୍ଚାଇବା ବ୍ୟବସ୍ଥା କରିଛନ୍ତି। ମାତ୍ର ବରଗଡ଼ ଜିଲା ଭେଡ଼େନ ବ୍ଲକ ସିଆଲଖଣ୍ଡହଥା ଗ୍ରାମପଞ୍ଚାୟତ ଅଧୀନ ଭାଲୁପାଲି ଗ୍ରାମର ହିତାଧିକାରୀଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏଠାକାର ହିତାଧିକାରୀଙ୍କୁ ଭତ୍ତା ପାଇଁ ୧୦ କି.ମି. ଯିବାକୁ ପଡୁଛି। ବିଶେଷକରି ବୃଦ୍ଧାବୃଦ୍ଧ ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ଏହା କଷ୍ଟକର ହୋଇ ପଡ଼ିଛି। ଗ୍ରାମର ଭିନ୍ନକ୍ଷମ ବିପିନ ପୋଢ(୬୭), ପ୍ରେମାନନ୍ଦ ଭୂଏ (୨୫), ସୁରେନ୍ଦ୍ର ବିଶି (୪୬), ପ୍ରମିଳା ବାଗ (୨୮)ଙ୍କୁ ଭତ୍ତା ଆଣିବା ପାଇଁ ନିକଟସ୍ଥ ଡାଙ୍ଗପାଲି ଗ୍ରାମକୁ ଯିବାକୁ ପଡୁଛି। ସେହିପରି ନାଥ ମିର୍ଦ୍ଧା, କଳାବତୀ ମିର୍ଦ୍ଧା, ନୂଆଦେଇ ମୁଦୁଲି, ଲିଙ୍ଗରାଜ ମିର୍ଦ୍ଧା, ବିଦେଶୀ କାଣ୍ଡ, ବସୁଦେବ ମିର୍ଦ୍ଧା, ବିନୋଦିନୀ ମିର୍ଦ୍ଧା, ତରାଶ ମିର୍ଦ୍ଧା, ଦିବାକର ବାଗ, ବୁଧବାରୀ ବାଗ, ଯମ ମିର୍ଦ୍ଧା, ରାମଦାସୀ ରାଉତ, କଳାବତୀ ପାଣ୍ଡେଙ୍କ ବ୍ୟାଙ୍କ ଖାତାରେ ଭତ୍ତା ଟଙ୍କା ଜମା ହେଉଥିବାରୁ ସେମାନେ ମଧ୍ୟ ୭ କି.ମି ଯାଇ ଟଙ୍କା ଆଣୁଛନ୍ତି। ତେବେ ବୟସାଧିକ୍ୟ ହେତୁ ସେମାନଙ୍କ ଟିପ ଚିହ୍ନ ବେଳେବେଳେ ମିଶୁ ନ ଥିବାରୁ ବେଳେ ବେଳେ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ ୭୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଦିଆଯାଉ ନ ଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ଭେଡ଼େନ ବିଡ଼ିଓ ତ୍ରିପୁର ମହାନନ୍ଦଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ହିତାଧିକାରୀମାନେ ବୟସ ପ୍ରମାଣପତ୍ର ସହିତ ଆବେଦନ କଲେ ନିଶ୍ଚିତ ବର୍ଦ୍ଧିତ ଭତ୍ତା ପାଇପାରିବେ ଏବଂ ଯେଉଁମାନେ ଯିବାଆସିବାରେ ଅକ୍ଷମ ସେମାନଙ୍କ ଘରକୁ ଭତ୍ତା ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ ମହାନନ୍ଦ ପ୍ରକାଶ କରିଥିଲେ।



ପକ୍ଷାଘାତ ରୋଗୀ ବିପିନ ପୋଢ।



ଭିନ୍ନକ୍ଷମ ପ୍ରେମାନନ୍ଦ ଭୂଏ।

# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ

ଧର୍ମଗଡ଼,୧୦।୧୧(ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ କଣ୍ଟାମାଳ ଗ୍ରାମରେ ୨୦୧୪ରେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ, ସାକ୍ଷୀମାନଙ୍କ ବୟାନ ଓ ମାମଲାର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ଧର୍ମଗଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ କୁମାର ଦାସ ମାମଲାର ଚୂଡାନ୍ତ ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଜୟ ପ୍ରସାଦ ବେହେରାଙ୍କୁ ଦଫା ୩୨୬ରେ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ଏକ ମାସ ଜେଲ ଦଣ୍ଡାଦେଶ ପାଇଁ ରାୟରେ ଉଲ୍ଲେଖ ରହିଛି। ସୂଚନା ଯେ, କଣ୍ଟାମାଳ ଗ୍ରାମରେ ୨୦୧୪ରେ ଜଣେ ନାବାଳିକା ଶୌଚ ପାଇଁ ଯାଉଥିବା ବେଳେ ସେହି ଗ୍ରାମର ଜୟ ପ୍ରସାଦ ବେହେରା ତାଙ୍କୁ ଗାଳିଗୋଲଜ କରିବା ସହ ନିକଟସ୍ଥ କୂଅରେ ଫିଙ୍ଗି ଦେବା ପାଇଁ ଧମକ ଦେଇଥିଲେ। ନାବାଳିକା ନିଜ ଜେଜେମାଙ୍କୁ କହିବାରୁ ସେ ଏ ନେଇ ପ୍ରତିବାଦ କରିଥିଲେ। ଏଥିରେ ଉକ୍ଷିପ୍ତ ହୋଇ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତଙ୍କ ବାପା ମାୟାଧର ବେହେରାଙ୍କ ପ୍ରରୋଚନାରେ ଅଭିଯୁକ୍ତ ଜୟ ପ୍ରସାଦ ବେହେରା ପୀଡ଼ିତା ପଦ୍ମାବତୀ ବେହେରାଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିବା ଦ୍ୱାରା ତାଙ୍କ ଡାହାଣ ହାତ ଓ ବାମ ଗୋଡ଼ ଭାଙ୍ଗି ଯାଇଥିଲା। ଏ ନେଇ ପୀଡ଼ିତାଙ୍କ ପୁଅ ଥକାମନ ବେହେରା କେଗାଁ ଥାନାରେ ଲିଖିତ ଏତାଲା ପ୍ରଦାନ କରିଥିଲେ। କେଗାଁ ପୋଲିସ ଏହାର ତଦନ୍ତ କରି ଏକ ମାମଲା (ନଂ.୯୪/୧୪) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଦୀର୍ଘ ୯ବର୍ଷ ଧରି ଏହି ମାମଲା ଧର୍ମଗଡ଼ ଅଦାଲତରେ ବିଚାର ଚାଲିଥିଲା। ଏହାରି ଭିତରେ ଅଭିଯୁକ୍ତ ମାୟାଧର ବେହେରାଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସହକାରୀ ସରକାରୀ ଓକିଲ ବିବସ୍ୱ କୁମାର ନେଗୀ ମାମଲା ପରିଚାଳନା କରିଥିଲେ।

## ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ବିଡିଓ

ବ୍ରଜରାଜନଗର,୧୦।୧୧(ବିଜୟ ବରାଡ଼)

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ରାଜପୁର ପଞ୍ଚାୟତକୁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଶୁକ୍ରବାର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତାଙ୍କ ସହ ନିର୍ବାହୀ ଅଧିକାରୀ ରବି ମେହେର, ସରପଞ୍ଚ ସରସ୍ୱତୀ ନାୟକ, ବିଧାୟିକାଙ୍କ ପ୍ରତିନିଧି ଗଣେଶ ରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ଭୋଇ ସରକାରୀ ଯୋଜନା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଚାୟତରେ ଦିଆଯାଇଥିବା ୨୯ ପରିବାରକୁ ଭେଟି ଘର ଶୀଘ୍ର ସାରିବାକୁ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ସେ ପଞ୍ଚାୟତ ଗୃହରେ ବସି ସ୍ଥାନୀୟ ଜନତାଙ୍କ ଅଭିଯୋଗ ଶୁଣିଥିଲେ।

## ଗଞ୍ଜେଇ ଚୋରା ଚାଲାଣ: ଯୁବକ କୋର୍ଟ ଚାଲାଣ

ଟିଟିଲାଗଡ଼,୧୦।୧୧(ଶରତ ମିଶ୍ର)

ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବାବେଳେ ଟିଟିଲାଗଡ଼ ସହର ତଥା ଆଖପାଖ ଅଞ୍ଚଳକୁ ଟିଟିଲାଗଡ଼ ଦେଇ ଗଞ୍ଜେଇ ବାରମ୍ବାର ଚୋରା ଚାଲାଣ ହେଉଛି। ଏ ସମ୍ପର୍କରେ ଜାଣିବାକୁ ପାଇ ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଏକ ଟିମ୍ କରିଥିଲେ। ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ହାଟପଦାପଡ଼ାର ହମିଦ ଖାଁଙ୍କୁ ଧରିବାରେ ସଫଳ ହୋଇଛନ୍ତି। ତାଙ୍କଠାରୁ ୬ କିଗ୍ରା ଆଠ ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ହମିଦଙ୍କଠାରୁ କିଛି ଟଙ୍କା, ଗୋଟିଏ ମୋବାଇଲ ଜବତ କରାଯାଇଛି। ହମିଦ ପୂର୍ବରୁ ଏକ ହତ୍ୟା ଅଭିଯୋଗରେ ମଧ୍ୟ ଗିରଫ ହୋଇ ଏବେ ବେଲରେ କିଛି ମାସ ପୂର୍ବେ ଆସିଥିଲେ। ପୁଣି ଏହି ଗଞ୍ଜେଇ ଚାଲାଣରେ ଗିରଫ ହେବା ସହରରେ ଚର୍ଚ୍ଚା ହେଉଛି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ବିନିକା,୧୦।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଜଗଦଳପୁର ଜଙ୍ଗଲରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଜଗଦଳପୁରର ସନାତନ ବିଶି, (୪୫)। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମହିଳାମାନେ ଝାଟିକୁଟି ବେଟି ଜଙ୍ଗଲକୁ ଯାଇଥିବା ବେଳେ ସନାତନଙ୍କୁ ଏକ ବଡ ଚାଖୁଣ୍ଡା ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଉକ୍ତ ଗଛ ତଳେ ତାଙ୍କର ଟର୍ଚ୍ଚ ଲାଇଟ ଓ ଚପଲ ମଧ୍ୟ ପଡିଥିଲା। ପରେ ସେମାନେ ଆସି ଗ୍ରାମରେ ଖବର ଦେବା ପରେ ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇଥିଲେ। ଖବରପାଇ ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବିନିକା ଡାକ୍ତରଖାନା ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

### ଆନ୍ଧ୍ରପ୍ରଦେଶରେ ମୃତ୍ୟୁ ଘଟିଥିଲା

କୋକସରା,୧୦।୧୧ (ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହଲ ପଞ୍ଚାୟତ କାଶିବାହଲ ଗାଁର ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶରେ ଗତ ବୁଧବାର ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କାମ କରୁଥିବା ସଂସ୍ଥା ଏକ ଆମ୍ବୁଲାନ୍ସରେ ଶ୍ରମିକଙ୍କ ମୃତଦେହ ପଠାଇବା ପରେ ଶୁକ୍ରବାର ଗାଁରେ ପହଞ୍ଚିଛି। ମୃତକ ହେଲେ କାଶିବାହଲ ଗାଁର ମାନସିଂ ପୋଢ (୫୫)। ପରିବାର ମୁହଁରେ ଆହାର ଦେବାକୁ ମାନସିଂ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସାଥି ଶ୍ରମିକଙ୍କଠାରୁ ଏହି ଦୁଃଖଦ ଖବର ମିଳିବା ପରେ ପରିବାର ଭାଙ୍ଗି ପଡିଥିଲେ। ଗତ ୩/୪ ମାସ ତଳେ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ମୃତକଙ୍କ ସ୍ତ୍ରୀ ଓ ୫ ଝିଅ ରହିଥିବା



ବେଳେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ନିଃସହାୟ ହୋଇ ପଡିଛନ୍ତି। ଶୁକ୍ରବାର ସକାଳେ ଗାଁରେ ମୃତଦେହ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଘର ଫାଟି ପଡୁଛି। ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭାରତ-କାତାର ଫୁଟ୍‌ବଲ ମ୍ୟାଚ: ଅନ୍‌ଲାଇନ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୦।୧୧(ତପନ ସ୍ୱାଇଁ)

ଭାରତ ଓ କାତାର ମଧ୍ୟରେ ଫିଫା ବିଶ୍ୱକପ ୨୦୨୬/ଏଏଫ୍‌ସି ଏସିଆନ କପ୍ ୨୦୨୭ ଯୁଗ୍ମ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ ମ୍ୟାଚ ଆସନ୍ତା ୨୧ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପାଇଁ ଶୁକ୍ରବାରଠାରୁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟ ଗୁଡ଼ିକ www.ticketgenie.inରେ ଉପଲବ୍ଧ। ଅନ୍‌ଲାଇନ୍‌ରେ ଟିକେଟ କିଣିବା ପରେ ଦର୍ଶକମାନେ ଏହାକୁ ୧୭ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୬ଟା ମଧ୍ୟରେ ଗେଟ୍ ନଂ-୪ ନିକଟରେ ଥିବା କାଉଣ୍ଟରରେ ସ୍ୱାପ୍ କରିପାରିବେ। କଳିଙ୍ଗ ଷ୍ଟାଡିୟମ ଗେଟ୍ ନଂ-୪ ନିକଟରେ ଉପଲବ୍ଧ କାଉଣ୍ଟରରେ ଆସନ୍ତା ୧୭ ତାରିଖରୁ ଅଫ୍‌ଲାଇନ୍ ଟିକେଟ ଉପଲବ୍ଧ ହେବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୬ଟା ମଧ୍ୟରେ ଫୁଟବଲପ୍ରେମୀମାନେ ବ୍ୟକ୍ତିଗତ ଉପସ୍ଥିତ ରହି ଟିକେଟ କ୍ରୟ କରିପାରିବେ। ନର୍ଥ ୱେଷ୍ଟଷ୍ଟାଣ୍ଡ ପାଇଁ ଟିକେଟ ମୂଲ୍ୟ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ଇଷ୍ଟ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଓ ନର୍ଥ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୦୦ ଟଙ୍କା ରଖା ଯାଇଛି।

**ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଚନାବେଡା ଗ୍ରାମ ପଞ୍ଚାୟତରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ସିଭିଲ ଜଜ୍ ସିନିୟର ଡିଭିଜନ ବିଚାରପତି ସୁଶ୍ରୀ ଚିନ୍ମୟୀ ଜେନା ଯୋଗଦେଇ ସମାଜର ସବୁବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ସିଭିଲ ଜଜ୍ ସିନିୟର ଡିଭିଜନ ମୁଖ୍ୟ କିରାଣୀ ଜିତେଶ ଠାକୁର ଏବଂ ପ୍ରଥମ ବିଚାର ବିଭାଗୀୟ ଅଦାଲତର ମୁଖ୍ୟ କିରାଣୀ ମନୋଜ କୁମାର ସିଂ ସାମନ୍ତ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋକସରା,୧୦।୧୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ କୋକସରା ଗ୍ରାମ ଆରଆଇ ଅଫିସ ପଛପଟୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଲବ ନାଏକ (୨୪)। ସୂଚନା ମତେ କୋକସରା ଆରଆଇ ଅଫିସ ପଛପାଖରେ ରହୁଥିବା ଲବ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ସ୍ଥାନୀୟ ପଞ୍ଚାୟତରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ଓ ଦୁଇ ବର୍ଷର ଏକ ଶିଶୁପୁତ୍ର ରହିଛି। ତେବେ ମଧ୍ୟାହ୍ନରେ ଘର ନିକଟରେ ଥିବା ଏକ ଗଛରେ ଏକ ଓଢଣୀରେ ଲବଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ଆୟୁର୍ବେଦ ସେବାସଦନରେ ଧନ୍ୱନ୍ତରି ଜନ୍ମ ଉତ୍ସବ ପାଳନ

କେସିଙ୍ଗା,୧୦।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଆୟୁର୍ବେଦ ସେବାସଦନ୍‌ରେ ଡ଼ଃ.ସଦାନନ୍ଦ ପୁଟେଲଙ୍କ ନେତୃତ୍ୱରେ ଧନ୍ୱନ୍ତରୀଙ୍କ ଉତ୍ସବ ଶୁକ୍ରବାର ପାଳନ କରାଯାଇଥିଲା। ଧନନ୍ତରୀଙ୍କ ପୂଜାର୍ଚ୍ଚନା ସମ୍ପୂର୍ଣ୍ଣ ପରେ ରୋଗୀଙ୍କୁ ପ୍ରସାଦ ବଣ୍ଟନ ପରେ ମାଗଣାରେ ଚିକିତ୍ସା କରାଯାଇଥିଲା। ଡ଼ଃ.ସଦାନନ୍ଦ ପୁଟେଲ ବହୁ ପୁରୁଣା କୃଷ୍ଣ ଦାଶ ଟୀକା ପୋଥିକୁ ଅନୁସରଣ କରି ପରାଲିସ, ଗଣ୍ଠିବାତ, ଝୁନ୍‌ଝୁନୀ ବାତ, ପୋଲିଓ, ହେପାଟାଇସ, ଶିକଲିଂ, କାଛୁ କୁଣ୍ଡିଆ, ଶ୍ୱେତପ୍ରଦର, ରକ୍ତ ପ୍ରଦର, ମଳକଣ୍ଠ, କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ଚିକିତ୍ସା କରି ଆସୁଛନ୍ତି।

### ସ୍କୁଲ ହତାରେ ଛାତ୍ରଙ୍କୁ କାମୁଡ଼ିଲା କୁକୁର

ବେହେରା,୧୦।୧୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଗୁଡା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଜଣେ ୫ମ ଶ୍ରେଣୀ ଛାତ୍ରଙ୍କୁ କୁକୁର କାମୁଡିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ମଧ୍ୟାହ୍ନ ଭୋଜନ ପରେ ବେହେରାଗୁଡା ଗ୍ରାମର ଆର୍ଯ୍ୟନ ଗାନ୍ଧୀ (୧୦) ପଞ୍ଚମ ଶ୍ରେଣୀ ଛାତ୍ର ବିଦ୍ୟାଳୟରେ ଖେଳୁଥିବା ବେଳେ ଏକ କୁକୁର ଛୁଆ କାମୁଡି ଦେଇଥିଲା। ଛାତ୍ରଙ୍କ ଅଭିଭାବକ ତୁରନ୍ତ ଧର୍ମଗଡ଼ ଡାକ୍ତରଖାନା ନେଇଥିଲେ। ଛାତ୍ରଙ୍କ ଅଭିଭାବକ ଧର୍ମଗଡ଼ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକମାନଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ଘଟଣା ହୋଇଥିବା ଅଭିଯୋଗ କରିଛନ୍ତି। ଶିକ୍ଷକମାନେ କୁକୁର କାମୁଡ଼ି ମଧ ଅଭିଭାବକଙ୍କୁ ଜଣାଇ ନ ଥିବା ତଥା କୌଣସି ପ୍ରାଥମିକ ଚିକିତ୍ସା ମଧ କରାଇ ନ ଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ସିଆରସିସି ଧରଣୀ ଟୋଲଟିଆଙ୍କୁ ପଚାରିବାରୁ ଶିକ୍ଷା ବିଭାଗ ଏହି ଘଟଣାକୁ ଗୁରୁତର ସହ ନେଇ ଏହାର ତଦନ୍ତ ଚଳାଇଛି ବୋଲି ପ୍ରକାଶ କରିଥିଲେ।

# ୧୭୬୫ ପ୍ରକଳ୍ପ ପାଇଁ ୬୫ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର



ନୂଆପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।



ବୋଡେନ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ।

ନୂଆପଡ଼ା/ବୋଡେନ,୧୦।୧୧
(ମକାରୁ ବେମାଲ/ଟିକେଶ୍ୱର ନାଗ୍)

**ନୂଆପଡ଼ା ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଆରମ୍ଭ**

ନୂଆପଡ଼ା ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଶୁକ୍ରବାର ଶୁଭାରମ୍ଭ ହୋଇଛି। ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାରେ ଜିଲା ପାଇଁ ୬୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୧ ହଜାର ୭୬୫ଟି ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ କରିଛନ୍ତି। ଏହି ଅଭିନବ ଯୋଜନା ମାଧ୍ୟମରେ ପ୍ରତି ଗ୍ରାମ ପଞ୍ଚାୟତର ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଶିକ୍ଷାର ଉନ୍ନତି, ଖେଳର ବିକାଶ, ଦକ୍ଷତା ବିକାଶ ତଥା ସ୍ୱୟଂ ସହାୟକ ମହିଳାଙ୍କ ସଶକ୍ତିକରଣ କରିବା ସହିତ ପଞ୍ଚାୟତକୁ ସଶକ୍ତ କରିବାର ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହି ଯୋଜନାରେ ଜିଲାର ୧୩୧ ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରିଛନ୍ତି। କୋମନା ବ୍ଲକ କୋନାବିରାଠାରେ ମେଗା ପ୍ରକଳ୍ପ ପାଇଁ ୪୦ କୋଟି ଟଙ୍କା, ବରକୋଟ ବିଜୁ ଏକ୍ସପ୍ରେସ ୱେଠାରୁ ସୁନାବେଡା ପର୍ଯ୍ୟନ୍ତ ୨ ଲାଇନ ରାସ୍ତା ପାଇଁ ୩୦ କୋଟି ଟଙ୍କା, ସୁନାବେଡାର ଚକୋଟିଆ ଭୁଞ୍ଜିଆମାନଙ୍କ ଇଷ୍ଟ ଦେବତା ମା' ସୁନାଦେଈ ମନ୍ଦିର ଉନ୍ନତିକରଣ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା, ପତୋରା ଯୋଗେଶ୍ୱର ମନ୍ଦିର ଉନ୍ନତିକରଣ, ଜିଲାର ଖଡିଆଳ, ଖରିଆର ରୋଡ, ସିନାପାଲି ଓ ନୂଆପଡା ଏନ୍‌ଏସିରେ ୩ଟି ଇନ୍‌ଡୋର ଷ୍ଟାଡିୟମ, ଛୋଟବଡ ସମସ୍ତ ନଈ, ନାଳ ବା ନଦୀରେ ବ୍ରିଜ୍, ବିଦ୍ୟାଳୟ ଉନ୍ନତିକରଣ ହେବ। ଆହାର କେନ୍ଦ୍ରରେ ୫ ଟଙ୍କାରେ ପେଟ ପୁରା ଖାଇବାକୁ ମିଳୁଛି। ସ୍ୱୟଂ ସହାୟକ ମହିଳାଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ସୁବିଧା, ଗର୍ଭବତୀଙ୍କୁ ମମତା ଯୋଜନାରେ ୫ ଜହାର ଟଙ୍କା ସହାୟତା, ନୂତନ ବର୍ଷରୁ ଲକ୍ଷ୍ମୀ ଯୋଜନାରେ ମହିଳାମାନେ ୫ ଟଙ୍କାରେ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଯାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ଉଦବୋଧନରେ ଜିଲାବାସୀଙ୍କୁ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ଜିଲାସ୍ତରୀ ଅଧିକାରୀ, ଦଳୀୟ କର୍ମକର୍ତ୍ତା ସହ ସରପଞ୍ଚ, ସମିତି, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏମବିକେ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସରୋଜ କୁମାର ସାହୁ, ଜୟ ଢୋଲକିଆ, ଭାନୁପ୍ରତାପ ସିଂ ମାଝି, ଭରତ ଲାଲ ରାଉତ, ଉମା ଠାକୁର, ତାରେଶ୍ୱରୀ ସାହୁ, ଦିଲୀପ ନିର୍ମଲକର, ହରିଶ୍ଚନ୍ଦ୍ର ପଣ୍ଡା, କ୍ଷିତିଶ ବୋଧନକର, ମହମ୍ମଦ ଆଦାମ, ଭଗତ ମାଝି, ସୁଧିର ମିଶ୍ର, ଧନିରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବୋଡ଼େନ ୨୧୬ ଗୋଟି ପ୍ରକଳ୍ପ ପାଇଁ ୭ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବୋଡ଼େନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ବିଡ଼ିଓ ପ୍ରିୟରଞ୍ଜନ କୁମ୍ଭାରଙ୍କ ପରିଚାଳିତରେ ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ବୋଡ଼େନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ବିଜେଡି ବ୍ଲକ ସଭାପତି ଲୋକନାଥ ଛତ୍ରିଆ, ଯୋଗେନ୍ଦ୍ର ମାଝି, ଶ୍ରୀକାନ୍ତ ସିଂହ ମାଝି, ଜିଲା ପରିଷଦ ସଭ୍ୟା ସୃତି ସିଂହ ମାଝିଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ ମହିଳାପୁରୁଷ ଯୋଗଦାନ କରିଥିଲେ। ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲ।

# ରବି ଋତୁରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଜଳ ଯୋଗାଣ ପାଇ ଆଲୋଚନା

ଭବାନୀପାଟଣା,୧୦।୧୧(ଉତ୍ତମ କୁମାର ଦାଶ)

**ଜଳ ସମ୍ପଦ ବିଭାଗ ସଚିବଙ୍କୁ ସାକ୍ଷାତ କଲେ ବିଧାୟକ**

ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ପୂର୍ବ ବର୍ଷ ଅପେକ୍ଷା ପାଣି କମ୍ ରହିଛି। ଫଳରେ ଆସନ୍ତା ରବି (ଡାଲୁଅ) ଚାଷ ସମୟରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଜଳ ଯୋଗାଣ କରାଯିବା ନେଇ ଏକ ପ୍ରକାଶ ଆଶଙ୍କା ରହିଛି। ଏହାକୁ ନେଇ ଜିଲାର ଜୁନାଗଡ ବ୍ଲକ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ତେବେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୁକ୍ରବାର ଭୁବନେଶ୍ୱରରେ ରାଜ୍ୟ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗଙ୍କୁ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ସାକ୍ଷାତ କରି ଏହି ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଆସନ୍ତା ରବି ଚାଷ ସମୟରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଜଳ ଯୋଗାଣ କରିବା ନେଇ ସେ ସଚିବ ଗର୍ଗଙ୍କ ସହ ଆଲୋଚନା କରିଛନ୍ତି। ପରେ ସଚିବ ଗର୍ଗ ଇନ୍ଦ୍ରାବତୀ ମୁଖ୍ୟ ଯନ୍ତ୍ରୀଙ୍କୁ ଏହାର ବିସ୍ତୃତ ରିର୍ପୋଟ ସହ ଆବଶ୍ୟକ ତଥ୍ୟ ଦେବାକୁ ନିର୍ଦ୍ଦେଶ ଜାରି କରିଥିବା ଜଣାପଡିଛି।



ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କ ସହ ଜୁନାଗଡ ବିଧାୟକ ଆଲୋଚନା କରୁଛନ୍ତି।

# ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଲେ ହିତାଧିକାରୀ

କୋକସରା,୧୦।୧୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଁଲି ଗ୍ରାମର ପିଡିଏସ ହିତାଧିକାରୀମାନେ ଶୁକ୍ରବାର ବ୍ଲକରେ ଆସି ଚାଉଳ ଯୋଗାଣରେ ଅନିୟମିତତା ହେଉଥିବା ନେଇ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଆଇଁଲି ଗ୍ରାମର ହିତାଧିକାରୀ ଭୂମିସୁତା ମାଝି, ଲୋଚନ ମାଝି, ରାଜେଶ କୁମାର ସାହୁ, ରସିକ ଲାଲ ମାଝି, ସୁଭାଷ ଚନ୍ଦ୍ର ମାଝି, ବିଦ୍ୟାଧର ମାଝି, ନୀଳକଣ୍ଠ ମାଝି, ଘନଶ୍ୟାମ ସାହୁ, ଟିକେଶ୍ୱର ମାଝିଙ୍କ ସମେତ ଶତାଧିକ ହିତାଧିକାରୀ ଆସି ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଯୋଗାଣ ବିଭାଗର ଅଧିକାରୀ ମୁର୍ମୁଙ୍କ ପ୍ରତିକ୍ରିୟା ନେବାରୁ ଆଇଁଲି ଗ୍ରାମର ୫୭ ଜଣ ହିତାଧିକାରୀଙ୍କ ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡିଛି। ସମସ୍ତ ହିତାଧିକାରୀଙ୍କୁ ଚାଉଳ ଦିଆଯିବ ବୋଲି କହିଛନ୍ତି।

# ଖଡ଼ିଆଳ ମହୋତ୍ସବ-୨୦୨୪ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଖଡ଼ିଆଳ ମହୋତ୍ସବ କମିଟି ସଦସ୍ୟ।

ଖଡ଼ିଆଳ,୧୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ-୨୦୨୪ ନେଇ ଶୁକ୍ରବାର ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପାଳନ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଆୟୋଜକ କମିଟି ସମ୍ପାଦକ ସୁନୀଲ କୁମାର ସାହୁ ୨୦୨୩ ମହୋତ୍ସବର ଆୟବ୍ୟୟ ଉପରେ ସମ୍ୟକ ସୂଚନା ଦେବା ପରେ ଆଗାମୀ ୨୦୨୪ ମହୋତ୍ସବ ପାଳନର ରୂପରେଖ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଜାନୁୟାରୀ ୩୦ରୁ ଫେବୃୟାରୀ ୩ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବ ସଫଳତାର ପାଇଁ ଏକ ଆୟୋଜକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପୁଣି ଥରେ ଜିତେନ୍ଦ୍ର ନାଥ ପଟ୍ଟନାୟକ, ଉପସଭାପତି ଭାବେ ସୁଶାନ୍ତ ତାଣ୍ଡି, ସମ୍ପାଦକ ଭାବେ ସୁନୀଲ କୁମାର ସାହୁ, ସହ ସମ୍ପାଦକ ଭାବେ ଗିରିଧାରୀ ବିଭାର, କୋଷାଧକ୍ଷ ଭାବେ ଛବି ସାଗରଙ୍କୁ ମନୋନୀତ କରାଯାଇଥିଲା। ଅର୍ଥ କମିଟି ଆବାହକ ଭାବେ ଅମରେଶ ପଟ୍ଟନାୟକ, ପ୍ରଚାର ପ୍ରସାର କମିଟି ଆବାହକ ଭାବେ ବିମଳ ସିଂ ଦଳପତି, ସାଂସ୍କୃତିକ କମିଟି ଆବାହକ ଭାବେ ଅମୂଲ୍ୟ ବାରିକ, କ୍ରୀଡା କମିଟି ଆବାହକ ଭାବେ ମହେଶ ଦଣ୍ଡସେନା, ବୌଦ୍ଧିକ ବିକାଶ ବିଭାଗ ଆବାହକ ଭାବେ ବିଭୁତି ବିଶି, ଦଳଗତ ନୃତ୍ୟ କମିଟି ଆବାହକ ଭାବେ ଗଙ୍ଗାଧର ମହାନ୍ତି, ପ୍ରଦର୍ଶନୀ କମିଟି ଆବାହକ ଭାବେ ଭୋଦେବ ସାହୁ, ଶୋଭାଯାତ୍ରା କମିଟି ଆବାହକ ଭାବେ ସୁରେନ୍ଦ୍ର କୁମାର, ଆଲୋଚନାଚକ୍ର କମିଟି ଆବାହକ ପଦ୍ମଲୋଚନ ବର୍ମା, ଖାଦ୍ୟ କମିଟି ଆବାହକ ଭାବେ ପ୍ରତାପ କେଶରୀ ପଟ୍ଟନାୟକ, ଦର୍ଶକ ଓ ଗ୍ୟାଲେରୀ ବିଭାଗ ଆବାହକ ଭାବେ ରାଜକପୁର ବାରିକ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା କମିଟିରେ ଏମ୍‌ପି ବସନ୍ତ ପଣ୍ଡା, ମନ୍ତ୍ରୀ ରାଜେନ୍ଦ୍ର ଡୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ଜିଲାପାଳ, ଖଡ଼ିଆଳ ରାଜା ଜିତମିତ୍ର ସିଂଦେଓ, ଜଗବନ୍ଧୁ ବାର, ନଗରପାଳ ଉଜ୍ଜଳ ଗୁପ୍ତା, ଫନିନ୍ଦମ ସିଂ ଦେଓଙ୍କୁ ଚୟନ କରାଯାଇଥିଲା। ବୈଠକରେ ଆୟୋଜକ କମିଟି ମେଜର ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ, ସତୀଶ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ପୂର୍ବତନ ସଭାପତି ନିମାଇଁ ଚରଣ ତାଣ୍ଡି, ଅମରେଶ ପଟ୍ଟନାୟକ, ସୁଶାନ୍ତ କୁମାର ବିଶି ପ୍ରମୁଖ ମଞ୍ଚାସୀନ ଥିଲେ।

### ଗ୍ରୀନ୍ ଦୀପାବଳି ପାଳନ କାରିବାକୁ ଏନ୍‌ଏସି ପକ୍ଷରୁ ସଚେତନତା

କେସିଙ୍ଗା,୧୦।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ କିରଣ ବେହେରାଙ୍କ ନେତୃତ୍ୱରେ ଗ୍ରୀନ ଦୀପାବଳି ଓ ସ୍ୱଚ୍ଛ ପରିବେଶ ମଧ୍ୟରେ ପାଳନ କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସହରରେ ମଧ୍ୟରେ ଦୀପାବଳି ପର୍ବ ପାଳନ ଅବସରରେ ଜନସାଧାରଣ ତଥା ପ୍ରତ୍ୟେକ ଦୋକାନ ବଜାର, ବାଣିଜ୍ୟ ସଂସ୍ଥା, ୱାର୍ଡ କମିଟି, ମହିଳା ସ୍ୱୟଂ ସହାୟିକା ଦଳ, ଏନଜିଓ, ୟୁଥ କ୍ଲବ, ସିଟିଜେନ ଗ୍ରୁପ, ପରିଷଦର ସମସ୍ତ ୱାର୍ଡ ଅଫିସରଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ଦୋକାନ ବୁଲି ବା ସହ ୱାର୍ଡର ସମସ୍ତ ଜନସାଧାରଣଙ୍କୁ କମ ଧୂଆଁ ବିଶିଷ୍ଟ ବାଣ ବ୍ୟବହାର କରିବା ସହିତ ସ୍ୱଚ୍ଛତା ପରିବେଶ ଓ ଗ୍ରୀନ ଦୀପାବଳି ପାଳନ କରିବାକୁ ସଚେତନତା କରାଯାଇଥିଲା। ସର୍ବସାଧାରଣଙ୍କୁ ସିଙ୍ଗଲ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ବାରଣ କରାଯାଇଥିଲା। ଏନ୍‌ଏସିର ପ୍ରତ୍ୟେକ ବ୍ୟବସାୟୀ ତଥା ସର୍ବସାଧାରଣଙ୍କୁ ଗ୍ରୀନ ଓ ସ୍ୱଚ୍ଛତା ଦିପାବଳୀ ପାଳନ କରିବାକୁ ଏନ୍‌ଏସି କର୍ମଚାରୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ଚୟନ ନେଇ ଜିଲା ପରିଷଦ ସଭ୍ୟଙ୍କ ଧାରଣା

କର୍ଲାମୁଣ୍ଡା,୧୦।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ଚୟନରେ ବ୍ୟାପକ ଅନିୟମିତତା, ପାତରଅନ୍ତର ଓ ଲୋକପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ କରି (ଖ) ଜୋନ ଜିଲା ପରିଷଦ ସଭ୍ୟ ତଥା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀ ଶୁକ୍ରବାର ବ୍ଲକ ସମ୍ମୁଖରେ ଧାରଣା ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମତେ ଚୌଧୁରୀ କର୍ଲାମୁଣ୍ଡା ବ୍ଲକର ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପ ଗୁଡିକ କିଏ ଚୟନ କରିଛି ତାର ସମ୍ପୂର୍ଣ୍ଣ ବିବରଣୀ ଦେବା, ଏହି ଯୋଜନାରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ଭୂମିକା ଅଛିକି ନାହିଁ ସ୍ପଷ୍ଟ କରିବା, କେଉଁ ଆଧାରରେ ପ୍ରକଳ୍ପଗୁଡିକ ଚୟନ କରାଯାଇଛି ତାର ସବିଶେଷ ବିବରଣୀ ଦେବା ପାଇଁ ଦାବି କରି ଧାରଣା ଦେଇଥିଲେ। ଏହିକ୍ରମର ସେ ବିଡିଓ ସୁଶ୍ରୀ ସୁଚରିତା ମୁଗ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଥାଉ କି ଏହି ଯୋଜନାର ଅର୍ଥ ମଞ୍ଜୁର ନେଇ ବ୍ଲକ ସାରା ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକ ପ୍ରତିନିଧିମାନେ ଦେଇଥିବା ପ୍ରକଳ୍ପଗୁଡିକୁ ଅଣଦେଖା କରାଯାଇ ଉପର ମହଲରେ କଟାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଫାଣ୍ଡି ଅଧିକାରୀ ଥବିର ବରିହା ଉପସ୍ଥିତ ଥିଲେ।




ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଆଶାକର୍ମୀ ପଦବୀ ରଦ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୧୦।୧୧(ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁରେ ଆଶାକର୍ମୀ ପଦବୀରେ ଚୟନ ହୋଇଥିବା ଆଶାକର୍ମୀ ପଦବୀ ରଦ୍ଦ ପାଇଁ ଗ୍ରାମବାସୀ ପକ୍ଷରୁ ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାପ୍ତସୂଚନା ମୁତାବକ ଭାଲୁକୋନା ଗାଁର ଜଣେ ମହିଳା ପୂର୍ବରୁ ଗାଁ ସାଥୀ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଏମ୍‌ଜିଏନଆର୍‌ଇଜିଏସ୍‌ରେ ହୋଇଥିବା କର୍ଯ୍ୟର ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିବା ବିଡିଓଙ୍କୁ ଲିଖିତ ଭାବେ ଜଣାଇଲା ପରେ ଗାଁ ସାଥୀ ପଦରୁ ତାଙ୍କୁ ବହିଷ୍କାର କରାଯାଇଛି। ହେଲେ ପୁଣି ଥରେ ଆଶାକର୍ମୀ ପଦବୀ ଦିଆଯାଉଛି ବୋଲି ୨୦୨୩ ଜାନୁୟାରୀ ୪ରେ ହୋଇଥିବା ବିଜ୍ଞାପନରୁ ଜାଣି ପାରିଲୁ ଯେ, ଆଶାକର୍ମୀ ଚୟନ ତାଲିକା ନାମ ରହିଛି। ଆଶାକର୍ମୀ ପଦବୀ ଦିଆଯାଉଥିବାରୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଥରେ ଗାଁ ସାଥୀ ରହି ଲକ୍ଷ ଲକ୍ଷ ଟଙ୍କା ହେରଫେର କରି ସାରିଲାଣି ପୁଣି ଆଶାକର୍ମୀ ପଦ ଦେଲେ ଗର୍ଭବତୀମାନଙ୍କୁ ଶୋଷଣ କରିଦେବ ବୋଲି ଅଭିଯୋଗ କରିଛନ୍ତି। ତାଙ୍କୁ ପୁଣି କୌଣସି ପଦବୀରେ ଅବସ୍ଥାପିତ କରାଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ପୂର୍ବତନ ସରପଞ୍ଚ ବୈଷ୍ଣବ ଦୁରିଆ, ଦେବନାଥ ଦୁରିଆ, ହରିସିଂ ମାଝି, ଗୌତମ ମାଝି, ଇନ୍ଦୁମତି ମାଝି, ନୀଲେନ୍ଦ୍ରି ମାଝି, ମୁକ୍ତା ମାଝି, ଭୂଜରାମ ମାଝି, ଶୁଶିଳା ମାଝି ପ୍ରମୁଖ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଉଦ୍ୟାନ ବିଭାଗ ପକ୍ଷରୁ ଉଦ୍ୟାନ କୃଷି କର୍ମଶାଳା

ତୁଣ୍ଡଲା,୧୦।୧୧(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ପଞ୍ଚାୟତ ରଜାପଡା ଛକ ଅମ୍ବାବଗିଚା ପ୍ରାଙ୍ଗଣରେ ଉଦ୍ୟାନ ବିଭାଗ ପକ୍ଷରୁ ଉଦ୍ୟାନ କୃଷି କର୍ମଶାଳା କାର୍ଯ୍ୟକ୍ରମ ବ୍ଲକ ଉଦ୍ୟାନ କୃଷି ଅଧିକାରିଣୀ ପ୍ରଜ୍ଞାଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ମୁଖ୍ୟଅଥିତି ଭାବେ ଯୋଗଦେଇ କର୍ମଶାଳା ଉଦଘାଟନ କରିଥିଲେ। ଏଥିରେ ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାଲିଙ୍ଗ, ସହକାରୀ ଉଦ୍ୟାନ ଅଧିକାରିଣୀ ମୋନାଲିସା ପଧାନ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ବ୍ଲକ ଆମ୍ବା ଅଧ୍ୟକ୍ଷ ଜିତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍ୟାନ ବିଭାଗ ପକ୍ଷରୁ ନୂତନ ଫଳ ଓ ଫୁଲ ବଗିଚା ପାଇଁ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଦିଆଯାଉ ଥିବା ଆର୍ଥିକ ଅନୁଦାନ ସହିତ ଜିଆଖତ ପ୍ରସ୍ତୁତି ନିମିତ୍ତ ଜିଆ କୁଣ୍ଡ, ଉଦ୍ୟାନ କୃଷି ଯନ୍ତ୍ରପାତି କ୍ରୟ ଉପରେ ରିହାତି ଏହି ସମସ୍ତ ସରକାରୀ ସହାୟତା ବିଷୟରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାଲିଙ୍ଗ ଚାଷୀମାନଙ୍କୁ ବୁଝାଇଥିଲେ। ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ଉପକରଣ, ରୋଗ ପୋକ ନିୟନ୍ତ୍ରଣ ବିଷୟରେ ଆଲୋକପାତ କରିଥିଲେ। ହଟିକଲଚର ଏକ୍ସଟେନ୍ସନ ୱାର୍କର ରୋଜାଲିନ ନାଏକ, ଉଦ୍ୟାନ କୃଷି ଓଭରସିଆର ସନ୍ତୋଷ କୁମାର ସାହୁ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ସମସ୍ତ ଚାଷୀ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥି।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଜାତୀୟ ସେମିନାର

ଭବାନୀପାଟଣା,୧୦।୧୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏଥିରେ ଗାନ୍ଧୀଆନ ସ୍କୁଲ ଅଫ ଡେମୋକ୍ରାସି ଆଣ୍ଡ ସୋସିଆଲିଜିମ, ଆଇଟିଏମ ୟୁନିଭରସିଟି, ଗୱାଲିଅରର ପ୍ରଫେସର ଆନନ୍ଦ କୁମାର ବିଶିଷ୍ଟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ସମାରୋହରେ 'ଗଣତନ୍ତ୍ର ତଥା ସାମାଜିକ ପୁଞ୍ଜି ପୁନଃ ଚିତ୍ରଣ: ଶାସନ, ନୀତି ଏବଂ ଭାରତରେ ଲୋକ' ବିଷୟବସ୍ତୁକୁ କେନ୍ଦ୍ର କରି ଏକ ବକ୍ତବ୍ୟର ଆରମ୍ଭ ହୋଇଥିଲା। ଗଣତାନ୍ତ୍ରିକ ଆଦର୍ଶ ପ୍ରତି ତାଙ୍କର ଗଭୀର ଜ୍ଞାନ ପାଇଁ ଜଣାଶୁଣା ପ୍ରଫେସର ଆନନ୍ଦ କୁମାର କାର୍ଯ୍ୟକ୍ରମରେ ପ୍ରଶଂସନୀୟ ବୌଦ୍ଧିକ ଭାର ଯୋଡି ଏହି ଉତ୍ସବକୁ ଅନୁକରଣ କରିଥିଲେ। ଉଦଘାଟନୀ ସମାରୋହରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, କୁଳ ସଚିବ ପୀତାମ୍ବର ଭୋଇ, ଅଧ୍ୟକ୍ଷା ପି.ଜି କାଉନସିଲ ନିବେଦିତା ନାଥ ଓ ସମାଜ ଶାସ୍ତ୍ର ବିଭାଗର ମୁଖ୍ୟ ଡକ୍ଟର ବିରେନ୍ଦ୍ର ସୁନା ତଥା ସମସ୍ତ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ତଥା ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ସମସ୍ତେ ସମସାମୟିକ ଗଣତାନ୍ତ୍ରିକ ଗଠନ ଏବଂ ସାମାଜିକ ବନ୍ଧନର ଅନ୍ତର୍ନିହିତ ବିଷୟ ସମ୍ବନ୍ଧରେ ଚର୍ଚ୍ଚାରେ ସାମିଲ ହୋଇଥିଲେ। ଶାସନ, ନୀତି ଓ ଭାରତର ସାମାଜିକ-ରାଜନ ରାଜନୈତିକ ଦୃଶ୍ୟପଟ୍ଟରେ ଜନସାଧାରଣଙ୍କ ଭୂମିକା ଉପରେ ଧ୍ୟାନ ଆଲୋଚନା ଏବଂ ବୌଦ୍ଧିକ ଜ୍ଞାନ ଆଦାନ ପ୍ରଦାନ ପାଇଁ ମଞ୍ଚ ସ୍ଥିର ହୋଇଥିଲା। ପ୍ରଫେସର ଆନନ୍ଦ କୁମାର, ତାଙ୍କର ଅଭିଜ୍ଞତା ଏବଂ ପାରଦର୍ଶୀତା ସହିତ ଏକ ଠିକଣା ପ୍ରଦାନ କରିଥିଲେ ଯାହା ସେମିନାରର ସ୍ୱର ସ୍ଥିର କରି ଭାରତର ବିବିଧ ତଥା ଗତିଶୀଳ ସମାଜ ପରିପ୍ରେକ୍ଷୀରେ ଗଣତନ୍ତ୍ର ତଥା ସାମାଜିକ ପୁଞ୍ଜିର ମୂଲଦୁଆକୁ ପୁନଃ ଆକଳନ ଏବଂ ପୁନଃ ଚିତ୍ରଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ୨୫ ଓ ୨୬ ନଭେମ୍ବରରେ ହେବାକୁ ଥିବା ଏହି ସେମିନାର ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଜ୍ଞାନ କୌଶଳ ବିକାଶ ସହ ଆଦିବାସୀ ସମ୍ବନ୍ଧିତ ଜ୍ଞାନର ଉନ୍ନତି କରିବ ବୋଲି ଆଶା କରାଯାଉଛି। ସମାଜ ଶାସ୍ତ୍ର ବିଭାଗ ଅଧ୍ୟାପକ ଅଶିନୀ ଗମାଙ୍ଗ ଧନ୍ୟବାଦ ଦେଇଥିଲେ।




ଜାତୀୟ ସେମିନାରେ ଯୋଗଦେଇଥିବା ଅତିଥିଗଣ।

## ସଂକ୍ଷେପରେ

### ବରଡ଼ୋଲ ୩-୨ ଗୋଲରେ ବିଜୟୀ

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଶୁକ୍ରବାର ବରଡ଼ୋଲ ଯୁବ ପରିଷଦ ଏବଂ ଉଲବାର ଜି.ଏ.ଏ ମଧ୍ୟରେ ମ୍ୟାଚ୍ ହୋଇଥିଲା। ୟୁନାଇଟେଡ୍ ସ୍ପୋର୍ଟ୍ସ ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ଏହି ମ୍ୟାଚ୍‌ରେ ବରଡ଼ୋଲ ୩-୨ ଗୋଲରେ ବିଜୟୀ ହୋଇଥିଲା । ବରଡ଼ୋଲ ପକ୍ଷରୁ ମୁକେଶ ନାୟକ ୨ ଏବଂ ସଚିନ ମୁଣ୍ଡା ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରତିପକ୍ଷ ଉଲବାର ମାୟାଧର ଭୁଏ ଏବଂ ସଚିନ ମାଝୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅଶ୍ୱିନୀ ମେହେର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅନିଲ ବାଗ, ସୁନିଲ ବାଗ ଲାଇନରେ ସହଯୋଗ କରିଥିଲେ। ବଣ୍ଟି ପ୍ରଧାନ ଚତୁର୍ଥ ରେଫରି ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା କ୍ରୀଡ଼ା ସଂସଦର ଆଜୀବନ ସଦସ୍ୟ ଦିଲୀପ କୁମାର ସାହୁ, ରଜତ ଦାଶ ଅତିଥି ଭାବେ ଯୋଗଦାନ କରିଥିଲେ। କଦଳୀପାଲି ଏବଂ ପାତିକାରପାଲି ମଧ୍ୟରେ ଶନିବାର ମ୍ୟାଚ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି ।



ଜିଲାପାଳଙ୍କ ଅଫିସ ଆଗରେ ଚିଟଫଣ୍ଡ ଜମାକାରୀଙ୍କ ଗଣ ସତ୍ୟାଗ୍ରହ ।



ଚିଟଫଣ୍ଡ ଜମାକାରୀଙ୍କ ଶୋଭାଯାତ୍ରା ।

# ଗର୍ଜିଲେ ଚିଟ୍‌ଫଣ୍ଡ ଜମାକାରୀ

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚିଟଫଣ୍ଡ୍ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ରେ ବିକ୍ଷୋଭ ଶୋଭାଯାତ୍ରା ସହିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣସତ୍ୟାଗ୍ରହ କରାଯାଇଥିଲା। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ଆବାହକ ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଜମାକାରୀ ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। ସେମାନେ ସେଠାରେ ଗଣ ସତ୍ୟାଗ୍ରହ କରିଥିଲେ।

ଜମାକାରୀମାନେ ଅଭିଯୋଗ କରିଥିଲେ, ୨୦୧୨ରୁ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ତହସିଲ, ଜିଲା ସଦର ମହକୁମା, ରାଜ୍ୟ ରାଜଧାନୀରେ ଜମାଟଙ୍କାର ପରିପକ୍ୱ ରାଶି ପ୍ରଦାନ ପାଇଁ ଦାବି କରିଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ସରକାର ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଉଛନ୍ତି, ମାତ୍ର ତାହା ପାଣିର ଗାର ପାଲଟିଛି। ଲକ୍ଷ ଲକ୍ଷ ଜମାକାରୀ ସେମାନଙ୍କ ଜମାରାଶି ଫେରସ୍ତ ପାଇଁ ସରକାର ବସାଇଥିବା କମିଶନ ନିକଟରେ ପ୍ରାୟ ୧୭ଲକ୍ଷରୁ ଊର୍ଦ୍ଧ୍ୱ ସତ୍ୟପାଠ ଦାଖଲ କରିଥିଲେ। କିନ୍ତୁ ସରକାର ସେହି କମିଶନକୁ ବନ୍ଦ କରିବା ସହିତ ସତ୍ୟପାଠ ଗୁଡ଼ିକ ଯାଞ୍ଚ ନ କରି ଦୀର୍ଘ ୩ ବର୍ଷ ହେବ ପକାଇ ରଖିଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ଲକ୍ଷାଧିକ ଜମାକାରୀ ଦୁର୍ବିସହ ଜୀବନଯାପନ କରୁଛନ୍ତି।

ଏଭଳି ସ୍ଥିତିରେ ଅସାଧୁ ଚିଟ୍‌ଫଣ୍ଡ ସଂସ୍ଥାର ମାଲିକ, ନିର୍ଦ୍ଦେଶକ, ଆଞ୍ଚଳିକ ମୁଖ୍ୟମାନଙ୍କୁ ଗିରଫ କରି ତାଙ୍କ ବ୍ୟାଙ୍କ ଜମା, ସମ୍ପତ୍ତି ଜବତ ଓ ନିଲାମ କରି ଜମାକାରୀଙ୍କୁ ସୁଧ ସହିତ ଟଙ୍କା ଫେରସ୍ତ କରିବାକୁ ଦାବି ହୋଇଛି। ସେହିପରି ଅନଧିକୃତ ଜମାରାଶି ଠକେଇର ତଦନ୍ତ କରୁଥିବା କମିଶନଙ୍କ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ, ସମସ୍ତ ଜମାକାରୀଙ୍କୁ ତହସିଲ ଜରିଆରେ ଚିହ୍ନଟ କରି ଜମାଟଙ୍କା ଫେରସ୍ତ କରିବାକୁ ଦାବି ହୋଇଛି। ଏହି ଗଣ ସତ୍ୟାଗ୍ରହରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ଆବାହକ ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ସାହାରା ଜମାକାରୀ ମଞ୍ଚର ସଭାପତି ବିଜୟ କୁମାର ପାଢ଼ୀ, ଉପସଭାପତି ବିଭୁଦତ୍ତ ମିଶ୍ର, ସୁଧାଂଶୁ ଗଡ଼ତିଆ, ସୁବ୍ରତ ଛତର, ଦୀପକ ପ୍ରଧାନ, ସଞ୍ଜୀବ ପଣ୍ଡା, ରମେଶ ମହାପାତ୍ର, ସୁଶାନ୍ତ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ୧୯ରେ ରେଳ ଷ୍ଟେଶନରେ ଧାରଣା

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରେଳ ଷ୍ଟେଶନ ଦେଇ ଭୁବନେଶ୍ୱର ପାଇଁ ସକାଳୁଆ ଟ୍ରେନ ଏବଂ ଦିଲ୍ଲୀ ପାଇଁ ସିଧାସଳଖ ଟ୍ରେନ ଚଳାଚଳ କରିବାକୁ ବରଗଡ଼ ରେଳ ଉପଭୋକ୍ତା ସଂଘ ବାରମ୍ବାର ଦାବି କରିଆସୁଛି । ମାତ୍ର ବିଭିନ୍ନ ଆଳ ଦେଖାଇ ସଂଘର ଏହି ଦାବିକୁ ରେଳ ବିଭାଗ ଅଣଦେଖା କରି ଆସିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସଂଘ ସଭାପତି ପ୍ରଦୀପ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତ୍ରୈମାସିକ ସାଧାରଣ ସଭାରେ ଏ ନେଇ ଉଦବେଗ ପ୍ରକାଶ ପାଇଥିଲା। ଏପରିକି ବରଗଡ଼, ବଲାଙ୍ଗୀର ରେଳ ଉପଭୋକ୍ତା ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ନିଆଯାଇଥିବା ଆନ୍ଦୋଳନାତ୍ମକ ନିଷ୍ପତ୍ତି ଉପରେ ସଭାରେ ଆଲୋଚନା ହୋଇଥିଲା। ଉପରୋକ୍ତ ଦାବି ନେଇ ଆସନ୍ତା ୧୯ତାରିଖ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଉଭୟ ବରଗଡ଼ ଏବଂ ବଲାଙ୍ଗିର ରେଳ ଷ୍ଟେଶନରେ ଶାନ୍ତିପୂରଣ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାସତ୍ତ୍ୱେ ଉକ୍ତ ଦାବି ନେଇ କିଛି ପଦକ୍ଷେପ ନିଆ ନ ଗଲେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଭାରେ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ପ୍ରୀତମ ସିଂ, ନିର୍ମଳ କର, ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଷୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ, ଜନସମ୍ପର୍କ ଅଧିକାରୀ କିଶୋର କୁମାର ରଥ ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ସଭାରେ ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

## ଏସିସି ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସିମେଣ୍ଟ ନଗରସ୍ଥିତ ଏସିସି ବିକାଶ ଇଂରାଜୀ ମାଧ୍ୟମ ସ୍କୁଲରେ ବାର୍ଷିକ କ୍ରୀଡ଼ା ରଫ୍‌ତାର ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ସିମେଣ୍ଟ ୱାର୍କ୍ସର ପ୍ଲାଣ୍ଟ ପ୍ଲାନେଜର ସୁନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ସନାତନ ମହାପାତ୍ର ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସେକେଣ୍ଡ ଇନ୍ କମାଣ୍ଡ ବାପୁନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଟ୍‌ପୁଟ୍, ଲମ୍ଫ ଡ଼ିଆଁ, ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ଅଭିଭାବକଙ୍କ ମଧ୍ୟରେ ଦୌଡ଼ ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ବିବେକ ଦାସରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ସହଯୋଗ କରିଥିଲେ। ଶିକ୍ଷକ ଦିଲୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ଜାନୁୟାରୀ ୪ରୁ ବରଗଡ଼ରେ ଜାତୀୟସ୍ତରୀୟ ହସ୍ତତନ୍ତ ସମ୍ମିଳନୀ

ଭୁବନେଶ୍ୱର,୧୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ପଶ୍ଚିମ ଓଡିଶାର କୋଣ ଅନୁକୋଣରେ ଥିବା ହସ୍ତତନ୍ତ ଶିଳ୍ପ ତଥା ବୁଣାକାରଙ୍କୁ ମିଳିବ ଜାତୀୟସ୍ତରରେ ବାଣିଜ୍ୟିକ ଲୋକପ୍ରିୟତା। ସ୍ଥାନୀୟ ଅର୍ଥନୀତି ତଥା ବଜାର ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ନୂଆ ବର୍ଷରେ ବରଗଡ ଜିଲାରେ ଆୟୋଜିତ ହେବ ଜାତୀୟସ୍ତରୀୟ ହସ୍ତତନ୍ତ ସମ୍ମିଳନୀ। ପଶ୍ଚିମ ଓଡିଶା ବିକାଶ ପରିଷଦ ଏବଂ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାନୁୟାରୀ ୪ ଓ ୫ରେ ସମ୍ମିଳନୀ ଆୟୋଜନ ହେବ ବୋଲି ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରଗଡ ଜିଲାପାଳ ମନିଷା ବାନାର୍ଜୀ ଆଭାଷୀ ମାଧ୍ୟମରେ ଯୋଗଦେଇ ସମ୍ମିଳନୀର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ପଶ୍ଚିମ ଓଡିଶାରେ ପ୍ରାୟ ୮୪ ହଜାର ୫୦୦ ବୁଣାକାର ଅଛନ୍ତି। ସେମାନଙ୍କୁ ମଧ୍ୟରୁ ୩୮ହଜାର ୫୦୦ ମହିଳା ବୁଣାକାର। ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ୍ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପଦ୍ମପୁରରେ ଚାଷ, ଚାଷୀ ଅବହେଳିତ



ଖବରଦାତା ସମ୍ମିଳନୀରେ ହମିଦ ହୁସେନ ସମ୍ବୋଧିତ କରୁଛନ୍ତି।

ପଦ୍ମପୁର,୧୦।୧୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ହେଉ କି ପଶ୍ଚିମ ଓଡିଶା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷ ଓ ଚାଷୀଙ୍କ କଥା ଭୁଲିଯାଇଛନ୍ତି। କେନ୍ଦ୍ର ସରକାର ଚାଷୀଙ୍କ କଷ୍ଟୋପାର୍ଜିତ ଧାନକୁ କମ୍ପାନୀ ହାତରେ ଟେକି ଦେଉଛନ୍ତି। ଏହାଦ୍ୱାରା ଦରଦାମ ବୃଦ୍ଧି ସହିତ ବଡ଼ ବଡ଼ କମ୍ପାନୀ ଲାଭବାନ୍ ହେଉଛନ୍ତି ବୋଲି ଶୁକ୍ରବାର ପଦ୍ମପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡ଼କ୍ଟର ହମିଦ୍ ହୁସେନ କହିଛନ୍ତି। ଛତିଶଗଡ଼ ରାଜ୍ୟର ଉଦାହରଣ ଦେଇ ସେ କହିଥିଲେ, ପଦ୍ମପୁର ଅଞ୍ଚଳର ଧାନ ୧୨ରୁ ୧୪ ଶହ ଟଙ୍କାରେ ଛତିଶଗଡ଼ରେ ବିକ୍ରି ହେଉଛି। ରାଜ୍ୟ ସରକାର ଜାଣିଶୁଣି ମଣ୍ଡି ବ୍ୟବସ୍ଥାକୁ ବିଳମ୍ବ କରୁଛନ୍ତି ଯାହାକି ଛୋଟଙ୍କ ଚାଷୀ ଉପରେ ପ୍ରଭାବ ପଡୁଛି। ସେହିପରି ଚିର ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର ଅଞ୍ଚଳର ଚାଷୀମାନେ ବୀମା ହେଉ କି ଏମ୍‌ଏସ୍‌ପି ସବୁଥିରେ ବଞ୍ଚିତ ହେଉଛନ୍ତି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମାନ ଭାବେ ଦାୟୀ ବୋଲି ହୁସେନ କହିଥିଲେ। ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ଯୁକ୍ତିଯୁକ୍ତ ଓ ପଦ୍ମପୁରକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା କେବେ ଦିଆଯିବ ବୋଲି ସେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ ବେହେରା, ପଦ୍ମପୁର ଟାଉନ ସଭାପତି ଦାନୀ, ବରଗଡ଼ ଜିଲା କିଷାନ କଂଗ୍ରେସ ସଭାପତି ଗୁଣମଣି ସାହୁ, ବରିଷ୍ଠ ସଦସ୍ୟ ତଥା ପଦ୍ମପୁର ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ, ପ୍ରଭାତ ବାରିକ, ଚିନ୍ତାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଧାନମଣ୍ଡି ଖୋଲିବାକୁ ଦାବି

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ ଚାରପାଲି ପଞ୍ଚାୟତ ଲମ୍ବରଜୁନାଠାରେ ନୂତନ ଧାନମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି। ଏହି ଦାବି ନେଇ ଶୁକ୍ରବାର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ, ଚାରପାଲିର ଚାଷୀ ପ୍ରତିନିଧିମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଚାରପାଲି ଅଞ୍ଚଳର ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ କନସିଂହା ସୋସାଇଟିର ଗୋଦାମ ଗୃହକୁ ଯିବାକୁ ପଡୁଛି। ଉକ୍ତ ଗୋଦାମ ଗୃହକୁ ଦୂର ଯୋଗୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଲମ୍ବରଜୁନା ଗ୍ରାମବାସୀ ଚାରପାଲି ପଞ୍ଚାୟତକୁ ୩ଏକର ୫୦ ଡେସିମିଲ ଜମି ହସ୍ତାନ୍ତର କରିଛନ୍ତି। ଫଳରେ ଲମ୍ବରଜୁନା ଗ୍ରାମରେ ଏକ ନୂତନ ଧାନମଣ୍ଡି ନିର୍ମାଣ କରିବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କୈଳାଶ ଚନ୍ଦ୍ର ବାରିକ, ହୋତାଶନ ବିଶ୍ୱାଳ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଧାନମଣ୍ଡି ଖୋଲିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

## ମିଥେନ ଗ୍ୟାସ୍ ନିର୍ଗତ ରୋକିବାକୁ ଗୁରୁତ୍ୱାରୋପ



ବୈଠକରେ ଅଧିକାରୀ, ଅଂଶୀଦାରବୃନ୍ଦ ।

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଜଳଛାୟା ପ୍ରକଳ୍ପ ଭବନଠାରେ କୋର୍ କାର୍ବନ ଚିରନ୍ତନ ଧାନ ପଦକ୍ଷେପ-ଭାରତ ଗୋଲ୍ଡ ଷ୍ଟାଣ୍ଡାର୍ଡ ଅନ୍ତର୍ଗତ ଅଂଶୀଦାରମାନଙ୍କ ଦିନିକିଆ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମହାଶକ୍ତି ଫାଉଣ୍ଡେଶନର ସମ୍ପାଦିକା ରୋଜାଲିନ ଭୂୟାଁ ସମସ୍ତ ଅଂଶୀଦାରଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋର୍ କାର୍ବନ ଏକ୍ସ ସଲ୍ୟୁଶନ୍ସ ପ୍ରାଇଭେଟ୍ ଲିମିଟେଡ୍(ସିସିଏକ୍ସ) ପ୍ରକଳ୍ପ ମୁଖ୍ୟ ସ୍ମୃତିରଞ୍ଜନ ସେଠୀ ପ୍ରକଳ୍ପର ଉଦ୍ଦେଶ୍ୟ, ଓଦା, ଶୁଖିଲା ଜଳ ପରିଚାଳନା ମାଧ୍ୟମରେ ଧାନଚାଷ କରି ଧାନକ୍ଷେତରୁ ମିଥେନ ଗ୍ୟାସ ନିର୍ଗତକୁ କିଭଳି ରୋକିପାରିବା ତାହା ଉପରେ ଉପସ୍ଥାପନା କରିଥିଲେ। ଓଡ଼ିଶା ରାଜ୍ୟ ସମବାୟ ନିଗମ ଲିମିଟେଡ୍ ଉପାଧ୍ୟକ୍ଷ ବିରୋସେନ ସାହୁ ଉକ୍ତ ପ୍ରକଳ୍ପ ନେଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ସୋହେଲା ବ୍ଲକ କୃଷି ଅଧିକାରୀ ନୀତାଞ୍ଜଳି ବିଶି ଏହି ନୂତନ ଜଳସେଚନ ପଦ୍ଧତିରେ ଚାଷୀମାନେ କିଭଳି ଲାଭବାନ ହୋଇପାରିବେ ତାହା ଉପରେ ଆଲୋଚନା କରିଥିଲେ। ଦେବରାଜ ରଣା, ମନୋଜ ରଣା, ମନୋଜ ନନ୍ଦ, ସୁବୋଧ କୁମାର, ଖଗେଶ୍ୱର ସାହୁ ସହଯୋଗ କରିଥିଲେ। ମିହିର ରଞ୍ଜନ ସାଗର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

**ଜୋନାଲସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ**

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ର ପରିସରରେ ଚାଲିଥିବା ଜୋନାଲସ୍ତରୀୟ କଳା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଛି। ବରଗଡ଼, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ାର ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଉତ୍କୃଷ୍ଟ କଳା ପରିବେଷଣ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। କଣ୍ଠଶିଳ୍ପୀ ପ୍ରମୋଦ ଦାଶ, ନାଟ୍ୟକାର ମୋହନ ସାହୁ, ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଦାଶ, ଭାର୍ଗବ ନାଏକ, ସଂଯୋଜକ ମିଥୁନ ପ୍ରଧାନ, ଦିନବନ୍ଧୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ରୀନା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜେନ୍ଦ୍ର ମହାନ୍ତି, ଗୁଣାତ୍ମକ ଶିକ୍ଷା ସଂଯୋଜିକା ପୁଷ୍ପାଞ୍ଜଳି ଦାଶ, ସଦାନନ୍ଦ ଜାଲ, ଡୋଲାମଣି ଶତପଥି, ସୁଶାନ୍ତ ଭୋଇ, ସୁଶାନ୍ତ ମଙ୍ଗୁଆଳ, ଅରବିନ୍ଦ ଗୁପ୍ତା, ଗୋପୀନାଥ ପ୍ରଧାନ, ଅଭୟ ବେହେରା, ପ୍ରକାଶ ବିର୍ଡିଆ, ହେମସାଗର ସା, ସଦାନନ୍ଦ ଭୋଇ, ରେଣୁ ସାହୁ, ରଶ୍ମିରେଖା ସାହୁ ପ୍ରମୁଖ ସହଯୋଗ କରିଥିଲେ। ନାଟ୍ୟକାର ନକୁଳ ବାଦି, ଅଶୋକ ବେହେରା, କନକ ଦଣ୍ଡସେନା, ଅନିରୁଦ୍ଧ ପାଇକ, ରମେଶ ଗୁର୍ଲା, ସୁରେନ୍ଦ୍ର ସାହୁ, ବୁଦ୍ଧଦେବ ଶାହା, ଦିଲୀପ ସୁନା, ଅମୂଲ୍ୟ ଭୋଇ, ମନୋଜ ଜେନା, ଗୋପାଳ ମିଶ୍ର, ତଫିକ୍ ଖାନ, ପ୍ରମୋଦ ମହାପାତ୍ର, ପ୍ରମୋଦ ଦାଶ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗିତାର ୨୦ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କଳା ଉତ୍ସବରେ ଯୋଗଦାନ କରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ ଜୋନାଲସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀବୃନ୍ଦ ।

# ମଣ୍ଡି ଜଗିବ ଚାଷୀ କମିଟି

ସରଣ୍ଡା,୧୦।୧୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ମାର୍କେଟ ୟାର୍ଡରେ ଶୁକ୍ରବାର ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ସଭାପତି ବୀରେନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଆସନ୍ତା ୧୫ ତାରିଖରେ ମଣ୍ଡି ଖୋଲା ନ ଗଲେ ଚାଷୀ ଜୋରଜବରଦସ୍ତ ମଣ୍ଡିରେ ଧାନ ଭର୍ତ୍ତି କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମଣ୍ଡିଗୁଡ଼ିକରେ ଧାନ ବିକ୍ରି ଓ ମଣ୍ଡି ପରିଚାଳନା ପାଇଁ ସଙ୍ଗଠନ ପକ୍ଷରୁ ମଣ୍ଡି କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହି କମିଟି ଚାଷୀଙ୍କ ଧାନ କିପରି ସୁରୁଖୁରୁରେ ବିକ୍ରି ହୋଇପାରିବ ସେ ନେଇ ଅନୁଧ୍ୟାନ କରିବ। ପ୍ରଶାସନିକ ଅଧିକାରୀ ସହଯୋଗ ନ କଲେ ସଙ୍ଗଠନର କର୍ମକର୍ତ୍ତା ହସ୍ତକ୍ଷେପ କରି ସ୍ଥିତି ନିୟନ୍ତ୍ରଣ କରିବେ। ଆବଶ୍ୟକ ହେଲେ ସଙ୍ଗଠନ ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସୂଚନା ଦିଆଯାଇଥିଲା। ଚଳିତ ବର୍ଷ ଧାନ ବିକ୍ରି ପାଇଁ ୨ଥର ଆଇ ସ୍କାନ ବ୍ୟବସ୍ଥାକୁ ବିରୋଧ କରାଯାଇଥିଲା। କୌଣସି ଚାଷୀ ଧାନ ଆଣିଲା ବେଳେ ମଣ୍ଡିରେ ଆଇ ସ୍କାନ ନ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ କଟନୀଛଟନୀକୁ ତୀବ୍ର ବିରୋଧ କରାଯାଇଛି। କୌଣସି ଚାଷୀଙ୍କ ଧାନକୁ ସରକାରୀ ନିୟମ ବାହାରେ କାଟ୍‌ଛାଟ କରାଯାଇପାରିବ ନାହିଁ ବୋଲି ସଙ୍ଗଠନ ଚାଷୀଙ୍କୁ ଆଶ୍ୱାସନା ଦେଇଛି। ସେହିପରି ଅଖା ବସ୍ତା, ଧାନର ସୁରକ୍ଷା, ଆନୁଷଙ୍ଗିକ ବ୍ୟବସ୍ଥା, ଆଦ୍ରତା ନିରୂପଣ, ସିସିଟିଭି ଲଗାଇବା, ପିଇବା ପାଣି ଯୋଗାଇଦେବା ଉପରେ ଜୋର ଦିଆଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଚ୍ୟୁତା ମହାପାତ୍ର, ଅମୂଲ୍ୟ ସ୍ୱାଇଁ, ବି. ପାପାରାଓ, ଭି. ସତ୍ୟବାବୁ, କେ. ରାମବାବୁ, କବିରାଜ କମ୍ପ, ଲକ୍ଷ୍ମଣ ପ୍ରଧାନ, ଶ୍ରୀକାନ୍ତ ସିଂଦେଓ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଆସନ୍ତା ୧୫ ତାରିଖରେ ପି. ସୁବାରାଓ ଓ ଜି. ସତବାବୁ ୩୦୦ ପ୍ୟାକେଟ ଏବଂ ଭି. ଶ୍ରୀନିବାସ, ଭି. ରାଜୁ, ନବୀନ ଚୌଧୁରୀ, ବି. ପାପାରାଓ ୧୫୦ ପ୍ୟାକେଟ ଲେଖାଏଁ ଧାନ ମଣ୍ଡିକୁ ଆଣିବା ପାଇଁ ନିଷ୍ପତ୍ତି ହୋଇଥିଲା।

ସୂଚନାଯୋଗ୍ୟ, ଅତାବିରା ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଛି । ଆସନ୍ତା ୧୫ ତାରିଖ ମଧ୍ୟରେ ପାଖାପାଖି ୩୦ ପ୍ରତିଶତ ଧାନ ଅମଳ ହୋଇଯିବ। ତେବେ ପ୍ରଶାସନ ୨୧ ତାରିଖରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ନେଇଥିବାରୁ ଚାଷୀ ହଇରାଣ ହେବେ ଦର୍ଶାଇ ଗତ ସୋମବାର ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ବହୁ ଚାଷୀ ଅତାବିରା କୃଷି କାର୍ଯ୍ୟାଳୟରୁ ତହସିଲ ଅଫିସ ଯାଏଁ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ବରଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତାବିରା ତହସିଲଦାର ବ୍ରଜକିଶୋର ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାସତ୍ତ୍ୱେ ଜିଲା ପ୍ରଶାସନ କର୍ଣ୍ଣପାତ କରିନାହିଁ। ଆସନ୍ତା ୧୫ତାରିଖ ମଧ୍ୟରେ ମଣ୍ଡି ନ ଖୋଲିଲେ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ଜୋର୍‌ଜବରଦସ୍ତ ମଣ୍ଡିକୁ ଧାନ ପୂରାଇବ ବୋଲି ସଙ୍ଗଠନ ଚେତାବନୀ ଦେଇଛି।



ଗୋଡ଼ଭଗା ମଣ୍ଡିରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ଚାଷୀବୃନ୍ଦ।

## ଘର ସାମ୍ନାରୁ ଟିପ୍ପର ଚୋରି

**ଲହୁଣୀପଡ଼ା (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଶସ୍ୟକଳା ପଞ୍ଚାୟତ ବରସୁଆଁ ବାଙ୍କା ବଜାର ସ୍ଥିତ ନିଜ ଘର ସାମ୍ନାରୁ ବୁଧବାର ବିଳମ୍ବିତ ରାତିରେ ଏକ ଟିପ୍ପର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ସଂକ୍ଷେପରେ

### ମାଙ୍ଗାଲୋରରେ ଶ୍ରମିକଙ୍କ ମୃତ୍ୟୁ

**ବଡ଼ଗାଁ,୧୦।୧୧( ଅଶୋକ ଷଢ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ବାମଡେରା ଗ୍ରାମର ବୈକୁଣ୍ଠ ମାଝିଙ୍କ ପୁଅ ମିଶ୍ର (୨୩)ଙ୍କ ମାଙ୍ଗାଲୋରରେ ମୃତ୍ୟୁ ଘଟିଛି। ଗତ ୩ ମାସ ପୂର୍ବେ ସେ ମାଙ୍ଗାଲୋରକୁ ଶ୍ରମିକ କାମରେ ଯାଇଥିଲେ। ନଭେମ୍ବର ୬ରେ ତାଙ୍କର ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ସେଠାକାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମିଶ୍ରଙ୍କ ମୃତ ଦେହ ରଖାଯାଇଛି। ସେ କାମ କରୁଥିବା ସଂସ୍ଥା ପକ୍ଷରୁ ତାଙ୍କ ମୃତଦେହ ବାମଡେରା ଅଣାଯିବ ବୋଲି ସୂଚନା ମିଳିଛି।

### ଯୁବ ଶ୍ରମିକଙ୍କ ମୃତ୍ୟୁ

**କୁଆଁରମୁଣ୍ଡା,୧୦।୧୧(ମହେନ୍ଦ୍ର କୁମାର ସାହୁ):** ଛାତିରେ ଯନ୍ତ୍ରଣା ହେବାରୁ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଅଞ୍ଚଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାୟା ବିଷ୍ଣୁ(୪୨)। ଏନେଇ ପାୟାଙ୍କ ସ୍ତ୍ରୀ ବାସନ୍ତୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବୀରମିତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା (୪୦/୨୩) ରୁଜୁ କରିଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପାୟା ନିକଟସ୍ଥ ଏକ କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଅପରାହ୍ନରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ପରିଷଦ ବୈଠକ

**ବଡ଼ଗାଁ,୧୦।୧୧(ଅଶୋକ ଷଢ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶୁକ୍ରବାର ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ପରିଷଦ ପକ୍ଷରୁ ଆଲୋଚନା ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରିଷଦର ରାଜ୍ୟ ସଂଯୋଜକ ଗିରିଧାରୀ ବିଶ୍ୱାଳ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଭାବେ ପରିଷଦର ଜିଲା ଉପଦେଷ୍ଟା ପ୍ରତାପ କୁମାର ବେଜୀ, ଜିଲା ସଂଯୋଜକ ସୁଶାନ୍ତ ସିଂ ଓ ଗୋବର୍ଦ୍ଧନ ଖୁଣ୍ଟିଆ ଯୋଗଦେଇଥିଲେ। ବୈଠକରେ ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ସଂସ୍କୃତିର ପ୍ରଚାର ପ୍ରସାର କରି ଆଗେଇନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ୧୪ରେ ଭୁବନେଶ୍ୱରରେ ହେବାକୁଥିବା ରାଜ୍ୟ ସ୍ତରୀୟ ସଭାରେ ସମସ୍ତ ଜିଲାର କର୍ମକର୍ତ୍ତା ଓ କଳାକାର ଯୋଗଦେଇ ୫ ଦଫା ଦାବିକୁ ସରକାରଙ୍କ ଠାରେ ଉପସ୍ଥାପନ କରିବା ଉପରେ ଆଲୋଚନା ହୋଇଥିଲା। ଦାବି ଗୁଡ଼ିକ ହେଲା ସଙ୍କୀର୍ତ୍ତନ ମଣ୍ଡଳୀ ସଦସ୍ୟଙ୍କୁ କଳାକାର ତାଲିକାଭୁକ୍ତ କରିବା, ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ କଳାକାରଙ୍କୁ ପରିଚୟ ପତ୍ର ପ୍ରଦାନ, ସମସ୍ତ ବୟସ୍କ କଳାକାରଙ୍କୁ ଭତ୍ତା ପ୍ରଦାନ, ସଂକୀର୍ତ୍ତନ କଳାକାର ପରିବାରଙ୍କ ପିଲାଙ୍କ ପାଇଁ ପ୍ରାଥମିକରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା, ସଙ୍କୀର୍ତ୍ତନ କଳାକାରଙ୍କୁ ବୀମାଭୁକ୍ତ କରି ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବା ଦାବିକୁ ନେଇ ଆଲୋଚନା ହେବା ସହ ବ୍ଲକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସରୋଜ ମାଝି, ଉପ ସଭାପତି ସବିତା ସାହୁ, ସମ୍ପାଦକ ଜିତେନ୍ଦ୍ର ସାହୁ, ସହ ସମ୍ପାଦକ ନିରାକାର କିଷାନ ଓ କାର୍ଯ୍ୟକାରୀ ସଭାପତି ଭକ୍ତରାମ ପଟେଲଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବୈଠକ ଶେଷରେ ଜୟନ୍ତୀ ପୃଷେଟ ଧନ୍ୟବାଦ୍ ଅର୍ପଣ କରିଥିଲେ।




ମାଣ୍ଡିଆ ଦିବସ ପାଳନ ଅବସରରେ ସେବକ ଅଫିସ୍ ପରିସରରେ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରତ୍ୟେକ ଥାଳିରେ ପୁଷ୍ଟିଶସ୍ୟ ପହଞ୍ଚିବ

**ସୁନ୍ଦରଗଡ,୧୦।୧୧(ଜୟ ନାରାୟଣ ମେଣ୍ଟୁଲି)**

ମାଣ୍ଡିଆ ଦିବସ ପାଳନ ଅବସରରେ ସେବକ ଅଫିସ୍ ପରିସରରେ ଶୁକ୍ରବାର ଏକ ସଚେତନତା ସମ୍ମିଳନୀ ଓ ଖାଦ୍ୟ ମହୋତ୍ସବ ଆୟୋଜିତ ହୋଇଯାଇଛି। ସେବକ ଅଧ୍ୟକ୍ଷ ଅମୀୟ କାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପୁଷ୍ଟିଶସ୍ୟର ବହୁଳ ପ୍ରସାରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଥାଳିରେ ପୁଷ୍ଟିଶସ୍ୟ ପହଞ୍ଚାଇବା ପାଇଁ ମିଶନ ମୋଡରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ସେବକର ଟାଙ୍ଗରପାଳି ବ୍ଲକର ସହକାରୀ ପ୍ରକଳ୍ପ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ମିଲେଟ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଜିଲାରେ ମାଣ୍ଡିଆ ଚାଷ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବା ସହ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡେବିଡ ଜେମ୍ସ ବାଗେ ପିଲାଦିନରୁ ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ସହିତ ଥିବା ନିବିଡତା, ମାଣ୍ଡିଆର ବିଭିନ୍ନ ଉପକାରିତା ଉପରେ କହିଥିଲେ। ଟିଡିସିସି ବ୍ରାଞ୍ଚ ମ୍ୟାନେଜର ଲକ୍ଷ୍ମୀଧର ପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଣ୍ଡିଆର ବଜାର ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ପାରମ୍ପାରିକ ପୁଷ୍ଟିଶସ୍ୟର ବହୁଳ ପ୍ରସାର ଦ୍ୱାରା ଏକ ସୁସ୍ଥ ସମାଜ ଗଠନ କରିପାରିବା ବୋଲି ମତ ଦେଇଥିଲେ। ସାଂସ୍କୃତିକ ଉତ୍ଥାନ ସଙ୍ଗେ ସଙ୍ଗେ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ପୁଷ୍ଟିଶସ୍ୟର ବ୍ୟାପକ ପ୍ରସାର ଅପରିହାର୍ଯ୍ୟ ବୋଲି ପ୍ରଧାନ କହିଥିଲେ। ଟାଙ୍ଗରପାଳି ଓ ବାଲିଶଙ୍କରା ବ୍ଲକରୁ ଆସିଥିବା ଚାଷୀ ପୁଷ୍ଟିଶସ୍ୟ ଚାଷରେ ସେମାନଙ୍କ ଅଭିଜ୍ଞତା ଉପରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଏହି ପୁଷ୍ଟିଶସ୍ୟ ଦିବସକୁ ଆହୁରି ଆକର୍ଷଣୀୟ କରିଥିଲା ବସୁଧା କୃଷକ ସଂଗଠନ ତରଫରୁ ଆୟୋଜିତ ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟରୁ ପ୍ରସ୍ତୁତି ଭଳିକି ଭଳି ଖାଦ୍ୟ ଶସ୍ୟର ସମାହାରର ଖାଦ୍ୟ ମହୋତ୍ସବ। ୧୮ ପ୍ରକାରର ପୁଷ୍ଟିଶସ୍ୟ ଖାଦ୍ୟର ବାସ୍ନାରେ ମୋହିତ ହୋଇଥିଲେ ଉପସ୍ଥିତ ଅତିଥି ଗଣ, ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ତଥା ସ୍ଥାନୀୟ ଗ୍ରାମବାସୀ। ଏହି ଅବସରରେ ଟାଙ୍ଗରପାଳି ଓ ବାଲିଶଙ୍କରା ବ୍ଲକର ସର୍ବଶ୍ରେଷ୍ଠ ପୁଷ୍ଟିଶସ୍ୟ ଚାଷୀଙ୍କୁ ସମ୍ମାନୀତ କରାଯାଇଥିଲା। ବାଲିଶଙ୍କରା ବ୍ଲକର ଝାରେନମାଳର ଅଞ୍ଜନା କଉଡି ଓ ଟାଙ୍ଗରପାଳି ବ୍ଲକ ରୂପାବାହାଲ ଗ୍ରାମର ଶତ୍ରୁଘ୍ନ ରୋହିଦାସଙ୍କୁ ସର୍ବଶ୍ରେଷ୍ଠ ମାଣ୍ଡିଆ ଚାଷୀ, ବାଲିଶଙ୍କରା ବ୍ଲକ ତଲସରାର ସରିତା ସାହୁଙ୍କୁ ସର୍ବଶ୍ରେଷ୍ଠ ସୁଆଁ ଚାଷୀ ତଥା ଟାଙ୍ଗରପାଳି ବ୍ଲକ କୁଆଁରବଗାର କୁମଳିନା ସୁରିନଙ୍କୁ ସର୍ବଶ୍ରେଷ୍ଠ ଗଙ୍ଗେଇ ଚାଷୀ ଭାବେ ପୁରସ୍କୃତ କରାଯାଇଥିଲା। ତରୁଣ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଞ୍ଜୁ ପଟେଲ ଓ ଦୀପିକା ବୁଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେବକ ପକ୍ଷରୁ ଏହି ଠନସୁନ୍ଦର ଗନ୍ଧା, ବିଶାଳ ବଞ୍ଚୋର, କୃତିକା ସିଂହ, ସରିତା ବୁଡା, ଆକାଂକ୍ଷା ଗୋସାଇଁ ପ୍ରମୁଖ ସହଯୋଗ କରିଥିଲେ।

## ହେମଗିରରେ କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳା



**ହେମଗିର,୧୦।୧୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଶୁକ୍ରବାର ମାଣ୍ଡିଆ ଦିବସ ଉପଲକ୍ଷେ ଏସଜି ଫାଉନଡେଶନ ତରଫରୁ କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଖାଦ୍ୟ ମେଳାକୁ ସିଡିପିଓ ଦିବ୍ୟ ରୋଜିତା ଲାକ୍ରା, ବ୍ଲକ କୃଷି ଅଧିକାରୀ ଶଶି ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଖାଦ୍ୟମେଳାରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଯଥା ମାଣ୍ଡିଆ ବରା, ଆଳୁଚପ, ପକୁଡ଼ି, ରୋଜକେକ, ମୁଡୁକି, ଲଡୁ, ମୋଦକ ସର୍ବସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସହାୟକ କୃଷି ଅଧିକାରୀ ଦୀପକ କୁମାର ଭୋଇ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଯଦୁମଣି ଦାସ, ମିଶନ ଶକ୍ତି ବ୍ଲକ ସଂଯୋଜକ ପ୍ରତାପ ନାୟକ, ଓଡିଶା ମିଲେଟ୍ସ ମିଶନର ବ୍ଲକ ସଂଯୋଜକ ଶିବନାଥ ଗୁରୁ, ଏସଜି ଫାଉଣ୍ଡେସଶର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବୋଲେରୋ ଧକ୍କାରେ ଜଣେ ମୃତ

**ଟେନ୍‌ସା,୧୦।୯(ସମୀର କୁମାର ପାଢୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମରେ ଶୁକ୍ରବାର ବୋଲେରୋ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାସୁଦେବ ନାୟକ(୫୦)। ପୋଲିସ ମୋବାଇଲ ଓ କାଗଜପତ୍ର ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଗାଡ଼ି ମାଲିକ ପହଞ୍ଚି କ୍ଷତି ପୂରଣ ଦେବା ପରେ ମୃତଦେହ ଉଠିବ ବୋଲି ପରିବାର ଲୋକେ ଦାବି କରିଥିଲେ। ୧.୫ ଲକ୍ଷ କ୍ଷତିପୂରଣ ମିଳିବା ପରେ ଅପରାହ୍ନ ୨ଟାରେ କୋଇଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ବାସୁଦେବ ସକାଳୁ କାରୋ ନଦୀ କୂଳେ ବସି ଦାନ୍ତ ଘଷୁଥିଲେ। ସେହି ସମୟରେ ଧୂଆ ହେବାକୁ ଆସିଥିବା ବାଲେରୋ ଜେଏଚ ୦୫ ଡିଏମ ୦୭୪୪ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବୋଲେରୋରେ ଥିବା ୨ଯୁବକ ଘଟଣାସ୍ଥଳରୁ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି।

## ଅନ୍ଧାରରେ ଜୀବନ କାଟୁଛନ୍ତି ପଡ଼ାବାସୀ

### ଦୀର୍ଘ ଦିନଧରି ଟ୍ରାନ୍ସଫର୍ମର ଅଚଳ

**ବାଲିଶଙ୍କରା,୧୦।୧୧(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ଉପାନ୍ତ ଅଞ୍ଚଳ ଲୁଲକିଡିହି ପୁଟୁରାମୁଣ୍ଡା ଗ୍ରାମରେ ତଳପଡା ଓ ଉପର ପଡାରେ ଦୀର୍ଘ ଦିନଧରି ଟ୍ରାନ୍ସଫର୍ମର ଅଚଳ ହୋଇପଡିଛି। ଫଳରେ ଅନ୍ଧାରରେ ଦିନ କାଟୁଛନ୍ତି ପଡାବାସୀ। ଏହା ଛତିଶଗଡ଼ ଓ ଝାଡଖଣ୍ଡ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସନ୍ଧ୍ୟା ହେବା ମାତ୍ରେ ହାତୀପଲ ଗାଁ ମୁହାଁ ହେଉଛନ୍ତି। ଅନ୍ଧାରରେ ଜୀବନ ବିତାଉଥିବା ବେଳେ ହାତୀପଲଙ୍କ ଆଗମନ ପଡାବାସୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଗରିବ ଆଦିବାସୀ ଦିନ ମଜୁରିଆଭାବେ କାମ କରି ଜୀବନଯାପନ କରୁଥିବା ବେଳେ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁ ସେମାନେ ଅନ୍ଧାର ଭିତରେ ରହୁଥିବା ଦୁଃଖ ଭରା କଣ୍ଠରେ କହିଛନ୍ତି। ଟ୍ରାନ୍ସଫର୍ମରକୁ ମରାମତି କିମ୍ବା ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଦୃଷ୍ଟି ଦେବାକୁ ପଡାବାସୀ ଦାବି କରିଛନ୍ତି।

# ପଞ୍ଚାୟତ ସମିତି ବୈଠକ, ଡାକ୍ତର ନିଯୁକ୍ତି ଦାବି

**ବଡ଼ଗାଁ,୧୦।୧୧(ଅଶୋକ ଷଢ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଞ୍ଚଳର ବିଭିନ୍ନ ଦାବି, ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଅଞ୍ଚଳବାସୀ ନିର୍ଭର କରୁଥିବାରୁ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନ ଥିବାରୁ ଓ ବିଶେଷଜ୍ଞ ପଦବୀ ଖାଲି ଥିବାରୁ ଲୋକେ ହଇରାଣ ହେଉଥିବା ଜନ ପ୍ରତିନିଧି ମାନେ କହିଥିଲେ। ସେମାନେ ଯଥାଶୀଘ୍ର ଡାକ୍ତର ନିଯୁକ୍ତି କରିବା ପାଇଁ ଦାବି କରିଥିଲେ।




ବୈଠକରେ ମଞ୍ଚାସୀନ ଅଧିକାରୀ ଓ ଜନ ପ୍ରତିନିଧି।

ନିରାମୟ ଯୋଜନାରେ ଆବଶ୍ୟକ ଔଷଧ ମିଳୁ ନ ଥିବା, ଠିକ୍ ସମୟରେ ବର୍ହିବିଭାଗ ଖୋଲିଥିବାରୁ ଓ ସାମାନ୍ୟ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଥିବା ଅଭିଯୋଗ କରି ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବସନ୍ତ ଟପ୍ପୋଙ୍କୁ ଜଣାଇଥିଲେ। କେତେକ ଗ୍ରାମରେ ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର ଗୁଡିକୁ ତୁରନ୍ତ ମରାମତି କିମ୍ବା ନୂତନ ଲଗାଇବା ପାଇଁ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧା ପନ୍ତରିଆ ଥିବା ଉନ୍ନୟନ କାର୍ଯ୍ୟ ଗୁଡିକୁ ଶୀଘ୍ର ଶେଷ କରିବା ପାଇଁ ଦାବି ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସାଂସଦ ପ୍ରତିନିଧି ଶିଶିର ରାଉତରାୟ, ସିଡିପିଓ ସୁଜାତା ବେକ, ଏଇ ସୁନୀଲ ମୁର୍ମୁ, ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୂତିଆଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ବିଡିଓ ସୁମତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କଲା ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ




**କୁତ୍ରା,୧୦।୧୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହରେ ଅଧିକାରୀ ଡା. ଶ୍ରୀକାନ୍ତ ଟପ୍ପୋଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ନିକଶୟ ମିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତେଲିଘନା ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନା ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ୫୨ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ତାଙ୍କ ପାଇଁ ମାସିକ ପୌଷ୍ଟିକ ଆହାର ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଶେଷ ଅତିଥି ଭାବେ ଶିବା ସିମେଣ୍ଟ କାରଖାନାର ଅପରେଶନ ବିଭାଗ ମୁଖ୍ୟ ଅନିଲ ସିଂହ ଏବଂ ସିଏସ୍‌ଆର ବିଭାଗ ମୁଖ୍ୟ ଶିବା ସିମେଣ୍ଟ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଅଭିଯାନରେ ନିଜକୁ ସାମିଲ କରି ପ୍ରତି ମାସରେ ଏହି ରୋଗୀଙ୍କୁ ପୌଷ୍ଟିକ ଆହାର ପ୍ରଦାନ ସହ ଏହି ଅଞ୍ଚଳକୁ ଯକ୍ଷ୍ମା ମୁକ୍ତ କରିବା ଦିଗରେ ସହାୟତା ପ୍ରଦାନ କରିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲତା ଲାକଡା, ଉପାଧ୍ୟକ୍ଷ କୌସ୍ତୁବ ଭୂଷଣ ହୋତା, ସରପଞ୍ଚ ଭୂବନ କୁଜୁର, ଶିବା ସିମେଣ୍ଟ ଖଣି ବିଭାଗ ମୁଖ୍ୟ ରାଧେଶ୍ୟାମ ରୟ, ସିଏସଆର ଅଧିକ୍ଷକ ଅଲେଖ ଦଳାଇ,ସ୍ୱାସ୍ଥ୍ୟ ବିଭାଗର ରାଜ କୁମାରୀ ଦେହୁରୀ, ଉଦ୍ଧବ ପ୍ରଧାନ, ଗଗନ ପ୍ରଧାନ, ଭାଦୁଆ ଓରାମ ତଥା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଯକ୍ଷ୍ମା ଚାମ୍ପିୟନ, ଆଶା କର୍ମୀ ଉପସ୍ଥିତ ଥିଲେ। ଜେଏସ୍‌ଡବ୍ଲ୍ୟୁର ଏଭଳି କାର୍ଯ୍ୟକ୍ରମ ପାଇଁ ସାଧାରଣରେ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

# ଅଖିଳ ଭାରତ ଯୁବକ ସଂଘ, ବିସ୍ଥାପିତଙ୍କ ପକ୍ଷରୁ ଦାବିପତ୍ର

**ହେମଗିର,୧୦।୧୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ବସୁନ୍ଦରା କୋଇଲା ଖଣିରେ ଶୁକ୍ରବାର ଅଖିଳ ଭାରତ ଯୁବକ ସଂଘ (ଏଆଇୟାଇଏଫ) ଓ ୧୪ଟି ଗ୍ରାମର ବିସ୍ଥାପିତ ଲୋକଙ୍କ ତରଫରୁ ଏକ ବିଶାଳ ରାଲି ମାଧ୍ୟମରେ ୬ଦଫା ଦାବି ପତ୍ର ବସୁନ୍ଦରା କମ୍ପାନୀକୁ ପ୍ରଦାନ କରାଯାଇଛି। ଏହି ଦାବିରେ ଆରଏନ୍‌ଡିଏମ୍ ବିଭାଗର କ୍ଲାରିଫିକେଶନ ଅନୁସାରେ, ବିସ୍ଥାପିତ ପରିବାରଙ୍କ ୧୮ବର୍ଷରୁ ଉର୍ଦ୍ଧ୍ୱ ପୁଅ ଝିଅଙ୍କୁ ଏମସିଏଲରେ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା, ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବା ଏବଂ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା କରିବା, ସିଏସଆର୍ ଫଣ୍ଡରୁ ସ୍ଥାନୀୟ ସ୍କୁଲ ଗୁଡିକରେ ଶିକ୍ଷା ସହାୟକ ନିଯୁକ୍ତି କରିବା, ସ୍ଥାନୀୟ ୧୮ବର୍ଷର ଯୁବତୀ ଯୁବକଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନଚେତ ଚାକିରି ବାବଦକୁ ୧୭ଲକ୍ଷ ପ୍ରଦାନ କରିବା, ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବା ଆଦି ଦାବି ଗୁଡିକ ପ୍ରଦାନ କରାଯାଇଥିଲା। ଆସନ୍ତା ଗୋଟିଏ ମାସ ମଧ୍ୟରେ ଉକ୍ତ ଦାବି ଗୁଡିକ ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଏହାର ଏକ ନକଲ କପି ଜିଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଅଖିଳ ଭାରତ ଯୁବ ସଂଘ ସଭାପତି ରାଜେନ୍ଦ୍ର ନାଏକ, ସୁକଦେବ ପଧାନ, ରାଧେଶ୍ୟାମ ଗର୍ଡିଆ , ନରେନ୍ଦ୍ର ତାଜନ, ସଞ୍ଜୟ କର୍ତ୍ତା, ମହେଶ କିଷାନ, ଜନ୍ମ ଓରାମ, ହିମାଂଶୁ ଶେଖର ବାରିକ, ଗୋବିନ୍ଦ ବାଗ, ଚିତ୍ରସେନ ଜୟପୁରିଆ, ପୂର୍ବତନ ସରପଞ୍ଚ କ୍ଷମାଶିଳ ମାଝି, ପୂର୍ବତନ ସରପଞ୍ଚ କୁମୁଦବନ୍ଧୁ ପ୍ରଧାନ, ଦୀନବନ୍ଧୁ ନାଏକ, ଟେକଚାନ୍ଦ ଦାଶ, ବଂଶିଧର କଉଡ଼ି, ନରେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ବଦଳରେ ବାଇକ୍ ଓ ଜେସିବି ନମ୍ବର ଦେଇ ଅର୍ଥ ହଡ଼ପ

**ବଡ଼ଗାଁ,୧୦।୧୧(ଅଶୋକ ଷଢ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ଗ୍ରାମର ଅଡା ପୋଖରୀର ପୁନଃ ଉଦ୍ଧାର ପାଇଁ ୨୦୨୧-୨୨ରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ୍‌ରୁ ୨ ଲକ୍ଷ ୧୧ ହଜାର ଟଙ୍କା ଅନୁଦାନ ମିଳିଥିଲା। ଜେସିବି ସାହାଯ୍ୟରେ ମାଟି ଖୋଳା ଯାଇଥିଲା। ମାଟି ବୋହିବା ପାଇଁ ଟ୍ରାକ୍ଟର ସ୍ଥାନରେ ବାଇକ୍ ଓ ଜେସିବିର ନମ୍ବର ଦେଇ ମିଥ୍ୟା ବିଲ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଜଣାପଡିଛି। ଓଡି ୧୬ ବି ୨୮୧୦, ଓଡିଜେ ୮୯୦୬, ଓଆର ୧୬ ଏଚ ୬୪୫୪, ଓଡି୧୬ କେ ୧୧୫୬ , ଓଆର ୧୬ ଏଫ ୮୫୧୩ ନମ୍ବର ବିଶିଷ୍ଟ ଟ୍ରାକ୍ଟରରେ ମାଟି ଉଠାଣ ହୋଇଥିବା ଓ ଏହା ବାବଦରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଣ

### ଜିଲାପାଳଙ୍କ ନିକଟରେ ଅଭିଯୋଗ

କରାଯାଇଥିବା ଉଲ୍ଲେଖ କରାଯାଇଛି। ତେବେ ପାଉଲେ ମେହେର ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ମଗାଯାଇଥିବା ତଥ୍ୟ ଅନୁଯାୟୀ, ଏହିସବୁ ଟ୍ରାକ୍ଟରରେ ମାଟି ଉଠାଣ ହୋଇଥିବା ସେ ଦର୍ଶାଯାଇଛନ୍ତି। ତେବେ ଏହିସବୁ ନମ୍ବର କେଉଁ ଟ୍ରେକ୍ଟରର ଜାଣିବାପାଇଁ ପାଉଲେ ଯାଞ୍ଚ କରିବାପରେ ଟ୍ରାକ୍ଟର ସ୍ଥାନରେ ବାଇକ୍ ଓ ଗୋଟିଏ ଜେସିବିର ନମ୍ବର ଉଲ୍ଲେଖ କରାଯାଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଜିଲାପାଳଙ୍କୁ ଲିଖିତ ଜଣାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ନେଇ ବିଡିଓ ସୁମତି ପଣ୍ଡା ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ଜିଲାପାଳ କହିଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଘେରିଲେ ସିପିଆଇଏମ୍ କର୍ମୀ

**ବଣାଇଁ,୧୦।୧୧(ପ୍ରଦୀପ ତ୍ରିପାଠୀ)**

୧୮ ଦଫା ଦାବି ନେଇ ଶୁକ୍ରବାର ସୁନ୍ଦରଗଡ ଜିଲା ବଣାଇଁ ବ୍ଲକ କାର୍ଯ୍ୟାଳୟ ଘେରାଉ କଲେ ଶତାଧିକ ସିପିଆଇଏମ୍ କର୍ମୀ। ବିଧାୟକ ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତା ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ରାଜା ଧରଣୀଧର ବହୁମୁଖୀ ଖେଳପଡିଆଠାରୁ ଏକ ବିଶାଳ ରାଲି ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। । ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବାର୍ଦ୍ଧକ୍ୟ, ବିଧବା




ବ୍ଲକ କାର୍ଯ୍ୟାଳୟ ଘେରିବାକୁ ଆସିଥିବା ସିପିଆଇଏମ୍ କର୍ମୀ।

ଓ ଭିନ୍ନକ୍ଷମ ଭତ୍ତା ଅନ୍ୟୁନ ୨ ହଜାର ଟଙ୍କା କରାଯିବା, ଧାନ କ୍ରୟ ବ୍ୟବସ୍ଥା ସୁଚାରୁ ରୂପେ କରାଯାଇ ଅଭାବୀ ବିକ୍ରି, କଟନି ଛଟନି ବନ୍ଦ କରି ସରକାରୀ ମଣ୍ଡି ଜରିଆରେ ଧାନ କ୍ରୟ କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା କରିବା, ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ ବ୍ୟବସ୍ଥାରେ ଲୋକ ପ୍ରତିନିଧିଙ୍କୁ ସାମିଲ କରିବା, ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବ୍ୟବସ୍ଥା ସହ ପରିସରରେ ଏକ ଆହାର କେନ୍ଦ୍ର ପ୍ରତିଷ୍ଠା କରିବା, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଓ ମୃତକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା, ବଣାଇଁଗଡ଼ ଡିଗ୍ରୀ ମହାବିଦ୍ୟାଳୟକୁ ସରକାରୀ କରାଯିବା ଆଦି ଦାବି ଦାବି ପତ୍ରରେ ଉଲ୍ଲେଖ ରହିଛି। ବଣାଇଁ, ଗୁରୁଣ୍ଡିଆ, କୋଇଡା, ଲହୁଣୀପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଆଇନ୍ ଅମାନ୍ୟ ଆନ୍ଦୋଳନ ଜାରି ରହିବ ବୋଲି ବିଧାୟକ ମୁଣ୍ଡା ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭ ଓ ସମାବେଶ ରେ ଭାରତୀୟ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଜିଲା ସଂପାଦକ ପ୍ରମୋଦ ସାମଲ, ବରିଷ୍ଠ ନେତା ଅନିରୁଦ୍ଧ ତ୍ରିପାଠୀ,ଭୁବନେଶ୍ୱର ସାହୁଙ୍କ ସମେତ ଶତାଧିକ ସିପିଆଇଏମ୍ କର୍ମୀ ଆନ୍ଦୋଳରେ ସାମିଲ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ତେବେ ଏହି ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନକୁ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ପକ୍ଷରୁ ଦୃଢ ନିନ୍ଦା କରାଯାଉଛି। ନିର୍ବାଚନ ପାଖେଇ ଆସୁଥିବାରୁ ବିଭିନ୍ନ ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ନେଇ ଦାବି କରାଯାଉଥିବା ରାଉରକେଲା ସାଙ୍ଗଠନିକ ଜିଲାସମ୍ପାଦକସୁନ୍ଦରମଣିପ୍ରଧାନକହିଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଜିଲା କୃଷକ ସୁରକ୍ଷା ସଂଗଠନର କାର୍ଯ୍ୟକ୍ରମ, ଜମାଦାରପାଲିସ୍ଥିତ କାର୍ଯ୍ୟାଳୟ - ସମୟ ପୂର୍ବାହ୍ନ ୧୧ଟା
- ଜିଲାସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା, ରେଳବାଇ ଷ୍ଟାଡ଼ିୟମ, ସମୟ ଅପରାହ୍ନ ୨ଟା

## ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଯୁବକ ଗିରଫ



**ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର):** ବନ୍ଧୁକ ଦେଖାଇ ଗ୍ରାମବାସୀଙ୍କୁ ଭୟଭୀତ କରୁଥିବା ଜଣେ ଯୁବକଙ୍କୁ ସଦର ଥାନା ପୋଲିସ ଶୁକ୍ରବାର ଗିରଫ କରି ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ବାଇକ୍ (ଓଡି୨୩ଜେ-୬୦୧୯) ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଫିସର୍ସ କଲୋନୀର ବାପି ଠାକୁର(୨୩)। ସମ୍ବଲପୁର ଉପକଣ୍ଠ ଠେମରା ଗ୍ରାମର ଏକ ଖଳା ନିକଟରେ ବାପି ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରୁଥିଲେ। ଏ ସମ୍ପର୍କରେ ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କାବୁ କରିଥିଲା। ଏ ନେଇ ସଦରଥାନା କେସ୍ ନମ୍ବର ୨୯୫/୨୩ରେ ମାମଲା ରୁଜୁ କରିଛି।

## ଚୋରି ସାମଗ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

**କୁଚିଣ୍ଡା,୧୦।୧୧(ବିରଞ୍ଚି ଦର୍ଶୀ):** ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲ ସୁନାଚୋରି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କେଶାଇବାହାଲ ଗ୍ରାମର ସୁମିତ ଗୌଡ଼ ଓରଫ ରାଜା। ସୂଚନାଯୋଗ୍ୟ, ଗତ ୩୦ତାରିଖ ରାତିରେ କେଶାଇବାହାଲର ଅବସରପ୍ରାପ୍ତ ଶିକ୍ଷକ ରୋହିତ ପଟେଲଙ୍କ ଘରୁ ଏକ ସୁନାମୁଦି ଓ ମଙ୍ଗଳସୂତ୍ର ଚୋରି ହୋଇଥିଲା। ରୋହିତ ଏ ନେଇ ମହୁଲପାଲି ଥାନାରେ ରିପୋର୍ଟ କରିଥିଲେ। ଏସ୍‌ଡିପିଓ ଅମିତାଭ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହୁଲପାଲି ପୋଲିସ ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ମୁଗୁରି ତଦନ୍ତକରି ଅଭିଯୁକ୍ତ ରାଜାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଚୋରି ହୋଇଥିବା ସୁନା ଅଳଙ୍କାର ଉଦ୍ଧାରକରି ପୋଲିସ ରୋହିତଙ୍କୁ ହସ୍ତାନ୍ତର କରିଛି।

## ପ୍ରଧାନଶିକ୍ଷକଙ୍କ ମାସିକ ଆଲୋଚନାଚକ୍ର

**ନାକଟିଦେଉଳ,୧୦।୧୧(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ସାହେବୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଇଓ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଛାତ୍ରୀଛାତ୍ରଙ୍କୁ ନେଇ କ୍ଲବ ଗଠନ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବିଦ୍ୟାର୍ଥୀଙ୍କ ପ୍ରତିଭା ମୂଲ୍ୟାୟନ ପାଇଁ ଜିଜ୍ଞାସା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାହେବୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଦେବ ସାହୁ ସ୍ୱାଗତ ଜଣାଇଥିବା ବେଳେ ସହକାରୀ ଶିକ୍ଷକ ରାଜେନ୍ଦ୍ର ବିଶି ଧନ୍ୟବାଦ ଦେଇଥିଲେ।

### ପରିବେଶ ସହ ଗୋସୁରକ୍ଷା ବାର୍ତ୍ତା

# ପରିବେଶ ଅନୁକୂଳ ଗୋବର ଦୀପ

**ସମ୍ବଲପୁର,୧୦।୧୧ (ଭବାନୀ ଶଙ୍କର ଭୋଇ)**



ଗୋବରରେ ପ୍ରସ୍ତୁତ ଦୀପ।

ଦିନକ ପରେ ଦୀପାବଳି। ଦୀପ ଆଲୁଅରେ ଆଲୋକିତ ହେବ ପରିବେଶ। ଏଥିପାଇଁ ରଙ୍ଗବେରଙ୍ଗର ଦୀପ ବଜାରରେ ବିକ୍ରି ହେଉଛି। ପ୍ରାୟ ସବୁଠି ମାଟି ତିଆରି ଦୀପ ବିକ୍ରି ହେଉଥିବା ବେଳେ ସମ୍ବଲପୁର ଚାରପାଲିରେ ଦେଶୀ ଗାଈ ଗୋବରରେ ପ୍ରସ୍ତୁତ ଗୋବର ଦୀପକୁ ଲୋକେ ପସନ୍ଦ କରୁଥିବା ଦେଖାଯାଉଛି। ଏହି ଗୋବର ଦୀପକୁ ତିଆରି କରୁଛନ୍ତି ଚାରପାଲିର ସତ୍ୟନାରାୟଣ ପ୍ରଧାନଙ୍କ ପରିବାର। ଏହା ପରିବେଶ ଅନୁକୂଳ ହୋଇଥିବାରୁ ଦୀପାବଳି ଓ ପର୍ବପର୍ବାଣୀ ପାଇଁ ଏହାର ଚାହିଦା ବଢୁଛି।

ସହର ବଜାରରେ ମାଟିର ଅଭାବ ଦେଖାଦେଉଛି। ପୁଣି ମାଟିଦୀପକୁ ପୋଡା ଯାଉଥିବାରୁ ତାହା ପରିବେଶ ପ୍ରତି ଅନୁକୂଳ ହୁଏନାହିଁ। ଏହାକୁ ପୋଡିବା ପାଇଁ ବହୁ ପରିମାଣରେ କାଠର ଆବଶ୍ୟକତା ପଡିଥାଏ। ସେଥିପାଇଁ ଗଛ କାଟିବାକୁ ପଡେ। ଏଥିରେ ପରିବେଶ ନଷ୍ଟ ହେଉଥିବାରୁ ଏହାର ବିକଳ୍ପ ଭାବେ ଦେଶୀ ଗାଈ ଗୋବରରେ ଦୀପ ତିଆରି କରିବା ପାଇଁ ସତ୍ୟନାରାୟଣ ପ୍ରଧାନଙ୍କ ପୁଅ କ୍ଷୀରେଶ୍ୱର ଅନ୍‌ଲାଇନରୁ ତଥ୍ୟ ସଂଗ୍ରହ କରି ତିଆରି ଆରମ୍ଭ କରିଥିଲେ। ଏଥିରେ ପରିବେଶ ସୁରକ୍ଷା ସହ ଗୋସୁରକ୍ଷା ହୋଇପାରୁଥିବାରୁ ତାଙ୍କ ବାପା ସତ୍ୟନାରାୟଣ ଏଥିପ୍ରତି ଆକୃଷ୍ଟ ହୋଇ ଗୋବର ଦୀପ ତିଆରି କରିବା ଦାୟିତ୍ୱ ନେଇଛନ୍ତି। ଏବେ ପୁରା ପରିବାର ଏହି କାମରେ ସହଯୋଗ କରୁଛନ୍ତି। ଏହି ଦୀପ ତିଆରି କରିବା ପାଇଁ ଦେଶୀ ଗାଈର ଗୋବର ବ୍ୟବହାର କରାଯାଉଛି। ପ୍ରଥମେ ଗୋବର ଶୁଖିବା ପରେ ତାକୁ ଗୁଣ୍ଡ କରି ଏଥିରେ ତେନ୍ତୁଳି ମଞ୍ଜି ଓ ଗୁଞ୍ଜର ମଞ୍ଜିରୁ ତିଆରି ପାଉଡର ମିଶାଇ ତାକୁ ଛାଞ୍ଚରେ ପକାଯାଇଥାଏ। ଏହି ଦୁଇପ୍ରକାର ମଞ୍ଜି ସଂଗ୍ରହ କରିବା କଷ୍ଟକର ହେଉଥିବାରୁ ଏଥିରେ ପ୍ରିମିଶ ପାଉଡ଼ର ବ୍ୟବହାର କରାଯାଇଥାଏ। ଅଢେଇ କେଜି ଗୋବର ଗୁଣ୍ଡରେ ୧ କେଜି ପ୍ରିମିଶ ପାଉଡର ମିଶ୍ରଣରୁ ପ୍ରାୟ ୫୫୦ଟି ଦୀପ ତିଆରି ହୋଇପାରେ। ଦୀପଗୁଡିକୁ ଅଧିକ ସୁନ୍ଦର କରିବା ପାଇଁ ଏଥିରେ ବିଭିନ୍ନ ପ୍ରକାର ରଙ୍ଗ ବ୍ୟବହାର କରୁଛନ୍ତି ପ୍ରଧାନ ପରିବାର। ବଜାରରେ ଏହି ଦୀପ ସାଧାରଣତଃ ଗୋଟିକୁ ୫ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ତେବେ ଅନ୍‌ଲାଇନ ଶପିଂ ଆମାଜନ ଓ ଫ୍ଲିପକାର୍ଟରେ ଗୋଟିକୁ ୧୦ ଟଙ୍କାରେ ବିକ୍ରି କରାଯାଉଛି। ଅନ୍‌ଲାଇନରେ ଶହେ ଆଠଟି ଦୀପକୁ ପ୍ୟାକେଟ କରି ପାଞ୍ଚଶହ ଟଙ୍କାରେ ବିକ୍ରି କରାହେଉଛି। ପ୍ୟାକେଟରେ ଦୀପକୁ କିଭଳି ବ୍ୟବହାର କରିପାରିବେ ତା'ର ସୂଚନା ଦିଆଯାଇ ଲୋକଙ୍କୁ ସଚେତନ କରାଯାଉଥିବା ପରିବାର ପକ୍ଷରୁ କୁହାଯାଇଛି।

### ସେମାନେ କୁହନ୍ତି...



"ଏହି ଗୋବର ଦୀପ ତିଆରି କରି ମୁଁ ଆତ୍ମସନ୍ତୋଷ ଲାଭ କରୁଛି। ଦୀପ ତିଆରି କାମରେ ପରିବାର ସଦସ୍ୟ ସହଯୋଗ କରୁଛନ୍ତି। ଏଥିରୁ ରୋଜଗାର ହେଉଥିବା ଅର୍ଥରୁ କିଛି ଗୋମାତାଙ୍କ ସୁରକ୍ଷା ପାଇଁ ବ୍ୟବହାର କରୁଛି। ଗୋବର ଦୀପ କିଣୁଥିବା ଲୋକେ ଗୋମାତାଙ୍କୁ ସେବା କରୁଛନ୍ତି ବୋଲି ମୁଁ ମନେକରେ।

**-ସତ୍ୟନାରାୟଣ ପ୍ରଧାନ, ଗୋବର ଦୀପ ତିଆରି କରୁଥିବା ବ୍ୟକ୍ତି**



"ଗୋବର ଦୀପ ପରିବେଶ ପାଇଁ ଉପଯୋଗୀ ହେବା ସହ ଏହି ଦୀପର ପାଉଁଶରେ ବାସନକୁସନ ସଫା କରିବା ପାଇଁ ବ୍ୟବହାର ହୋଇପାରେ। ଏହାକୁ ଜାଳିବା ପରେ ମାଟିରେ ପକାଇଲେ ଏହା ପୁଣିଥରେ ଖତ ଭାବରେ ବ୍ୟବହାର ହୋଇଥାଏ। ଗୋବର ତିଆରି ଦୀପ ଜଳିବା ପରେ ମଧ ପରିବେଶ ପାଇଁ ଅନୁକୂଳ ରହିଥାଏ।

**- କ୍ଷୀରେଶ୍ୱର ପ୍ରଧାନ, ସତ୍ୟନାରାୟଣଙ୍କ ପୁଅ**



"ଚାରପାଲିରେ ଗୋବର ଦୀପ ତିଆରି ହେଉଥିବା ଜାଣିବା ପରେ ନିୟମିତ ଏହାକୁ ବ୍ୟବହାର କରୁଛୁ। ଏହା ପରିବେଶ ପାଇଁ ମଧ ଅନୁକୂଳ। ତେଣୁ ଏହା ବ୍ୟବହାର କରିବା ଦ୍ୱାରା ଗୋସୁରକ୍ଷା ସହ ଆମ ପରମ୍ପରାକୁ ମଧ ସମ୍ମାନ ଦେଇପାରୁଛୁ। ବାହାରେ ଥିବା ମୋ ବନ୍ଧୁ ପରିଜନଙ୍କୁ ଏହି ଦୀପ ବ୍ୟବହାର ପାଇଁ କହିବା ସହ ସେମାନଙ୍କୁ ନିୟମିତ ପଠାଇଥାଏ।

**-ପୁରୁଷୋତ୍ତମ ଅଗ୍ରୱାଲ, ଗୋବର ଦୀପ ବ୍ୟବହାର କରୁଥିବା ବ୍ୟକ୍ତି।**

## ଗୋପାଳନ ସମ୍ମିଳନୀ ପାଇଁ ବିବିଧ ପ୍ରତିଯୋଗିତା

**ନାକଟିଦେଉଳ,୧୦।୧୧ (ବୈକୁଣ୍ଠ ନାଥ ସାହୁ)**

ପଶ୍ଚିମ ଓଡ଼ିଶା ଗୋପାଳନ ସମ୍ମିଳନୀ-୨୦୨୩ ଉପଲକ୍ଷେ ଜୀବିକା ଓ ଅଭିବୃଦ୍ଧି ପାଇଁ ଗୋପାଳନ ସମ୍ପର୍କରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ନାକଟିଦେଉଳ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସରାପାଲି ସରକାରୀ ଉଚ୍ଚବିଦ୍ୟାଳୟଠାରେ ରଚନା, କୁଇଜ୍, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ଆସନ୍ତା ୧୮ ଓ ୧୯ରେ ସମ୍ବଲପୁରଠାରେ ହେବାକୁ ଥିବା ପଶ୍ଚିମ ଓଡ଼ିଶା ଗୋପାଳନ ସମ୍ମିଳନୀ-୨୦୨୩ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ବିଚାରକ ଭାବେ ସିଆର୍‌ସିସି ହରିଶ୍ଚନ୍ଦ୍ର ଦେହୁରି, ଲକ୍ଷ୍ମଣ କଳତା, ହୀନବନ୍ଧୁ ନାୟକ ଓ ଅଜିତ କୁମାର ପ୍ରଧାନ ଯୋଗଦେଇଥିଲେ। ବିଇଓ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରାପାଲି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ ଓ ସହକାରୀ ଶିକ୍ଷକ ଲୋକନାଥ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ନାକଟିଦେଉଳ ସିଆର୍‌ସିସି ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ସିଇଓଙ୍କୁ ମିଲେଟ୍ ଚାଷୀଙ୍କ କୃତଜ୍ଞତା

**ସମ୍ବଲପୁର,୧୦।୧୧ (ପ୍ରମୋଦ ବହିଦାର)**



ମିଲେଟ୍ ଚାଷୀଙ୍କ ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲ୍ ସିଇଓଙ୍କୁ କୃତଜ୍ଞତା ଜଣାଯାଉଛି।

ଟିପିଡବ୍ଲ୍ୟୁଓଡିଏଲ୍ ସହଯୋଗରେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଥିବା ମିଲେଟ୍ ଚାଷୀମାନେ ଏହାର ସିଇଓଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମଗ୍ର ରାଜ୍ୟରେ ଅନ୍ତର୍ଜାତୀୟ ମିଲେଟ୍ ସପ୍ତାହ ପାଳନ ଅବସରରେ ଏହାର ଏକ ଅଂଶ ଭାବେ ଟିପିଡବ୍ଲ୍ୟୁଓଡିଏଲ୍ ସହଯୋଗର ହାତ ବଢ଼ାଇ ଆସିଛି। ଏହି କ୍ରମରେ ବରଗଡ଼ ଜିଲାର ବିଜେପୁର ଓ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଭଟିଗାଁ, ମହିଳପାଲି, ଲୁହୁରାପାଲି, କୁସୁମଧରା ଓ ବିଲାଶପୁର ଆଦି ୫ଟି ଗ୍ରାମର ପ୍ରାୟ ୪୨୬ ଜଣ କୃଷକଙ୍କୁ କୁଶଳୀ ତଥା ଅଭିଜ୍ଞ ପ୍ରଶିକ୍ଷକଙ୍କ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୦୮ଜଣ କୃଷକଙ୍କୁ ମିଲେଟ୍ ଉତ୍ପାଦନ ପାଇଁ ମାଗଣା ବିହନ ତଥା ଅନ୍ୟାନ୍ୟ ବୈଷୟିକ ଉପକରଣ ପ୍ରଦାନ କରିଥିଲା ଟିପିଡବ୍ଲ୍ୟୁଓଡିଏଲ୍। ଉକ୍ତ କୃଷକମାନେ ପ୍ରାୟ ୭୧୯ଏକର ପରିମିତ ଜମିରେ ମିଲେଟ୍ ଉତ୍ପାଦନ କରି ଚଳିତ ଖରିଫ ଋତୁରେ ଜଣପିଛା ୩୮ ହଜାର ୨୪୮ ଟଙ୍କା ଲେଖାଏ ଲାଭବାନ ହୋଇଛନ୍ତି। ଟିପିଡବ୍ଲ୍ୟୁଓଡିଏଲ୍ ସହଯୋଗରେ ଓଡ଼ିଶା ମିଲେଟ୍ ମିଶନ ମାଧ୍ୟମରେ ଉପଯୁକ୍ତ ପ୍ରୋତ୍ସାହନ ଦ୍ୱାରା ଚାଷୀ ଅତିରିକ୍ତ ୧୬ ଲକ୍ଷ ୩୨ ହଜାର ଟଙ୍କା ଲାଭ କରିଛନ୍ତି।

ଗତ ୬ ତାରିଖରେ ବିଜେପୁରର କେ-ଗଣପାଲି ଗ୍ରାମରେ ମିଲେଟ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ, ଟିପିଡବ୍ଲ୍ୟୁଓଡିଏଲ୍ ଦିଲ୍ଲୀ ମୁଖ୍ୟ ଗଣେଶ ଶ୍ରୀନିବାସନ୍, ବରଗଡ଼ ଜୋନାଲ ମୁଖ୍ୟ ସୁରେନ୍ଦ୍ର ହେତା, ସିଏସ୍‌ଆର୍ ବିଭାଗର ଅରୁଣା ମାରାଣ୍ଡି ଯୋଗ ଦେଇଥିଲେ। ଶେଷରେ ଟିପିଡବ୍ଲ୍ୟୁଓଡିଏଲ୍‌ର ସହଯୋଗ ପାଇଁ ଚାଷୀମାନେ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସମ୍ବଲପୁର,୧୦।୧୧ (ଭବାନୀ ଶଙ୍କର ଭୋଇ):** ଦେଶରେ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦାବିରେ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ରାଷ୍ଟ୍ରୀୟ ସଂଯୋଜକ ଅନିଲ ଚୌଧୁରୀ ଗାଜିଆବାଦରେ ଆମରଣ ଅନଶନରେ ବସିଛନ୍ତି। ଦୀର୍ଘ ୧୨ଦିନ ହେବ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ତାଙ୍କୁ ସମର୍ଥନ କରି ସମ୍ବଲପୁର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଫାଉଣ୍ଡେଶନର ସମ୍ବଲପୁର ଜିଲା ସଭାପତି ସୁଜିତ କୁମାର ମିଶ୍ରଙ୍କ ନେତୃତ୍ୱରେ ପଦାଧିକାରୀମାନେ ଜିଲାପାଳ ଅନନ୍ୟା ଦାସଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଥିଲେ। ଏଥିରେ ଗୋବିନ୍ଦ ଅଗ୍ରୱାଲ, ପ୍ରଦିପ ସୁପକାର, ଭାରତୀ ପଣ୍ଡା, ମାନସ ରଞ୍ଜନ ବକ୍ସି, ତୃପ୍ତିମୟୀ ପଣ୍ଡା, ଆଶୁତୋଷ ବିଶି, ପୁଷ୍ପାଞ୍ଜଳି ଜେନା, ଦାମୋଦର କର, ମିଳନ ମହାରଣା, ସୋମିକ ବାବୁ, ଦଶରଥ ବନଛୋର୍, ଅରବିନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ମଙ୍ଗଳପୁର ଗ୍ରାମ୍ୟ ଜଙ୍ଗଲରେ ବାଘ ଆତଙ୍କ

### ୭ ଛେଳି ମାରିଲା, ବନ ବିଭାଗ ପକ୍ଷରୁ ସଚେତନତା

**ରେଢ଼ାଖୋଲ,୧୦।୧୧ (ଅଚ୍ୟୁତାନନ୍ଦ ପୁରୋହିତ)**



ଜଙ୍ଗଲରେ ମରିପଡ଼ିଥିବା ଛେଳି।

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଧୀନ ମଙ୍ଗଳପୁର ଗ୍ରାମ୍ୟ ଜଙ୍ଗଲରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ମଙ୍ଗଳପୁର ଗ୍ରାମରେ ଗୁରୁବାର ୭ଟି ଛେଳିଙ୍କୁ ବାଘ ମାରିବା ପରେ ସାଧାରଣରେ ଭୟର ବାତାବରଣ ଖେଳିଯାଇଛି। ଖବରପାଇ ବନ ବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ମଙ୍ଗଳପୁର ସମେତ ଆଖପାଖ ଗ୍ରାମରେ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଛି। ସୂଚନାମତେ ମଙ୍ଗଳପୁର ଗ୍ରାମର ଯୋଗେଶ ଲାକ୍ରା ନାମକ ଚାଷୀ ଗୁରୁବାର ନିଜର ଛେଳି ଚରାଇବାକୁ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲକୁ ଯାଇଥିଲେ। ତେବେ ଘରକୁ ଫେରିବା ପରେ ତାଙ୍କର ୭ଟି ଛେଳି ନ ଥିବା ଜାଣିପାରିଥିଲେ। ସେ ଜଙ୍ଗଲକୁ ଖୋଜିବାକୁ ଯିବାବେଳେ କଲରାପତରିଆ ବାଘ ଛେଳିଗୁଡିକୁ ମାରିଦେଇଥିବା ଦେଖି ଲୋକଙ୍କୁ ଜଣାଇବା ସହ ବନ ବିଭାଗକୁ ଖବର କରିଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଛେଳିମାନଙ୍କ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। କଲରାପତରିଆ ବାଘ ଏଭଳି କାଣ୍ଡ ଘଟାଇଥିବା ବନ ବିଭାଗ ଟିମ୍ ଜାଣିବା ପରେ ଶୁକ୍ରବାର ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସଚେତନ କରାଇଛି। ଏଥିସହ ଯୋଗେଶଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଡିଏଫ୍ଓ ଅରବିନ୍ଦ ମହାନ୍ତି ସୂଚନା ଦେଇଛନ୍ତି।

## ଜିଏମ୍‌ୟୁ-ବୟନଶିଳ୍ପ ମନ୍ତ୍ରଣାଳୟ ମଧ୍ୟରେ ଏମ୍‌ଓୟୁ

### ଜିଏମ୍‌ୟୁରେ ହସ୍ତଶିଳ୍ପ, ବୁଣାକାର କର୍ମଶାଳା

**ସମ୍ବଲପୁର,୧୦।୧୧(ବି.ଶଙ୍କର)**




ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉପସ୍ଥିତ ଅଧିକାରୀମାନେ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ହସ୍ତଶିଳ୍ପ ଓ ବୁଣାକାର କର୍ମଶାଳା ଅମୃତବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ହସ୍ତଶିଳ୍ପ ମନ୍ତ୍ରଣାଳୟ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ବିଭାଗୀୟ ମୁଖ୍ୟ ଆସିଷ୍ଟାଣ୍ଟ ପ୍ରଫେସର ଶିବାନୀ ଶର୍ମା ଏହାକୁ ପରିଚାଳନା କରିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ହସ୍ତଶିଳ୍ପ ଏବଂ ବୁଣାକାରଙ୍କ ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ। ଏହି ଅବସରରେ ଜିଏମ୍‌ୟୁ ଓ ବୟନଶିଳ୍ପ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ କୁମାରୀ ଶୈଳଜା, ଜିଏମ୍‌ୟୁ କୁଳସଚିବ ଯୁଗଳେଶ୍ୱରୀ ଦାଶ ଓ ଉପ କୁଳ ସଚିବ ଡ. ଉମାଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ଥକବି ଭୀମ ଭୋଇ ଗ୍ରନ୍ଥାବଳୀ ଲୋକାର୍ପିତ

**ସମ୍ବଲପୁର,୧୦।୧୧ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ପବ୍ଲିକ ପାଠାଗାର ସଭାଗୃହରେ ଶୁକ୍ରବାର ଡ. ରଘୁନାଥ ମେହେରଙ୍କ ଦ୍ୱାରା ସମ୍ପାଦିତ ସନ୍ଥକବି ଭୀମ ଭୋଇ ଗ୍ରନ୍ଥାବଳୀ ଲୋକାର୍ପିତ ହୋଇଛି। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କର ରଚନାରେ ଗୁଣାତ୍ମକ ମୂଲ୍ୟବୋଧ ବିଷୟରେ ମତପୋଷଣ କରିଥିଲେ। ମୁଖ୍ୟବକ୍ତା ଭାବେ କୁଳସଚିବ ଡ. ନୃପରାଜ ସାହୁ ଭୀମ ଭୋଇଙ୍କ ସାହିତ୍ୟକୃତି ଉଚ୍ଚ ମାନବବାଦ ଉପରେ ପର୍ଯ୍ୟବଶିତ କହିଥିଲେ। ପାଠାଗାର ଉପସଭାପତି ପ୍ରଫେସର ଶଙ୍କର ପତି ଅତିଥି ପରିଚୟ ଦେଇଥିଲେ।

## ଓପିଜିସି ପକ୍ଷରୁ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ




ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବତୀଯୁବକ।

**ସମ୍ବଲପୁର,୧୦।୧୧(ବି.ଶଙ୍କର)**

ଓଡିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ (ଓପିଜିସି) ସିଏସ୍‌ଆର୍ ବିଭାଗ ପକ୍ଷରୁ ଶୁକ୍ରବାର ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ତିଲିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଇବ୍ ଥର୍ମାଲ ପାୱାର ଷ୍ଟେଶନର ପାରିପାର୍ଶ୍ୱିକ ଗ୍ରାମରେ ରହୁଥିବା ୧୮ରୁ ୩୦ବର୍ଷ ବୟସର ବେକାର ଯୁବକମାନଙ୍କୁ ମୂଲ୍ୟାଙ୍କନ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି। ତିଲିଆ ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ୬୨ ବାଳିକା ଓ ୨୮ ବାଳକ ଏଥିରେ ସାମିଲ ଥିଲେ। ସେମାନେ ଧନ୍ଦାମୂଳକ ତାଲିମର ବିଭିନ୍ନ ବାଣିଜ୍ୟ ଉପରେ ଆଭିମୁଖ୍ୟ ପ୍ରକ୍ରିୟାରେ ସକ୍ରିୟ ଭାବରେ ନିୟୋଜିତ ହୋଇଥିଲେ। ଏହାପରେ ଯୁବକଙ୍କ ଦ୍ୱାରା ପ୍ରଶ୍ନପତ୍ର ପୂରଣ କରାଯାଇଥିଲା।

## ଖୋଲା ଆକାଶ ତଳେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ

**ଜମନକିରା,୧୦।୧୧ (ରବୀନ୍ଦ୍ର ପ୍ରସାଦ ଦାନି)**



ପିଲାମାନେ ବାହାରେ ମଧ୍ୟାହ୍ନଭୋଜନ କରୁଛନ୍ତି।

ପାଠ ପଢିବା ପାଇଁ ଶ୍ରେଣୀଗୃହ ଥିଲେ ବି ମଧ୍ୟାହ୍ନଭୋଜନ ଖାଇବା ପାଇଁ ଘର କିମ୍ବା ବାରଣ୍ଡା ନାହିଁ। ଫଳରେ ଛାତ୍ରୀଛାତ୍ର ଖୋଲା ଆକାଶ ତଳେ ଭୋଜନ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଜମନକିରା ବ୍ଲକ କୁଲୁଣ୍ଡି ବିଶ୍ୱସେବା ସରକାରୀ ୟୁପି ସ୍କୁଲରେ। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ମୋତିଲାଲ ସାହୁ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ଅଫିସରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ପ୍ରକାଶ କରିଛନ୍ତି। ଖରା, ବର୍ଷା, ଶୀତ ପ୍ରତ୍ୟେକ ଦିନ ଖୋଲା ଆକାଶ ତଳେ ପିଲାମାନେ ଭୋଜନ କରୁଛନ୍ତି। ସେହିପରି ଶୌଚ ପାଇଁ ମଧ ବାହାରକୁ ଯିବାକୁ ପଡୁଛି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଆଗାମୀ ଏକମାସ ମଧ୍ୟରେ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକଙ୍କୁ ପଚାରିବାରୁ ବିଡ଼ିଓଙ୍କୁ ମରାମତି ପାଇଁ ପତ୍ରାଳାପ କରାଯାଇଛି ବୋଲି କହିଥିଲେ।

## ଧନ୍‌ତେରସ୍: ବ୍ୟବସାୟିକ ପ୍ରତିଷ୍ଠାନ ଲୋକାରଣ୍ୟ

**ସମ୍ବଲପୁର,୧୦।୧୧ (ପ୍ରମୋଦ ବହିଦାର)**



ସମ୍ବଲପୁରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଲୋକଙ୍କ ଭିଡ଼।

ପବିତ୍ର ଧନ୍‌ତେରସ୍ ଉପଲକ୍ଷେ ଶୁକ୍ରବାର ସମ୍ବଲପୁରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଲୋକାରଣ୍ୟ ହୋଇପଡିଥିଲା। ଏହି ଦିନରେ ସୁନା, ରୁପା ଆଦି ଅଳଙ୍କାର କିଣି ଘରକୁ ଆଣିଲେ ଶୁଭଫଳ ପ୍ରାପ୍ତି ବିଶ୍ୱାସ ଥିବାରୁ ଗହଣା ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ନଇଁବା କ୍ଷଣି ଗହଣା ଦୋକାନରେ ବିଶେଷ କରି ମହିଳା ଗ୍ରାହକଙ୍କ ଭିଡ ଲାଗିଥିଲା।

ସମ୍ବଲପୁରରେ ଛୋଟବଡ଼ ମିଶି ୩୦ରୁ ଅଧିକ ଗହଣା ଦୋକାନ ରହିଛି। ଚଳିତବର୍ଷ ସମ୍ବଲପୁରରେ ପ୍ଲାଟିନମ ଜୁଏଲେରୀର ବେଶ ଚାହିଦା ଥିବାରୁ କେତେକ ଦୋକାନୀ ୧୮ କ୍ୟାରେଟ ସୁନାରେ ତିଆରି ସାମଗ୍ରୀ ବିକ୍ରୟ କରିବା ଆରମ୍ଭ କରିଛନ୍ତି। ଭଳିକି ଭଳି ସୁନାହାର, ମାଳି, କାନଫୁଲ, ଚୁଡ଼ି, ମୁଦି, ନାକଫୁଲଠାରୁ ଆରମ୍ଭ କରି ରୁପାର ପାଉଁଜି, ଗୋଡ଼ମୁଦି ଆଦି ବିକ୍ରୟ ହୋଇଥିଲା। ଏହା ସାଙ୍ଗକୁ ଲକ୍ଷ୍ମୀ ଓ ଗଣେଶଙ୍କ ଛବିଥିବା ସୁନା ଓ ରୁପା ମୁଦ୍ରା ତଥା ବ୍ରିଟିଶ ଅମଳର ରୁପାମୁଦ୍ରା ମଧ ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା।

ସେହିପରି ଧନ୍‌ତେରସ୍ ଅବସରରେ ଘରେ ଘରେ କୁବେରଙ୍କ ସହିତ ମାତା ଲକ୍ଷ୍ମୀ ଓ ଗଣେଶଙ୍କ ପୂଜା କରାଯାଇଥାଏ। ତେଣୁ ବଜାରରେ ମାଟିର ଲକ୍ଷ୍ମୀ ଓ ଗଣେଶଙ୍କ ମୂର୍ତ୍ତି ବିକ୍ରୟ ହେଉଥିବା ଦେଖିବାକୁ ମିଳିଥିଲା। ସହରର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଗୋଲବଜାରରୁ ଲକ୍ଷ୍ମୀଟକିଜ୍ ଛକ ପର୍ଯ୍ୟନ୍ତ ତଥା ଅଇଁଠାପାଲି, ଫାଟକ, ଧନୁପାଲି, ବଡ଼ବଜାର, ପୀରବାବା ଛକ, ବୈଦ୍ୟନାଥ ଛକ ଆଦି ଅଞ୍ଚଳରେ ଏକାଧିକ ଅସ୍ଥାୟୀ ଦୋକାନ ଖୋଲି ବିଭିନ୍ନ ସାମଗ୍ରୀ ବିକ୍ରୟ କରୁଥିଲେ। ଏହାସହିତ ଝାଡ଼ୁ ତଥା ପିତ୍ତଳ କଳସ ଆଦି ବିକ୍ରୟ ହୋଇଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ମାଟିର ଲକ୍ଷ୍ମୀ ଓ ଗଣେଶ ମୂର୍ତ୍ତି ଯୋଡାପ୍ରତି ୧୦୦ ଟଙ୍କାରୁ ଆରମ୍ଭ କରି ୬୦୦ ଟଙ୍କାରେ ବିକ୍ରୟ ହେଉଥିବା ବେଳେ ଝାଡ଼ୁ ଗୋଟାକୁ ୭୦ରୁ ୧୫୦ ଟଙ୍କା ମଧ୍ୟରେ ବିକ୍ରୟ ହେଉଛି। ସେହିପରି ପିତ୍ତଳର ଛୋଟ ସାମଗ୍ରୀ ଗୋଟାକୁ ୮୦ରୁ ୪୦୦ ଟଙ୍କା ମଧ୍ୟରେ ବିକ୍ରୟ ହେଉଥିଲା। ଏହାବ୍ୟତୀତ ଆଜିର ଦିନରେ ବିଭିନ୍ନ ବାସନ ଦୋକାନରେ ମଧ ବିଶେଷ ଭିଡ଼ ପରିଲକ୍ଷିତ ହୋଇଥିଲା। ଗ୍ରାହକମାନେ ନିଜ ପସନ୍ଦ ମୁତାବକ ପିତ୍ତଳ, କଂସା, ଷ୍ଟିଲ ବାସନ ସହ ଘରକରଣା ସାମଗ୍ରୀ କ୍ରୟ କରୁଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ସମ୍ବଲପୁରର ବିଭିନ୍ନ ବ୍ୟବସାୟିକ ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିଲା।

**୧୮ରେ ବନ୍ଦ ପାଳନ ପାଇଁ ପ୍ରସ୍ତୁତି ବୈଠକ**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟଠାରେ ଶୁକ୍ରବାର କୋଶଳ ରାଜ୍ୟ ଗଠନ ପାଇଁ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ୧୮ ତାରିଖରେ ଜରୁରୀକାଳୀନ ସେବାକୁ ବାଦ ଦେଇ ସମସ୍ତ ଦୋକାନ ବଜାର, ସରକାରୀ ଅଫିସ, ଯାନବାହନ ବନ୍ଦ କରିବା ପାଇଁ କୋଶଳ ଯୁବନେତା ଟିକୁ ହୋତା ଜଣାଇଛନ୍ତି । ବୈଠକରେ ଶତାଧିକ କୋଶଳ ପ୍ରେମୀ ଯୋଗ ଦେଇଥିଲେ । ଶେଷରେ ବିଷ୍ଣୁଦତ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ନେଟ୍‌ୱର୍କିଂ କର୍ମଶାଳା

**ଅମରପାଲି,୧୦ା୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ରେଆର ସୋନପୁର ଦ୍ୱାରା ବେସିକ ନିଡ୍‌ସ ଇଣ୍ଡିଆ ବାଙ୍ଗାଲୋର ସହାୟତାରେ ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ନେଟ୍‌ୱର୍କିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବୀରମହାରାଜପୁର ଜୋନ-୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ମେଡିକାଲ ଅଫିସର (ଆୟୁଷ) ପ୍ରଣବ କୁମାର ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଞ୍ଜୁଲତା ମିଶ୍ର, ବେସିକି ନିଡ୍‌ସ୍ ଇଣ୍ଡିଆ ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ, ଡା.ଗୀତିକା କୁଜୁର, ଯୁଗଳ କିଶୋର ମିଶ୍ର, କିଶୋର ହୋତା ଅତିଥି ଭାବରେ ଯୋଗ ଦେଇଥିଲେ । ରେଆର ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିବା ବେଳେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱମ୍ବର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ବୀରମହାରାଜପୁର ବ୍ଲକରେ ମାନସିକ ରୋଗୀମାନଙ୍କ ଚିହ୍ନଟ, ସେମାନଙ୍କ ଚିକିତ୍ସା, ଜୀବନ ଜୀବିକା ବିଷୟରେ ଆଲୋଚନା କରିବା ସହ ବାହାରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ଥଇଥାନ ବିଷୟରେ ବିଶେଷ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ । ସମସ୍ତଙ୍କ ମିଳିତ ଉଦ୍ୟମ ହେଲେ ଏହି ବ୍ୟକ୍ତି ମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ । ଏହି ଅବସରରେ ୩ ଜଣଙ୍କୁ ଜୀବନ ଜୀବିକା ସହାୟତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀ, ସରପଞ୍ଚ, ଆଶା, ଅଙ୍ଗନବାଡି କର୍ମୀ, ମାନସିକ ଅସୁସ୍ଥ ବ୍ୟକ୍ତି ଓ ସେମାନଙ୍କ ଯତ୍ନକାରୀମାନେ ଯୋଗ ଦେଇଥିଲେ । ରେଆର ପ୍ରତିନିଧି ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ସୁଦାମ ଗାଇଗରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆସୁଛି ଦୀପାବଳି, ବଢୁଛି ମାଟିଦୀପର ଚାହିଦା

**ସୋନପୁର,୧୦ା୧୧(ମୃତ୍ୟୁଞ୍ଜୟ ଶତପଥୀ)**

ଦିନକ ପରେ ଆଲୋକର ପର୍ବ ଦୀପାବଳି । ଏଥର ଦୀପାବଳିରେ ଭଲ ରୋଜଗାର ହେବ ବୋଲି ସୁବର୍ଣ୍ଣପୁର ଜିଲାର କୁମ୍ଭକାର ପରିବାର ଆଶା ବାନ୍ଧିଛନ୍ତି । ଏଥିପାଇଁ ୧ ମାସ ପୂର୍ବରୁ ସେମାନେ ରାତି ଦିନ ଏକ କରି ଭଳିକି ଭଳି ଦୀପ ତିଆରି କରିଛନ୍ତି । କୁମ୍ଭକାରମାନେ ଛୋଟ ଦୀପ ଠାରୁ ଆରମ୍ଭ କରି ଆଳତୀ ଦୀପ ଯାଏ ସବୁକିଛି ତିଆରି କରିଥିଲେ । ପ୍ରତି ଘରେ ଦୀପାବଳିରେ ଦୀପ ଜଳାଇବାର ପରମ୍ପରା ରହିଛି । ସାଧାରଣତଃ ମାଟି ଦୀପରେ ଘିଅ କିମ୍ବା ଜଡା ତେଲ ଦେଇ ଦୀପ ଜଳା ଯାଇଥାଏ । ଆଧୁନିକତାର ଚାକଚକ୍ୟରେ ଏହି ପର୍ବରେ ଘର ସଜାଇବା ପାଇଁ ଲିଚୁ ଲାଇଟ୍ ଓ ମହମବତୀର ବ୍ୟବହାର ବଢୁଥିଲେ ମଧ୍ୟ ସୁବର୍ଣ୍ଣପୁର ଜିଲାରେ ମାଟି ଦୀପର ଆଦର ରହିଛି । ଏବେ ବି ଘରେ ମାଟି ଦୀପ ନ ଲଗାଇଲେ ଦୀପାବଳି ପାଳନ ଅଧୁରା



ସୋନପୁର ବିଜୁ ପଟ୍ଟନାୟକ ଛକରେ ବାସନ୍ତି ରଣା ମାଟି ଦୀପ ବିକ୍ରି କରୁଛନ୍ତି ।

ରହିଗଲା ବୋଲି ଲୋକେ ଭାବନ୍ତି । ଦୀପାବଳି ପାଇଁ ଗତ ୨ ଦିନ ହେଲା କୁମ୍ଭକାର ପରିବାରଙ୍କ ଦ୍ୱାରା ସହରର ବିଜୁ ପଟ୍ଟନାୟକ ଛକ ଏବଂ ଅନ୍ୟ ସ୍ଥାନରେ ମାଟି ଦୀପ ସାଙ୍ଗକୁ ମାଟିରେ ନିର୍ମିତ ବିଭିନ୍ନ ସାମଗ୍ରୀର ପସରା ମେଲିଛି । ଲୋକେ ହାଟ ବଜାର ଯାଇ କୁମ୍ଭକାରଙ୍କ ଠାରୁ ମାଟି ଦୀପ କିଣୁଛନ୍ତି । ଚଳିତବର୍ଷ ମାଟି ଦୀପର ଭଲ ଚାହିଦା ଅଛି, କୁମ୍ଭକାର ପରିବାର ଭଲ ଦୁଇ ପଇସା ରୋଜଗାର କରିବେ ବୋଲି ସହରର ବିଜୁ ପଟ୍ଟନାୟକ ଛକରେ ମାଟି ଦୀପ ବିକ୍ରି କରୁଥିବା

## ଅତୁଟ ରହିଛି ଦୀପ ଜଳାଇବାର ପରମ୍ପରା

କୁମ୍ଭାର ପଡାର ବାସନ୍ତି ରଣା କହିଛନ୍ତି । ଅନ୍ୟପକ୍ଷେ ଦୀପାବଳୀକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ସହରର ବ୍ଲକ ଛକଠାରେ ଅସ୍ଥାୟୀ ଭାବେ ଟେରାକୋଟା ବିକ୍ରୟ କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ର ସମ୍ମୁଖରେ ଭିଡ ପରିଲକ୍ଷିତ ହେଉଛି । ଏଥର ପରିବେଶ ପ୍ରଦୂଷଣକାରୀ ବାଣ ନ ଫୁଟାଇବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ସବୁଜ ବାଣ ଫୁଟାଇବା ସହିତ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ କରାଯାଇଛି । ତେଣୁ କୁମ୍ଭକାରଙ୍କଠାରୁ ମାଟିରେ ତିଆରି ଦୀପ କିଣି ପରିବେଶ ଅନୁକୂଳ ଦୀପାବଳି ପାଳନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଜାତୀୟ ଆଇନ ସେବା ଦିବସ ପାଳିତ



ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଅମରପାଲି,୧୦ା୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ଦେୱାନୀ ଜଜ୍ ସରୋଜିନୀ ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ଏସ.ଡି.ଜେ.ଏମ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ପାରା ଲିଗାଲ ସଭ୍ୟମାନଙ୍କ କାର୍ଯ୍ୟ, ଲୋକ ଅଦାଲତ, ସ୍ଥାୟୀ ଆଇନ ସେବା ପ୍ରାଧିକରଣ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଆଇନଜୀବୀ ଯତୀନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । କମିରା ସରପଞ୍ଚ ଅନୁସୟା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରରେ ଅଦାଲତ କର୍ମଚାରୀ ସଞ୍ଜୀବ କୁମାର ବାରିକ, ରବିନାରାୟଣ ଅମାତ ସହଯୋଗ କରିଥିଲେ । ବହୁ ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିବା ବେଳେ ଆଇନକାନୁନ ବିଷୟରେ ଆଲୋଚନା ହୋଇଥିଲା ।

# ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦିଗଶିରା ଗ୍ରାମ ପରିଦର୍ଶନ

**ଡୁଙ୍ଗୁରିପାଲି,୧୦ା୧୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମକୁ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ପରିଦର୍ଶନରେ ଯାଇଥିଲେ । ଏହି ଅବସରରେ ଗ୍ରାମର ପଞ୍ଚାୟତ ଅଫିସ ପରିସରରେ ଥିବା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ଗଣେଶ ଭୋଇ, ହିମାଂଶୁ ଶେଖର ବିଶ୍ୱାଳ, ରଞ୍ଜନ ଠେଲା ଯୋଗ ଦେଇଥିଲେ । ମନ୍ତ୍ରୀ ପୂଜାରୀ ଦିଗଶିରା ଗ୍ରାମ ପଞ୍ଚାୟତକୁ ମିଳିଥିବା ୫୦ ଲକ୍ଷ ଅନୁଦାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, କମ୍ୟୁନିଟି ସେଣ୍ଟର, ମନ୍ଦିର, ଧାର୍ମିକସ୍ଥଳୀ, ଖେଳପଡିଆ ଉନ୍ନତିକରଣ



ସଭାରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥି ବୃନ୍ଦ ।

ବିଷୟରେ ସମୀକ୍ଷା କରି ଶୀଘ୍ର କାମଗୁଡିକ ଶେଷ କରିବା ପାଇଁ କହିଥିଲେ । ଆହୁରି ମଧ୍ୟ ମିଶନ ଶକ୍ତି ମହିଳା ମାନେ ବ୍ୟାଙ୍କ ମାଧ୍ୟମରେ ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ନେଇ ପାରିବେ ବୋଲି ଉପସ୍ଥିତ ଥିବା ମହିଳାମାନଙ୍କୁ ଅବଗତ କରାଇ ଥିଲେ । ଏହି ଅବସରରେ ମନ୍ତ୍ରୀ ଅଙ୍ଗ ନଦୀ ଉପରେ ତାଙ୍କ ପ୍ରଚେଷ୍ଟାରେ ହେବାକୁ ଥିବା ବ୍ରିଜ ନିର୍ମାଣ ନେଇ ଗ୍ରାମବାସୀଙ୍କ ସହ ଅଙ୍ଗନଦୀ ପରିଦର୍ଶନରେ ଯାଇଥିଲେ । ଏହି ବ୍ରିଜ ତିଆରି ହେଲେ ଦିଗଶିରାରୁ ହରଭଙ୍ଗା ବଲାଙ୍ଗୀର ଜିଲାକୁ ସଂଯୋଗ କରିବ । କାର୍ଯ୍ୟକ୍ରମରେ ଦିଗଶିରା ସରପଞ୍ଚ କୌଶଲ୍ୟ ମେହେର, ସମିତି ସଭ୍ୟା ମମତା ମହାନନ୍ଦ, ୱାର୍ଡ ସଭ୍ୟା ପୂଜା ବାଗ, ମିଶନ ଶକ୍ତି ମହିଳା, ଦିଗଶିରା ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଗ୍ରାମବାସୀ, ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଦୁର୍ନୀତି ବିରୋଧରେ ବ୍ଲକ ଘେରିବ ଭାଜପା

**ବୌଦ୍ଧ,୧୦ା୧୧(ଅଜିତ କୁମାର ବାରିକ)**

ବିଜେଡି ସରକାରର ଅନ୍ୟାୟ, ଦୁର୍ନୀତି ଓ ପ୍ରିୟାପ୍ରୀତି ବିରୋଧରେ ଭାଜପା ପକ୍ଷରୁ ତିନି ଧରି ବୌଦ୍ଧ ଜିଲାର ସମସ୍ତ ବ୍ଲକ ଘେରାଉ କରାଯିବ । ଏଥିପାଇଁ ଶୁକ୍ରବାର ଦିନ ଜିଲା ଭାଜପା ପକ୍ଷରୁ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ସଭାପତି ମହାନ୍ତି କହିଥିଲେ ବର୍ତ୍ତମାନ ସାରା ରାଜ୍ୟରେ ଦୁର୍ନୀତି ଓ ପ୍ରିୟାପ୍ରୀତି ଚାଲିଛି । ଏନେଇ ରାଜ୍ୟ ଭାଜପା ସଭାପତିଙ୍କ ଆହ୍ୱାନକ୍ରମେ ଜିଲାର ୩ ଗୋଟି ବ୍ଲକ ଘେରାଉ କରାଯିବ ବୋଲି ସୂଚନା ଦେଇଥିଲେ । ଆସନ୍ତା ୧୬ ତାରିଖରେ ବୌଦ୍ଧ ବ୍ଲକ, ୧୭ ତାରିଖରେ କଣ୍ଟାମାଳ ଓ ୧୮ ତାରିଖରେ ହରଭଙ୍ଗା ବ୍ଲକ ଘେରାଉ ପାଇଁ କାର୍ଯ୍ୟକ୍ରମ ରହିଛି । ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଶିଶିର କୁମାର ଘୋଷ, ମାଗୁଣି ଗାଇଗୌରିଆ, ତାପସ କୁମାର ପଟ୍ଟନାୟକ, ଶ୍ୟାମସୁନ୍ଦର ପୁରୋହିତ , ନିରଞ୍ଜନ ଦାନୀ, ପ୍ରେମାନନ୍ଦ ମିଶ୍ର, ବିକାଶ ମହାକୁଡ, ସୁଶାନ୍ତ କୁମାର ବାଘ, ଅଟଳ ପ୍ରଧାନ, ବିଶିକେଶନ ପ୍ରଧାନଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ସାମିଲ ଥିଲେ ।

# କଣ୍ଟାମାଳରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

**ଘଣ୍ଟାପଡ଼ା,୧୦ା୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ଅଧୀନରେ ବିଭିନ୍ନ ପ୍ରକାର ସହାୟତା ବଣ୍ଟନ କରାଯାଇଛି । କଣ୍ଟାମାଳ ବ୍ଲକ ହାଇସ୍କୁଲ ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକମାନଙ୍କୁ ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା ଆଦି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ । କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ, ଜିଲା ପରିଷଦ ସଭ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୨୯୧ଜଣ ଶ୍ରମିକଙ୍କୁ ୬କୋଟି ୪୩ଲକ୍ଷ ୨୯ହଜାର ୨ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଜିଲା ଶ୍ରମ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


**DATA ENTRY EXECUTIVE ଆବଶ୍ୟକ**

Bhubaneswar Transports ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ । ଯୋଗ୍ୟତା– ଗ୍ରାଜୁଏସନ୍ ।

ଯୋଗାଯୋଗ- 9853802717



**WANTED**

A reputed Real Estate Company requires

MARKETING MANAGER- 4 Nos.

MARKETING EXECUTIVE- 6 Nos.

(Fixed salary with high incentives).

9938725854, 8339826767


# ଅସହାୟା ତରାସଙ୍କୁ ମିଳିଲା ରାଶନ କାର୍ଡ

**ସୋନପୁର,୧୦ା୧୧(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସହର ବସଷ୍ଟାଣ୍ଡର ପରିତ୍ୟକ୍ତ ଯାତ୍ରୀ ନିବାସରେ ରହୁଥିବା ଅସହାୟା ଭିନ୍ନକ୍ଷମ ତରାସ ବାଗ(୭୦)ଙ୍କୁ ମିଳିଛି ରାଶନ କାର୍ଡ । ସଦର ସହକାରୀ ଯୋଗାଣ ଅଧିକାରୀ ରେବତୀସ ସିଂ ନାୟକ ତରାସଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି । ସେ ଏଣିକି ମଝିପଡାସ୍ଥିତ ରିଟେଲରଙ୍କ ନିକଟରୁ ପ୍ରତି ମାସରେ ମାଗଣାରେ ଚାଉଳ ପାଇ ପାରିବେ । ସୂଚନା ଅନୁଯାୟୀ, ତରାସ ସୁବର୍ଣ୍ଣପୁର ସହରବାସୀଙ୍କ ପାଇଁ ଜଣେ ପରିଚିତ ନାମ । ଜିଲାର ବିନିକା ବ୍ଲକର ଅନ୍ତର୍ଡାରେ ତାଙ୍କ ଘର । ଛୋଟ ସମୟରୁ ତରାସ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଭିନ୍ନକ୍ଷମ ପାଲଟି ଯାଇଛନ୍ତି । ମା' ବାପାଙ୍କ ମୃତ୍ୟୁ ପରେ ସେ ଭାଇଙ୍କ ଉପରେ ବୋଝ ନ ହୋଇ ପରିବାର ଛାଡି ୨୫ ବର୍ଷ ପୂର୍ବରୁ ସୁବର୍ଣ୍ଣପୁର ସହରକୁ ଚାଲି ଆସିଛନ୍ତି । ତାଙ୍କର ବାସ ନାହିଁ । ସେ ଖୋଲା ଆକାଶ ତଳେ ରୁହନ୍ତି । ଭିକ୍ଷାବୃତ୍ତି କରି ଚଳନ୍ତି । କିନ୍ତୁ ବୁଲା ଗାଈଗୋରୁଙ୍କୁ ସେ ମା' ଭଳି ସ୍ନେହ କରନ୍ତି । ଭିକ୍ଷା କରି ଆଣିଥିବା ଖାଦ୍ୟ, ଦୈନିକ ବଜାର ବୁଲି ନଷ୍ଟ ହୋଇଥିବା ପନିପରିବା ଓ ଚୋପା ଆଦି ଅଖାରେ ସଂଗ୍ରହ କରି ବୁଲା ଗୋରୁ, ବାଛୁରୀ ଓ ଷଣ୍ଢଙ୍କୁ ଦିଅନ୍ତି । ମାତ୍ର ଜିଲା ପ୍ରଶାସନର ନଜର ତରାସଙ୍କ ଉପରେ ପଡି ନ ଥିଲା । ବିଭିନ୍ନ ସରକାରୀ ଯୋଜନାରୁ ସେ ବଞ୍ଚିତ ଥିଲେ । କିଛି ବର୍ଷ ପୂର୍ବରୁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି । ଏବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଶାସନ ପକ୍ଷରୁ ରାଶନ କାର୍ଡ ମିଳିବା ପରେ ତରାସ ଖୁସି ବ୍ୟକ୍ତ କରିଛନ୍ତି ।

# ବିଲରେ ପଡ଼ି ମହିଳାଙ୍କ ମୃତ୍ୟୁ

**ଘଣ୍ଟାପଡ଼ା,୧୦ା୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ତବଡ଼ା ଗ୍ରାମରେ ଜଣେ ମାନସିକ ବିକୃତ ମହିଳାଙ୍କ ମୃତ୍ୟୁ ଘଟିଛି । ଗତ ୫ ଦିନ ହେଲା ଉକ୍ତ ମହିଳା ଜଣକ ତବଡ଼ା ଗ୍ରାମର ଆଖପାଖରେ ବୁଲୁଥିଲେ । ଶେଷରେ ସେ ଏକ ବିଲରେ ପଡି ମୃତ୍ୟୁବରଣ କରିଥିଲେ । ତାଙ୍କର ପରିଚୟ ମିଳି ପାରିନାହିଁ । ବୟସ ପାଖାପାଖି ୪୫ ବର୍ଷ ହେବ । ସୂଚନାଯୋଗ୍ୟ, ମହିଳା ଜଣକ ନ ଖାଇ ଦୁର୍ବଳ ଅନୁଭବ କରି ବିଲରେ ପଡି ଆଉ ଉଠି ପାରି ନ ଥିଲେ । କିନ୍ତୁ ତାଙ୍କୁ କେହି ଉଠାଇ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ନ ଥିଲେ । ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିବା ନେଇ ଜଣେ ସାମାଜିକ କର୍ମୀଙ୍କଠାରୁ ଘଣ୍ଟାପଡ଼ା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

# ବଢୁଛି ଛିନ୍‌ତାଇ, ପୋଲିସ ହାତ ଖାଲି

**ସୋନପୁର,୧୦ା୧୧(ମୃତ୍ୟୁଞ୍ଜୟ ଶତପଥୀ)**

## ସୁବର୍ଣ୍ଣପୁର ସହର

ସୁବର୍ଣ୍ଣପୁର ସହରରେ ଗତ ୧ ମାସ ହେବ ଛିନ୍‌ତାଇ ବୃଦ୍ଧି ପାଇଛି । ବାଇକ୍‌ରେ ଆସି ଲୁଟେରା ଅଳଙ୍କାର ଲୁଟ୍ କରି ଫେରାର ହୋଇ ଯାଉଛନ୍ତି । ସିସି ଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କ ଭିଡିଓ ଦୃଶ୍ୟମାନ ହେଉଥିବା ବେଳେ ପୋଲିସ ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଛି । ବାହାର ଜିଲାର ପେଷାଦାର ଅପରାଧୀଙ୍କ କାମ କହି ପୋଲିସ ଚୁପ୍ ବସିଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ଏଭଳି ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । ସହରରେ ଲଗାତର ଛିନ୍‌ତାଇ ହେବା ଓ ଅଭିଯୁକ୍ତମାନେ ଗଳି କନ୍ଦିରେ ପଇଁତରା ମାରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି । ଦୁର୍ବୃତ୍ତମାନେ ସୁନା ଅଳଙ୍କାର, କାନଫୁଲ ଲୁଟ୍ ପାଇଁ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ୍ କରୁଛନ୍ତି । ଗତ ବୁଧବାର ଡେରାପଡା ଭଳି ଜନଗହଳି ଅଞ୍ଚଳରେ ୨ ଜଣ ଦୁର୍ବୃତ୍ତ ମହିଳାଙ୍କ ବେକରୁ ସୁନାହାର ଲୁଟି ନେବାରେ ସଫଳ ହୋଇଛନ୍ତି । ଭାରତୀ ପଣ୍ଡା ନାମକ ମହିଳା ମଧ୍ୟାହ୍ନରେ ରାସ୍ତାରେ ଯାଉଥିବା ସମୟରେ ୨ ଜଣ ଯୁବକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ହାର ଛିଣ୍ଡାଇ ନେଇଥିଲେ । ଭାରତୀ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି । ସେହିଦିନ ସନ୍ଧ୍ୟାରେ ପୁଣି ୨ ଜଣ ଅଚିହ୍ନା ଯୁବକ ବାଇକ୍‌ରେ ଡେରାପଡା ଆସି ଘର ସମ୍ମୁଖରେ ଛିଡା ହୋଇଥିବା ସୁଜାତା ପାତ୍ରଙ୍କ ସୁନା ହାର ଛିଣ୍ଡାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଏହି ଘଟଣା ପରେ ପଡାର ମହିଳାମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଏହାଛଡା ବିଭିନ୍ନ ସ୍ଥାନରେ ଏପରି ଘଟଣା ଘଟିବାରେ ଲାଗିଛି । ପାଟ୍ରୋଲିଂ କଡାକଡି କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ ହେଁ ଛିନ୍‌ତାଇ ଘଟଣା ଉପରେ ରୋକ ଲାଗି ପାରିନି । ସହର ପ୍ରବେଶ ପଥଗୁଡିକରେ ଯାନବାହାନ ଯାଞ୍ଚ ଓ ସହରରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି ।

# ଠେଙ୍ଗୋ ଡ୍ୟାମ୍‌ରେ ବନ ବିଭାଗର ୱାଚ୍ ଟାୱାର ଉଦ୍‌ଘାଟିତ

**ଅମରପାଲି,୧୦ା୧୧(ପୀତାମ୍ବର ସାହୁ)**

## ବନ୍ୟଜନ୍ତୁ, ଜଙ୍ଗଲ ସୁରକ୍ଷା ପାଇଁ ସହାୟକ ହେବ

ସୁବର୍ଣ୍ଣପୁର ବନଖଣ୍ଡ ଅଧୀନ ବୀରମହାରାଜପୁର ବନାଞ୍ଚଳ ଅନ୍ତର୍ଗତ ହାତିଲିମୁଣ୍ଡା ସେକ୍ସନର ଗୌଡଗାଡ ସଂରକ୍ଷିତ ଜଙ୍ଗଲରେ ଠେଙ୍ଗୋ ଡ୍ୟାମ ପାର୍ଶ୍ୱରେ ବନ ବିଭାଗ ତରଫରୁ ନିର୍ମିତ ୱାଚ ଟାୱାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ବନ୍ୟଜନ୍ତୁ ସୁରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଏହି ୱାଚ ଟାୱାର କରାଯାଇଛି । ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭବାନୀପାଟଣା ସର୍କଲର ଆରସିସିଏଫ ଅଶ୍ୱିନୀ କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ୱାଚ ଟାୱାରର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା ଆମର ଦାୟିତ୍ୱ ବୋଲି କହିବା ସହ ଏଥିପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ



ମଧ୍ୟରେ ବୀରମହାରାଜପୁର ବନାଞ୍ଚଳ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ଅବିନାଶ ବରିହା, ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, ହାତଲିମୁଣ୍ଡା ବନପାଳ ଅଜୟ ବାରା, ବନରକ୍ଷକ ନିରଞ୍ଜନ ପଧାନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବୀରମହାରାଜପୁର ବନାଞ୍ଚଳ ଓ ଉଲୁଣ୍ଡା ବନାଞ୍ଚଳ ଅଧୀନସ୍ଥ ସମସ୍ତ ବନବିଭାଗ କର୍ମଚାରୀ ସହଯୋଗ କରିଥିଲେ । ବନ ବିଭାଗ ତରଫରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଚାରି ମହଲା ବିଶିଷ୍ଟ ଉକ୍ତ ୱାଚ ଟାୱାର ଠେଙ୍ଗୋ ଡ୍ୟାମର ଦୁର୍ଜନଡେିଲା ପଞ୍ଚାୟତ କାର୍ଯ୍ୟାଳୟ ପଛ ପାଖରେ ଅଛି । ଏହା ହେବା ଦ୍ୱାରା ବନ ବିଭାଗ ବନ୍ୟଜନ୍ତୁଙ୍କ ଗତିପଥ ଜାଣିବା ସହିତ ଡ୍ୟାମକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ଗଣନା, ହାତୀଙ୍କ ଗତିପଥ ବିଷୟରେ ତୀକ୍ଷ୍ଣ ନଜର ରଖିବାରେ ସହାୟକ ହେବ ।


बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଋପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩,
ମୋ.: ୭୩୨୮୮୩୪୧୪୨, ଫୋନ୍: ୦୬୭୪-୨୩୮୭୧୦୦,
୭୩୨୮୮୩୪୧୪୦/୪୧, ଇମେଲ୍: sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍ ।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ **ଭୌତିକ ଦଖଲ**ରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।

| କ୍ର. ନଂ. | ଶାଖା/ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ମାଲିକଙ୍କ ନାମ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ/ ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ନୟାପଲ୍ଲୀ ଶାଖା ଋଣଗ୍ରହୀତା: ମେସର୍ସ ସାଇ ଶମ୍ଭୁ ଟ୍ରେଡର୍ସ, ଅଂଶୀଦାରମାନେ: ୧) ଶ୍ରୀମତୀ ଅମୁଲି ପ୍ରଧାନ, ୨) ଶ୍ରୀ ଶିବାନନ୍ଦ ପ୍ରଧାନ, ଠିକଣା: ୧) ସା: ପ୍ଲଟ୍ ନଂ.: ୩୭୫, ଯାଳାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଠିକଣା:୨) ଝଗଦପଡା, ପୋ: ପଦ୍ମାବତୀ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୩ | ଶ୍ରୀମତୀ ଅମୁଲି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୬୧, ଖାତା ନଂ.: ୨୦୧/୧୪, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୭୧, ସାବିକ ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଶିଆରିଆପଲ୍ଲୀ, ଥାନା: ବୋଲଗଡ ନଂ.: ୭୦, ତହସିଲ: ବୋଲଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୬, ଉତ୍ତର: ପ୍ଲଟ୍ ନଂ.: ୧୬୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୨ | ୦୩.୦୭.୨୦୧୯ / ୩୧.୦୧.୨୦୨୦ / ୦୩.୦୭.୨୦୧୯ ସୁଦ୍ଧା ଟ.୯୪,୩୭,୭୫୧.୯୨ + ୦୩.୦୭.୨୦୧୯ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ. ୪୧,୨୬,୮୬୯/- / ଟ.୪,୧୫,୦୦୦/- / ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା |
| ୨. | ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକ, ଠିକଣା-୧: ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬, ଠିକଣା-୨: କ୍ୱାର୍ଟର ନଂ.: ଇ/୨, ଇମ୍ପ୍ଲିମେଣ୍ଟ ଫ୍ୟାକ୍ଟ୍ରି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭, ୨) ଶ୍ରୀ ମନୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ୩) ଶ୍ରୀ ସରୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ସମସ୍ତଙ୍କ ଠିକଣା- ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬ | ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୫୯୬/୨୭୭୪, ଖାତା ନଂ.: ୯୨୮/୧୮୪୯, କ୍ଷେତ୍ର: ଏକର ୦.୦୨୯ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟୀ ସାମଲ, ପଶ୍ଚିମ: ଗୋପାଳ ସାମଲ, ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ଶ୍ରୀଚନ୍ଦନ | ୦୬.୦୧.୨୦୧୭ / ୨୧.୧୧.୨୦୧୭ / ୩୦.୦୭.୨୦୧୬ ସୁଦ୍ଧା ଟ.୩୪,୦୦,୪୦୪/- + ୩୦.୦୭.୨୦୧୬ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୧,୭୫,୦୦୦/- / ଟ.୫,୨୦,୦୦୦/- / ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |
| ୩. | ଶହୀଦ ନଗର ଶାଖା / ଋଣଗ୍ରହୀତା: ମେସର୍ସ ଦାସ କମ୍ପ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ପ୍ଲଟ୍ ନଂ.: ୪୭୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ନାୟକ, ପ୍ଲଟ୍ ନଂ.: ୫୭୩/୫୭୪, ଏକାମ୍ର କାନନ ରୋଡ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫ | ଶ୍ରୀମତୀ ଅନିତା ନାୟକ ଓରଫ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ ନଂ.: ୩୬୧/୭୨୪, ସବ୍ ପ୍ଲଟ୍ ନଂ.: ୪୪ ଏବଂ ୪୫ (ଅଂଶ), ଖାତା ନଂ.: ୩୦୬/୧୩୭, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: କ୍ଷେତ୍ରପାଳ, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୬୮, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୫ (ଅଂଶ) | ୨୧.୦୩.୨୦୧୭ / ୨୧.୧୦.୨୦୧୭ / ୦୬.୧୧.୨୦୨୩ସୁଦ୍ଧା ଟ.୧,୦୦,୫୧,୩୪୦.୭୮ +୦୬.୧୧.୨୦୨୩ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୧୨.୧୨.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୬,୧୭,୦୦୦/- / ଟ.୧,୬୧,୭୦୦/- / ଟ.୨୦,୦୦୦/- | ଭୌତିକ | ୦୮.୧୨.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ନିଲାମଧାରୀମାନେ ୱେବ୍‌ସାଇଟ୍: www.mstcecommerce.com ଲଗ୍ ଇନ୍ କରି, ଅମାନତ ରାଶି ଅନଲାଇନ୍ ମାଧ୍ୟମରେ କ୍ର. ନଂ. ୧ ଓ ୨ ନିମନ୍ତେ ତା୨୮.୧୧.୨୦୨୩ରିଖ ଏବଂ କ୍ର. ନଂ. ୩ ନିମନ୍ତେ ୧୧.୧୨.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ ।

ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଏଠାରେ ସ୍କାନ କରନ୍ତୁ

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.bankofbaroda.in/e-auction.htm, www.mstcecommerce.com and https://ibapi.in ଦେଖନ୍ତୁ ଏବଂ ସମ୍ଭାବ୍ୟ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ/ ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ ଋପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଳିଙ୍ଗ ନଗର, ଭୁବନେଶ୍ୱର, ମୋ.: ୭୩୨୮୮୩୪୧୪୨

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା




# ରେଲୱେ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ

### ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ସମସ୍ୟା

ରାଉରକେଲା,୧୦।୧୧(ଦିନେଶ ମିଶ୍ର)

ରାଉରକେଲା-ଚକ୍ରଧରପୁର ରେଳ ମଣ୍ଡଳରେ କାର୍ଯ୍ୟରତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ତୃଣମୂଳ କଂଗ୍ରେସ ଅଧ୍ୟକ୍ଷ ଜାହାଙ୍ଗୀର ହକ୍ ରେଲୱେ ଅଧିକାରୀଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ବହୁ ରେଲୱେ ତୃତୀୟ ଶ୍ରେଣୀ କର୍ମଚାରୀ ଯୋଗଦେଇ ସେମାନଙ୍କ ସମସ୍ୟା ସହ ବିଗତ ୩ ବର୍ଷ ଧରି ଟ୍ରାଭେଲ ଭତ୍ତା ଓ ଓଭର ଡ୍ୟୁଟି(ଓଟି) ଅର୍ଥ ମିଳୁ ନ ଥିବା ନେଇ ଅଭିଯୋଗ କରିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ଲାଗି ରେଲୱେ ସିଏନ୍‌ଡବ୍ଲ୍ୟୁ କର୍ମଚାରୀ, ସଫେଇ କର୍ମଚାରୀ ଓ ଟ୍ରାକମ୍ୟାନ କର୍ମଚାରୀ ଦାବି କରିଥିଲେ। ଉକ୍ତ ଦାବି ଆଗାମୀ ଦିନରେ ପୂରଣ କରା ନ ଗଲେ ରେଲୱେ ତୃତୀୟ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ରେଲୱେ ଅଧିକାରୀ ମହମ୍ମଦ ଇବରାଲ ଉକ୍ତ ସମସ୍ୟା ନେଇ ରେଲୱେ ବୋର୍ଡକୁ ଅବଗତ କରିବେ ବୋଲି କହିଥିଲେ। ରେଲୱେ ବୋର୍ଡ ଏ ନେଇ କୌଣସି ଫଣ୍ଡିଂ କଲେ ତୁରନ୍ତ ସମାଧାନ କରାଯିବ ବୋଲି ଇବରାଲ ପ୍ରତିଶ୍ରୁତି ଦେଇଥିଲେ।



ରେଲୱେ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସୀମାନ୍ତରୁ ୩ ମାଓବାଦୀ ଗିରଫ

ରାଉରକେଲା,୧୦।୧୧ (ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ୩ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମ ସିଂଭୂମ ଚାଇଁବାସା ଟୋଣ୍ଟୋ ଅଞ୍ଚଳର ଡେବାୟ ପୂର୍ତ୍ତି(୨୮), ଜୁରିଆ ବାହାନ୍ଦା(୨୮) ଓ ଗୋୟଲକେରାର ଲେବିଆ ବାଇପୋଇ(୨୧)। ସେମାନଙ୍କ ଠାରୁ ବିପୁଳ ପରିମାଣର ଆଇଇଡ଼ି ଓ ବୋମା ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଉକ୍ତ ମାଓବାଦୀ ଗୋୟଲକେରା ଥାନା ଅଞ୍ଚଳରେ ପୋଲିସ କ୍ୟାମ୍ପ ଉପରେ ଆକ୍ରମଣ, ଜଙ୍ଗଲିଆ ରାସ୍ତାରେ ଆଇଇଡ଼ି ଖଞ୍ଜିବା, ଲୁହାତୀର କ୍ଷେପଣ କରିବା ଓ ସୁରକ୍ଷାବଳ ଉପରେ ଆକ୍ରମଣ କରି ହତ୍ୟା କରିବା, ନିରୀହ ଗ୍ରାମୀଣଙ୍କୁ ଇନଫର୍ମର ସନ୍ଦେହରେ ଅତ୍ୟାଚାର କରିବା ଭଳି ସଙ୍ଗୀନ ମାମଲାରେ ଜଡ଼ିତ ଥିବା ଶୁକ୍ରବାର ସିଆରପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମାଓବାଦୀଙ୍କୁ ଶୁକ୍ରବାର ସକାଳେ କୋର୍ଟଚାଲାଣ କରାଯାଇଛି।

# ସାରୁବାହାଲ ଏସ୍‌ଟି କ୍ଲବ ଚାମ୍ପିୟନ




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିବୃନ୍ଦ ।

### ଜୋନାଲ ସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ରାଉରକେଲା,୧୦।୧୧(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ପକ୍ଷରୁ ବିଶ୍ରା ବ୍ଲକ କୋପସିଂହା ଗାଁ ଖେଳ ପଡିଆରେ ଚାଲିଥିବା ଜୋନାଲସ୍ତରୀୟ ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟରେ ସାରୁବାହାଲ ଏସ୍‌ଟି କ୍ଲବ ଦଳ ଚମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦାନ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ନଗଦ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ମେକାନିକାଲ ବିଭାଗ ସିଜିଏମ୍ ଆର. ଏନ. ରାଜେନ୍ଦ୍ରନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ୩୨ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସାରୁବାହାଲ ଓ ଯମାଳ ଫୁଟବଳ ଦଳ ମଧ୍ୟରେ ହୋଇଥିବା ବେଳେ ଯମାଳ ଦଳକୁ ୭-୬ ଗୋଲରେ ପରାସ୍ତ କରି ସାରୁବାହାଲ ଚାମ୍ପିୟନ ହୋଇଥିଲା। ଯମାଳ, ସନ୍ତୋଷପୁର ଓ ଧଧାରୀ ଦଳ ଯଥାକ୍ରମେ ୨ୟ, ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୦ହଜାର, ରନର୍ସ ଅପ୍ ଦଳକୁ ୮ହଜାର ଟ୍ରଫି ସହ ୩ୟ ଓ ଚତୁର୍ଥ ସ୍ଥାନକୁ ଅଧିକାର କରିଥିବା ଦଳକୁ ୬ ଓ ୪ହଜାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଶ୍ରେଷ୍ଠ ଗୋଲ ରକ୍ଷକ ଏବଂ ଶ୍ରେଷ୍ଠ ଡିଫେଣ୍ଡର ଭାବେ ଯଥାକ୍ରମେ ସାବନ ଓରାମ, ରବୀନ ପଧାନ ଓ ନିପ୍ପୁ ଅହମ୍ମଦ ବିବେଚିତ ହୋଇ ଟ୍ରଫି ସହ ନଗଦ ପୁରସ୍କୃତ ହୋଇଥିଲେ। ୫ ଦିନିଆ ଜୋନାଲ ସ୍ତରୀୟ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ କୋପସିଂହା ଗାଁର ଜଗାକଲିଆ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ, ସିଏସ୍‌ଆର ବିଭାଗର ଏଜିଏମ ଟି. ବି. ଟପ୍ପୋ ପରିଚାଳନା ଏବଂ ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବେନେଡିକ୍ସ ଏକ୍କା ଉତ୍ସବ ସଞ୍ଚାଳନ କରିଥିଲେ। ଶେଷରେ ଡେପୁଟି ମ୍ୟାନେଜର ରୀତା ସୁଧିରାମ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀପାବଳିରେ ବାଣଫୁଟାକୁ ନେଇ ଦ୍ୱନ୍ଦ୍ୱ

ରାଉରକେଲା,୧୦।୧୧(ଦିନେଶ ମିଶ୍ର)

ଦୀପାବଳିରେ ବାଣଫୁଟା ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇବା ପରେ କେଉଁ ବାଣ ଫୁଟାଯିବ ଓ କେଉଁ ବାଣ ଫୁଟାଯିବ ନାହିଁ ତାକୁ ନେଇ ଏପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ଲାଗିରହିଛି। ୧୨୫ ଡେସିମିଲରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରୋକ୍ ଲଗାଇଥିବା ଜଣାପଡିଛି। ଏହି ନିୟମକୁ କଡାକଡି ପାଳନ କରିବା ଲାଗି ରାଜ୍ୟର ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ବୋର୍ଡ ପକ୍ଷରୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି । ନିୟମ ମୁତାବକ ବେରିୟମ ଓ ନାଇଟ୍ରେଟ ଥିବା ବାଣଫୁଟା ଉପରେ କଟକଣା ଜାରି ରହିବ। ସନ୍ଧ୍ୟା ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଧାର୍ମିକ ଅନୁଷ୍ଠାନର ଶହେ ମିଟର ଦୂରତା ଭିତରେ ବାଣ ଫୁଟାଇବାକୁ ନିଷିଦ୍ଧ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପ୍ରଦୂଷଣର ମାତ୍ରା ଯାଞ୍ଚ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସହରରେ ବାଣ ବିକ୍ରି କରାଯାଉଥିବାବେଳେ ଝରଝରି, ଚକ୍ରି, କୁମ୍ଭି, ଟିକିଲି ଭଳି ଗ୍ରୀନ୍ କ୍ରାକର ବାଣକୁ ବିକ୍ରି ପାଇଁ ଅନୁମତି ମିଳିଛି। ସେହିପରି ଟାଇଗର ବମ୍, ସୁତୁଲି ବମ୍ ଓ ଅଧିକ ଶବ୍ଦ କରୁଥିବା ବାଣ ଉପରେ କଟକଣା ଲଗାଯାଇଛି। ଦୀପାବଳି ସମୟରେ ବାୟୁ ଓ ଶବ୍ଦ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି।

# ଦ୍ୱିତୀୟ ଦିବସରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ସୁନ୍ଦରଗଡ,୧୦।୧୧(ଜୟ ନାରାୟଣ ମେଣ୍ଡୁଲି)

### ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା



ଜଣେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ ଜିଲା ବିଦ୍ୟାଳୟ ସମୂହ ସ୍ପୋର୍ଟସ ଆସୋସିଏଶନ ଓ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମିଳିତ ଆନୁକୂଲ୍ୟରେ ଭବାନିପୁର ସ୍ପୋର୍ଟସ ଆସୋସିଏଶନ୍ ଦୌଡ଼ କୁଦ ପ୍ରତିଯୋଗିତାର ୨ୟ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇ ସ୍ୱର୍ଣ୍ଣ , ରୌପ୍ୟ ଓ ତାମ୍ର ପଦକ ପାଇଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ଆଇଡି କୋଡିନେଟର ଅମାତ୍ୟ ପ୍ରଧାନ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ସାହୁ, ବିଦ୍ୟାଧର ପ୍ରଧାନ, ଭାଗିରଥୀ ମଲ୍ଲିକ, ସଂଯୁକ୍ତ ପଟ୍ଟନାୟକ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଥା ନିରଞ୍ଜନ ପଟେଲ, ସନ୍ତୋଷ କୁମାର ପଟେଲ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ ଧୃଆ, ନନ୍ଦିତା ନାଏକ, ହୀରା ମଣି ମିଞ୍ଜ, ଅଶ୍ୱିନୀ ପଟେଲ, ବନମାଳୀ ସେଠ, ଦୁବରାଜ ଗୋଖୁରା, ଅନନ୍ତ କୁମାର ନାଏକ ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ୧୪ ବର୍ଷରୁ କମ ବାଳକ ବିଭାଗର ୧୦୦ ମିଟର ଦୌଡରେ ମାନସ ମାଝି ପ୍ରଥମ, ଦାନିୟେଲ ଖାରା ୨ୟ, ସିଭକ ମୁଖି ୩ୟ ହୋଇଛନ୍ତି। ସେହିପରି ୬୦୦ ମିଟର ଦୌଡରେ ସଞ୍ଜୟ ହସଡା ପ୍ରଥମ, ଅଭିନାଶ ମର୍କମୀ ୨ୟ, ହେରୋଜ ସଣ୍ଟା ୩ୟ ସ୍ଥାନ ଅଧିକାର କରିଛନ୍ତି। ଲମ୍ଫ ଡିଆଁରେ ମାନସ ମାଝି ପ୍ରଥମ, ସରୋଜ କହଁର ୨ୟ ଓ ସିବକ ମୁଖି ୩ୟ ହୋଇଛନ୍ତି।

# ଆର୍‌ଏସ୍‌ପିରୁ ଚୋରି, ୨ ଗିରଫ

ରାଉରକେଲା,୧୦।୧୧(ସଙ୍ଗୀତା ଜେନା)

ଦେଓଗାଁ ଅଞ୍ଚଳର ୨ଜଣ ଯୁବକ ଗୁରୁବାର ବିଳମ୍ବିତ ରାତିରେ ଆର୍‌ଏସ୍‌ପି ଭିତରକୁ ପଶି ଚୋରି କରିବା ବେଳେ ଟାଙ୍ଗରପାଲି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରବି କଂସାରୀ(୩୦) ଓ ଶିବା ଯାଦବ(୨୩)। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୪/୨୩) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ଉଭୟଙ୍କଠାରୁ ୩୦ କେଜି ଲୁହା ଓ ୧୦ କେଜି କପର ତାର ଜବତ କରାଯାଇଛି। ଗତ ରାତିରେ ଉଭୟ ଚୋରି କରୁଥିବା ବେଳେ ସୁରକ୍ଷାକର୍ମୀ ଉଭୟଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ।

# କାଳୀ ପୂଜା ମେଳଣ ପାଇଁ ପ୍ରସ୍ତୁତି

ରାଉରକେଲା,୧୦।୧୧(ସଙ୍ଗୀତା ଜେନା)

ରାଉରକେଲାରେ କାଳୀପୂଜା ଆୟୋଜନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦୀପାବଳି ଓ କାଳୀପୂଜା ପାଇଁ ରାଉରକେଲା ପ୍ରଶାସନ ଓ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସହରର ଷ୍ଟିଲ୍ ଟାଉନ୍‌ଶିପ୍, ସିଭିଲ ଟାଉନ୍‌ଶିପ୍, ଫର୍ଟିଲାଇଜର ଟାଉନଶିପ୍‌ରେ ୫୦ରୁ ଊର୍ଦ୍ଧ୍ୱ ମଣ୍ଡପରେ କାଳୀପୂଜା ଆୟୋଜନ କରାଯାଉଛି। ଏଥିରେ ସେକ୍ଟର-୪ କାଳୀପୂଜା, ସେକ୍ଟର-୨ ଟିଫ୍‌ଟାଇପ୍ ମାର୍କେଟ, ସେକ୍ଟର-୧ ଏଚ୍ ବ୍ଲକ, ସେକ୍ଟର-୧ ବି ବ୍ଲକ ଟିଫ୍ ଟାଇପ୍ ମାର୍କେଟ, ବନ୍ଧମୁଣ୍ଡା ଡି କେବିନ୍, ସେକ୍ଟର-ଡି ଗୁଣ୍ଡିଚାପାଲ୍ଲୀ, ସେକ୍ଟର-ବି ନାଇନ୍ ଷ୍ଟାର, ସେକ୍ଟର-ସି ବନ୍ଧମୁଣ୍ଡା, ତିଳକାନଗର କାଳୀପୂଜା କମିଟି, ସେକ୍ଟର-୬ ସିଟି ମାର୍କେଟ, ସେକ୍ଟର-୭ ରାଏମା କ୍ଲବ, ସେକ୍ଟର-୮ କାଳୀପୂଜା କମିଟି, ଫର୍ଟିଲାଇଜର ଗଞ୍ଜୁ ମାର୍କେଟ, ଆଇଡିଏଲ୍ କଲୋନୀ, ମଡ଼ର୍ନ ଇଣ୍ଡିଆ, ପ୍ଲାଣ୍ଟସାଇଟ୍ ଥାନା ଡେଲି ମାର୍କେଟ, ଗାନ୍ଧୀ ରୋଡ୍, ରେଳବାଇ କଲୋନୀ, ଗୋପବନ୍ଧୁପାଲ୍ଲୀ, ସେକ୍ଟର-୧୯ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ସେକ୍ଟର-୨୦ ମାର୍କେଟ, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ, ସେକ୍ଟର-୧୭ ମାର୍କେଟ, ସେକ୍ଟର-୧୫ ସିଟି ମାର୍କେଟ, ସେକ୍ଟର-୧୫ ଏଚ୍ ବ୍ଲକ, ସେକ୍ଟର-୧୪ ଏ ବ୍ଲକ, ଉଦିତନଗର ବାସନ୍ତୀ କଲୋନୀ, ସୁପର ମାର୍କେଟ କାଳୀପୂଜା ଆଦି ମଣ୍ଡପ ରହିଛି। କେନ୍ଦ୍ରୀୟ ପୂଜା କମିଟି ସଭାପତି ବିରାଜ ବିଶ୍ୱାଳ କହିଛନ୍ତି, ଆସନ୍ତା ୧୭ ତାରିଖରେ ବାଲୁଘାଟରେ କାଳୀ ମେଳଣ ଓ ବିସର୍ଜନ କରାଯିବ। ମଣ୍ଡପଗୁଡ଼ିକରେ ଶାନ୍ତିଶୃଙ୍ଖଳା ବଜାୟ ରଖି ପୂଜା ଆୟୋଜନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଓ ପୋଲିସ ପ୍ରଶାସନ ତତ୍ତ୍ୱାବଧାନରେ ଏହି ପୂଜା କରିବା ପାଇଁ ପୂଜା କମିଟିଗୁଡିକୁ ନିବେଦନ କରାଯାଇଛି ବୋଲି ବିଶ୍ୱାଳ କହିଛନ୍ତି।

DATA ENTRY EXECUTIVE
ଆବଶ୍ୟକ
Bhubaneswar Transports ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା- ଗ୍ରାଜୁଏସନ୍ ।
ଯୋଗାଯୋଗ- 9853802717

WANTED
A reputed Real Estate Company requires
MARKETING MANAGER- 4 Nos.
MARKETING EXECUTIVE- 6 Nos.
(Fixed salary with high incentives).
9938725854, 8339826767

# ୧୨୫ ଏସ୍‌ଏଚ୍‌ଜି ମହିଳାଙ୍କୁ ଦିଗ୍‌ଦର୍ଶନ ଦେଲା ଆର୍‌ଏମ୍‌ସି




ଉଦିତନଗର ଛକରେ ଖୋଲାଯାଇଥିବା ସ୍ୱଚ୍ଛ ଓ ଶୁଭ ଦୀପାବଳି କେନ୍ଦ୍ର।

ରାଉରକେଲା,୧୦।୧୧(ବିପ୍ଳବ ରଞ୍ଜନ ଦାଶ)

ଦୀପାବଳିକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଶୁକ୍ରବାର ସହରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମୂହର ୧୨୫ଜଣ ମହିଳା ସଭାନେତ୍ରୀଙ୍କୁ ଦିଗ୍‌ଦର୍ଶନ ଦିଆଯାଇଛି। ଆରଏମସି ଉପାୟୁକ୍ତ ସୁଧାଂଶୁ ଭୋଇ ଉକ୍ତ ମହିଳାମାନଙ୍କୁ ପ୍ରଦୂଷଣ ଓ ଆପଦମୁକ୍ତ ଦୀପାବଳ ପାଳନ ପାଇଁ ଲୋକମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ୧୧ଟି ବାୟୁ ପ୍ରଦୂଷଣ ଏବଂ ଉଚ୍ଚଶବ୍ଦ କରୁଥିବା ବାଣ ପ୍ରଭାବରୁ ସହରକୁ ରକ୍ଷା କରିବା ପାଇଁ ସେ ଦିଗ୍‌ଦର୍ଶନ ଦେଇଥିଲେ। ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ ଏସଏଚଜି ମହିଳାଙ୍କ ଦ୍ୱାରା ସ୍ୱଚ୍ଛ ଦୀପାବଳି ଓ

### ସ୍ମାର୍ଟସିଟିରେ ପ୍ରଦୂଷଣ ମୁକ୍ତ ଦୀପାବଳି ଚିନ୍ତା

ଶୁଭ ଦୀପାବଳି କେନ୍ଦ୍ର ସ୍ଥାପନ ହୋଇଛି। ଏହି କେନ୍ଦ୍ରମାନଙ୍କରେ ଦୀପାବଳି ପାଇଁ ବିଭିନ୍ନ ସାମଗ୍ରୀ ସହିତ ପୂଜାସାମଗ୍ରୀ, ଫୁଲମାଳ ଓ ଖାଦ୍ୟବ୍ୟଞ୍ଜନ ଦ୍ରବ୍ୟ ବିକ୍ରି ଆରମ୍ଭ ହୋଇଛି। ଏଥିସହିତ ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ କରୁଥିବା ବାଣଠାରୁ ଦୂରେଇ ରହି ନିରାପଦ ଭାବେ ଦୀପାବଳି ପର୍ବ ପାଳନ କରିବାକୁ ସହରବାସୀଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଥିଲା। ରାଉରକେଲା ଉଦିତନଗର ଛକରେ ଟିମ୍ବର କଲୋନୀ ଅଞ୍ଚଳର ମିଶନ ଶକ୍ତି ଜୟ ମାତା ଦୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ତୁଳସୀ ଦାସ ଏବଂ ସହଯୋଗୀ ମହିଳାମାନଙ୍କ ଦ୍ୱାରା ୨ଟି ଷ୍ଟଲ ମାଧ୍ୟମରେ ଦୀପାବଳି ସାମଗ୍ରୀ ବିକ୍ରି କରାଯାଉଛି। ସେମାନେ ଦୀପାବଳିକୁ ପ୍ରଦୂଷଣମୁକ୍ତ ଏବଂ ନିରାପଦ ଭାବେ ପାଳନ କରିବା ପାଇଁ ଲୋକମାନଙ୍କୁ ସଚେତନ କରୁଛନ୍ତି।

# ରାସ୍ତାକଡ଼ରୁ ଅଜଣା ମୃତଦେହ ଜବତ

ରାଉରକେଲା,୧୦।୧୧(ଦିନେଶ ମିଶ୍ର)

ରଘୁନାଥପାଲି ଥାନା ଅଧୀନ ରାଜୀବ ବସ୍ତି ନିକଟ ରାସ୍ତାକଡରୁ ଏକ ମୃତଦେହକୁ ପୋଲିସ ଶୁକ୍ରବାର ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ପୋଲିସ କହିଛି। ରିପୋର୍ଟ ଲେଖିବା (ସନ୍ଧ୍ୟା ୭ଟା) ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଏସ୍‌ଟିଆଇ ରାଜୀବ ବସ୍ତି ଛକ ନିକଟରେ ଉକ୍ତ ମୃତଦେହ ପଡିଥିବା ସ୍ଥାନୀୟ ବସ୍ତିବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ନେଇ ଆରଜିଏଚ୍ ମର୍ଗରେ ରଖି ଘଟଣାର ତଦନ୍ତ କରୁଛି।

# ଜଲ୍‌ୱା ଦେଖାଇବେ ଓଲିଉଡ୍, ବଲିଉଡ୍ ଷ୍ଟାର

ରାଉରକେଲା,୧୦।୧୧(ସଙ୍ଗୀତା ଜେନା)

### ବୋଇତ ବନ୍ଦାଣ କାର୍ଯ୍ୟକ୍ରମ

ଆଗକୁ ଆସୁଛି କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ପର୍ବ। ଏଥିପାଇଁ ରାଉରକେଲା ସହରର ୬ରୁ ଊର୍ଦ୍ଧ୍ୱ ସ୍ଥାନରେ ବୋଇତ ବନ୍ଦାଣ କମିଟି ପକ୍ଷରୁ ମନୋରଞ୍ଜନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଛି। ବୋଇତ ବନ୍ଦାଣ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ କମିଟି ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ଓଲିଉଡ୍ ଷ୍ଟାର ଓ କଣ୍ଠଶିଳ୍ପୀଙ୍କୁ ଅଣାଯିବ। ସିଭିଲ ଟାଉନଶିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମରେ ଆସନ୍ତା ୨୬ ତାରିଖରେ ହାସ୍ୟ କଳାକାର ପ୍ରଜ୍ଞା ଓ ଶଙ୍କରା, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଅନୀଲ କୁମାର, ମନସ୍ୱିନୀ, କୁମାର ବାପି ପ୍ରମୁଖ କଳାକାରମାନେ ମୁଖ୍ୟ ଆକର୍ଷଣ ହେବେ। ସେହିପରି ସେକ୍ଟର-୨ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ହ୍ୟୁମାନ ସାଗର ଓ ବଲିଉଡ୍ କଣ୍ଠଶିଳ୍ପୀ ବାବୁଲ ସୁପ୍ରିୟୋ ସଙ୍ଗୀତ ପରିବେଷଣ କରିବେ। ଅନୁରୂପ ଭାବେ ଉଦିତନଗର ସାଂସ୍କୃତିକ ପରିଷଦ ପକ୍ଷରୁ ମଣ୍ଟୁ ଛୁରିଆ ଓ ୪୨ ଜଣିଆ ଟିମ୍ ସହ କଣ୍ଠଶିଳ୍ପୀ ଶୀତଲ କବି, ଚିରାଗ ଦୀପ୍, ବୈଦ୍ୟନାଥ ଦାସ, ବୈଭବ ପୁଷ୍ଟି, ସିମରନ୍ ଦାସଙ୍କ ସମେତ ଅନ୍ୟ କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ଜଣାପଡିଛି। ସେହିପରି ଛେଣ୍ଡ କଳିଙ୍ଗ ବିହାର ସାଂସ୍କୃତିକ ପରିଷଦ, ସେକ୍ଟର-୧୪ କୋଣାର୍କ ସାଂସ୍କୃତିକ ପରିଷଦ, ଦକ୍ଷିଣ ରାଉରକେଲା ଆଦି ସ୍ଥାନରେ ଏହି ଉତ୍ସବ ପାଳନ ପାଇଁ ସ୍ଥିର ହୋଇଛି।

बैंक ऑफ़ बड़ौदा Bank of Baroda

 କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩,
ମୋ.: ୭୩୨୮୮୩୪୧୪୨, ଫୋନ୍: ୦୬୭୪-୨୩୮୭୧୦୦,
୭୩୨୮୮୩୪୧୪୦/୪୧, ଇମେଲ୍: sarbhu@bankofbaroda.com

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ **ଭୌତିକ ଦଖଲ**ରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଶାଖା/ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ମାଲିକଙ୍କ ନାମ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ/ ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ନୟାପଲ୍ଲୀ ଶାଖା ଋଣଗ୍ରହୀତା: ମେସର୍ସ ସାଇ ଶମ୍ଭୁ ଟ୍ରେଡର୍ସ, ଅଂଶୀଦାରମାନେ: ୧) ଶ୍ରୀମତୀ ଅମୁଲି ପ୍ରଧାନ, ୨) ଶ୍ରୀ ଶିବାନନ୍ଦ ପ୍ରଧାନ, ଠିକଣା: ୧) ସା: ପ୍ଲଟ୍ ନଂ.: ୩୭୫, ଯାଲାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଠିକଣା:୨) ଝଗଦପଡା, ପୋ: ପଦ୍ମାବତୀ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୩ | ଶ୍ରୀମତୀ ଅମୁଲି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୬୧, ଖାତା ନଂ.: ୨୦୧/୧୪, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୭୧, ସାବିକ ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଶିଆରିଆପଲ୍ଲୀ, ଥାନା: ବୋଲଗଡ ନଂ.: ୭୦, ତହସିଲ: ବୋଲଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୬, ଉତ୍ତର: ପ୍ଲଟ୍ ନଂ.: ୧୬୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୨ | ୦୩.୦୭.୨୦୧୯ / ୩୧.୦୧.୨୦୨୦ / ୦୩.୦୭.୨୦୧୯ ସୁଦ୍ଧା ଟ.୯୪,୩୭,୭୫୧.୯୨ + ୦୩.୦୭.୨୦୧୯ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ. ୪୧,୨୬,୮୬୯/- ; ଟ.୪,୧୫,୦୦୦/- ; ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା |
| ୨. | ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକ, ଠିକଣା-୧: ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬, ଠିକଣା-୨: କ୍ୱାର୍ଟର ନଂ.: ଇ/୨, ଇମ୍ପ୍ଲିମେଣ୍ଟ ଫ୍ୟାକ୍ଟ୍ରି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ୨) ଶ୍ରୀ ମନୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ୩) ଶ୍ରୀ ସରୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ସମସ୍ତଙ୍କ ଠିକଣା- ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬ | ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୫୯୬/୨୭୭୪, ଖାତା ନଂ.: ୯୨୮/୧୮୪୯, କ୍ଷେତ୍ର: ଏକର ୦.୦୨୯ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟୀ ସାମଲ, ପଶ୍ଚିମ: ଗୋପାଳ ସାମଲ, ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ଶ୍ରୀଚନ୍ଦନ | ୦୬.୦୧.୨୦୧୭ / ୨୧.୧୧.୨୦୧୭ / ୩୦.୦୭.୨୦୧୬ ସୁଦ୍ଧା ଟ.୩୪,୦୦,୪୦୪/- + ୩୦.୦୭.୨୦୧୬ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୧,୭୫,୦୦୦/- ; ଟ.୫,୨୦,୦୦୦/- ; ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |
| ୩. | ଶହୀଦ ନଗର ଶାଖା / ଋଣଗ୍ରହୀତା: ମେସର୍ସ ଦାସ କମ୍ପ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ପ୍ଲଟ୍ ନଂ.: ୪୭୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୬ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ନାୟକ, ପ୍ଲଟ୍ ନଂ.: ୫୭୩/୫୭୪, ଏକାମ୍ର କାନନ ରୋଡ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫ | ଶ୍ରୀମତୀ ଅନିତା ନାୟକ ଓରଫ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ ନଂ.: ୩୬୧/୭୨୪, ସବ୍ ପ୍ଲଟ୍ ନଂ.: ୪୪ ଏବଂ ୪୫ (ଅଂଶ), ଖାତା ନଂ.: ୩୦୬/୧୩୭, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: କ୍ଷେତ୍ରପାଳ, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୬୮, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୫ (ଅଂଶ) | ୨୧.୦୩.୨୦୧୭ / ୨୧.୧୦.୨୦୧୭ / ୦୬.୧୧.୨୦୨୩ସୁଦ୍ଧା ଟ.୧,୦୦,୫୧,୩୪୦.୭୮ +୦୬.୧୧.୨୦୨୩ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୧୨.୧୨.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୬,୧୭,୦୦୦/- ; ଟ.୧,୬୧,୭୦୦/- ; ଟ.୨୦,୦୦୦/- | ଭୌତିକ | ୦୮.୧୨.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ନିଲାମଧାରୀମାନେ ୱେବ୍‌ସାଇଟ୍: www.mstcecommerce.com ଲଗ୍ ଇନ୍ କରି, ଅମାନତ ରାଶି ଅନଲାଇନ୍ ମାଧ୍ୟମରେ କ୍ର. ନଂ. ୧ ଓ ୨ ନିମନ୍ତେ ତା୨୮.୧୧.୨୦୨୩ରିଖ ଏବଂ କ୍ର. ନଂ. ୩ ନିମନ୍ତେ ୧୧.୧୨.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.bankofbaroda.in/e-auction.htm, www.mstcecommerce.com and https://ibapi.in ଦେଖନ୍ତୁ ଏବଂ ସମ୍ଭାବ୍ୟ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ/ ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଳିଙ୍ଗ ନଗର, ଭୁବନେଶ୍ୱର, ମୋ.: ୭୩୨୮୮୩୪୧୪୨

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଏଠାରେ ସ୍କାନ କରନ୍ତୁ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

# ଜାତୀୟ ସନ୍ତରଣରେ ସଫଳତା

## ପ୍ରତିଯୋଗୀଙ୍କୁ ଜିଲାପାଳଙ୍କ ଶୁଭେଚ୍ଛା

ସମ୍ବଲପୁର,୧୦।୧୧(ବି.ଶଙ୍କର)

ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁର ଖେଳାଳିମାନେ ସଫଳତା ହାସଲ କରିଛନ୍ତି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଶୁକ୍ରବାର ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୬ରୁ ନଭେମ୍ବର ୯ତାରିଖ ପର୍ଯ୍ୟନ୍ତ ଗୋଆଠାରେ ଜାତୀୟ ଖେଳ ମହୋତ୍ସବ ହୋଇଥିଲା। ସନ୍ତରଣ ବିଭାଗରେ ସମ୍ବଲପୁରର ସୋନିଆ ପଟେଲ ଅଂଶଗ୍ରହଣ କରି ଆଇଏମ୍ ରିଲେ ଇଭେଣ୍ଟରେ ବ୍ରୌଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ନଭେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌ ଓ ପୁନେଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଜାତୀୟ ସନ୍ତରଣ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ଇଭେଣ୍ଟରେ ଭାଗନେଇ ଶାଶ୍ୱତ ସ୍ୱରୂପ ବେରିହା, ପ୍ରଭୁଦାସ ପଣ୍ଡା, ଅଂଶୁମାନ ମେରିଲି, ଶ୍ରୀଜିତ ମହାକୁଡ, କୁମାରୀ ଆଞ୍ଚଳ ବାଗ ଭାଗ ନେଇ ରୋପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତ। ଖେଳାଳିମାନଙ୍କ ସହ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ଆଶୁତୋଷ ନାଏକ, ରଙ୍କନିଧି ସେଠ, ଚିନ୍ତନ ନାଏକ, ଲକ୍ଷ୍ମୀଧର ମହାକୁର, ଦାଶରଥି ପଟେଲ, ରାମଦାସ ପଣ୍ଡା, ମନୋଜ ବନଛୋର ଏବଂ ସମ୍ବଲପୁର ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ସାମିଲ ଥିଲେ।


ଜିଲାପାଳଙ୍କ ସହ ସଫଳତା ହାସଲ କରିଥିବା ପ୍ରତିଯୋଗୀ।

## ମନ୍ତ୍ରୀମୁଣ୍ଡା ଫୁଟ୍‌ବଲ: ସେମିରେ ସମ୍ବଲପୁର ଜିଏଫ୍‌ସି

କୁଚିଣ୍ଡା,୧୦।୧୧(ବିରଞ୍ଚି ଦର୍ଶା)

ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ୧୦ମ ମନ୍ତ୍ରୀମୁଣ୍ଡା କପ ଫୁଟବଲ ମହାକୁମ୍ଭର ଶୁକ୍ରବାର ତୃତୀୟ ଦିବସ ଖେଳରେ ସମ୍ବଲପୁର ଜିଏଫ୍‌ସି (ନକ୍ସାପାଲି) ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛି। 'ସି' ଗ୍ରୁପର ପ୍ରଥମ ମ୍ୟାଚ କୁଚିଣ୍ଡା ମହାବୀର ଏଫ୍‌ସି ଓ ଏଲ୍‌ଡିଏସ୍ ବ୍ରଦର୍ସ (ଟୁନିଆଁପାଲି) ମଧ୍ୟରେ ହୋଇ ଏଲ୍‌ଡିଏସ୍ ବ୍ରଦର୍ସ ବିଜେତା ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚଟି ଝାରସୁଗୁଡ଼ା ଜୟ ବଜରଙ୍ଗ ଏଫ୍‌ସି ଓ ସମ୍ବଲପୁର ଜିଏଫ୍‌ସି ମଧ୍ୟରେ ହୋଇଥିବା ବେଳେ ଏଥିରେ ଜିଏଫ୍‌ସି ବିଜୟୀ ହୋଇଥିଲା। ତୃତୀୟ ଅର୍ଥାତ କ୍ୱାଟର ଫାଇନାଲ ମ୍ୟାଚ ଏଲ୍‌ଡିଏସ୍ ବ୍ରଦର୍ସ ଓ ସମ୍ବଲପୁର ଜିଏଫ୍‌ସି ମଧ୍ୟରେ ହୋଇଥିବା ବେଳେ ପେନାଲ୍ଟି ଶୁଟ୍‌ଆଉଟରେ ଜିଏଫସି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ରାଜେଶ ଜୟପୁରିଆ, ଜୀବନ ବୁଦୁଲା, ଗୋପୀନାଥ ପାଣ୍ଡେ, ଶତାବ୍ଦୀ ଜୟପୁରିଆ ପ୍ରମୁଖ ରେଫରି କାର୍ଯ୍ୟ ତୁଲାଇଥିଲେ। ଅତିଥି ଭାବେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, କୁଚିଣ୍ଡା ଘରୋଇ ବସ ମାଲିକ ସଂଘ ସଭାପତି ଉଦୟ ପ୍ରତାପ ସିଂ,କାଉନସିଲର ଦୀନେଶ ହଂସ ପ୍ରମୁଖ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀମୁଣ୍ଡା ଯୁବକସଂଘ ସଭାପତି ତାପସ କୁମାର ନାଏକ, ସମ୍ପାଦକ ଅକ୍ଷୟ କିଷାନ, ଉପଦେଷ୍ଟା ପ୍ରଣବ ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## ନୂତନ ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼, ୧୦।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡସ୍ଥିତ ବିଜୁ ଜନତା ଦଳର ନୂତନ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ନଗର ସଭାପତି ଶୁକଦେବ ଭଞ୍ଜଙ୍କ ଆବାହକତ୍ୱ ଓ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ନୂତନ ଭାବେ ମନୋନୀତ ଜିଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ନୂତନ ଜିଲା ବିଜେଡି ସଭାପତି ଇଂ. ପ୍ରଧାନ ନିଜର ବକ୍ତବ୍ୟ ଉପସ୍ଥାପନ କରି ଦେବଗଡ ପୌରାଞ୍ଚଳ ସମେତ ସମଗ୍ର ଜିଲାରେ ସାଙ୍ଗଠନିକ ସ୍ତରରେ କିଭଳି ଅଧିକ ସୁଦୃଢ କରାଯାଇପାରିବ ସେ ସମ୍ପର୍କରେ ନୂତନ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଦେବଗଡ ପୌର ପରିଷଦର ପାରିଷଦ ପ୍ରମିଳା ବେହେରା, ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝୀ, ଜତିନ କୁମାର ନାୟକ, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ମହିଳା ବିଜେଡି ନଗର ସଭାନେତ୍ରୀ ଭୁବନେଶ୍ୱରୀ ସାହୁ, ଛାତ୍ର ବିଜେଡି ନଗର ସଭାପତି ଦୁଷ୍ମନ୍ତ ସାହୁ, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ,ପୂର୍ବତନ ନଗର ବିଜେଡି ସଭାପତି କାମାକ୍ଷା ଗଙ୍ଗଦେବ, ପ୍ରଦୀପ କୁମାର ଅମାନ୍ତ, ବିକାଶ କୁମାର ପ୍ରଧାନ, ଶଙ୍କର୍ଷଣ ମହାପାତ୍ର, ଚନ୍ଦ୍ରଶେଖର ଭୁକ୍ତା, ସମୀର ରଞ୍ଜନ ପ୍ରଧାନ, ସୁବ୍ରତ ପାତ୍ର, ରାଜେନ୍ଦ୍ର ପ୍ରଧାନ, ଅନିଲ ରଣା, ସୁଶାନ୍ତ ନାୟକ, ରାଜକିଶୋର ଦାଶ, ଆଲୋକ କୁମାର ଅମାନ୍ତ, ଦୀପୁନ ନାୟକ, ବିକାଶ ମିଶ୍ର, ସୁକାନ୍ତ ନାୟକ, ବିକାଶ ନାୟକ, ଦେବେନ୍ଦ୍ର ସାହୁ, କାଳିଆ ଷଣ୍ଢ, ଶିକି ରଣା, ସତ୍ୟ ନାୟକ, ଆନନ୍ଦ କପରଦାର, ଭୁବନ ମୋହନ ନାଏକ, ଦିନ ଦେବ, ବିଦ୍ୟା ମହାପାତ୍ର, ଗନି ଦେବ, ଚନ୍ଦନ ଦେବ, ମାନସ ପ୍ରଧାନ, ଶରତ ମେହେର ଓ ରୂପକ ମାଝୀଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧନା ସଭାରେ ବିଜେଡି କର୍ମୀ ନେତା।

## ସ୍ୱଚ୍ଛଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ

ନାକଟିଦେଉଳ,୧୦।୧୧(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ଶୁକ୍ରବାର ସ୍ୱଚ୍ଛଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ପକ୍ଷରୁ ଗୋ ଚାଷୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରେଢାଖୋଲ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀ ଡ଼ା. ସତ୍ୟନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଡିଓ ଦନାଇ ଚରଣ ଗୁଡୁ ମୁଖଅତିଥି ଓ ଏବିଡିଓ ବିଦ୍ୟାଧର ରାଉତରାୟ, ବକ୍ସମାର ୟୁନିଟ ଇନଚାର୍ଜ ରାଜେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋ ଚାଷୀ କିପରି ଘରେ ଗାଈ ରଖି ତା'ର ଯତ୍ନ ନେବେ ଓ ଅଧିକ ଦୁଗ୍ଧ ସଂଗ୍ରହ କରିବେ ସେ ନେଇ ପ୍ରାଣୀଧନ ଚିକିତ୍ସକ ପରାମର୍ଶ ଦେଇଥିଲେ। ଗୋପାଳନ ଓ ଦୁଗ୍ଧ ଚାଷ ସମ୍ପର୍କରେ ଚାଷୀମାନେ ବ୍ଲକ ପ୍ରଶାସନ କିମ୍ବା ବ୍ଲକ ପ୍ରାଣୀଧନ ଚିକିତ୍ସକଙ୍କ ସହିତ ଯୋଗାଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ୧୩୮ଜଣ ଚାଷୀଙ୍କୁ ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଶେଷରେ ବ୍ଲକ ପ୍ରାଣିଧନ ଚିକିତ୍ସାଧିକାରୀ ଡ଼ା. ଶ୍ରବଣ କୁମାର ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରକୋଟ ବ୍ଲକର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ଦେବଗଡ଼, ୧୦।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ଲକସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏଥିସହ ବିଧାୟକ ପାଣ୍ଠି, ଡବ୍ଲ୍ୟୁଓଡିସି ଅନୁଦାନ ଓ ଅନ୍ୟାନ୍ୟ ଯୋଜନାରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡିକର ନିର୍ମାଣ ନିମନ୍ତେ ଅବିଳମ୍ବେ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ କରିଥିଲେ। ବିଶେଷ ଭାବେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ଏହାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାରୁ ଗ୍ରାମାଞ୍ଚଳର ବିକାଶ କରାଯାଉଥିବା ବେଳେ କିଭଳି ଏହାର ସଦ୍‌ବିନିଯୋଗ ହୋଇପାରିବ ଓ ଜନସାଧାରଣ ଲାଭବାନ ହେବେ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବାରକୋଟ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ ଓ ବିଧାୟକଙ୍କ ବାରକୋଟ ବ୍ଲକ ପ୍ରତିନିଧି ଭାରତ ଭୂଷଣ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଚୋରି ବଲେରୋ ଉଦ୍ଧାର, ୪ ଗିରଫ

ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର)

ବରେଇପାଲି ଅଞ୍ଚଳରୁ ଚୋରି ହୋଇଥିବା ବଲେରୋ ପିକ୍‌ଅପ୍ (ଓଡି୧୭ଇ-୯୨୨୨)କୁ ବରେଇପାଲି ପୋଲିସ ଉଦ୍ଧାର କରିଛି। ଏହାସହ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ଼ ଡେଙ୍ଗିବାଡ଼ିର ମହମ୍ମଦ ମୋବିନ(୩୨), ଛତିଶଗଡ଼ ଯଶପୁରର ଆଝାର ଖାନ(୨୦), ସମ୍ବଲପୁର କ୍ଷେତରାଜପୁରର ଅଜୟ ସିଂ(୩୫) ଓ ଧନୁପାଲିର ଅୟଦ ଜାହିଦ(୪୬)। ସୂଚନା ଅନୁସାରେ ଗତ ୪ ତାରିଖ ବିଳମ୍ବିତ ରାତିରେ ସଞ୍ଜୟ ଗୁପ୍ତା ନାମକ ଜଣେ ବ୍ୟକ୍ତି ତାଙ୍କ ଘର ସମ୍ମୁଖରେ ବଲେରୋ ପିକ୍‌ଅପ୍‌କୁ ରଖିଥିଲେ। ତେବେ ସକାଳୁ ପିକ୍‌ଅପ୍ ନ ଥିବା ଦେଖି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୧୬/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଅନ୍ୟଏକ ବଲେରୋ ପିକ୍‌ଅପ୍ (ଓଡି୧୬ସି-୪୫୬୩)କୁ ମଧ୍ୟ ପୋଲିସ ଜବତ କରିଛି।

**DATA ENTRY EXECUTIVE ଆବଶ୍ୟକ**

Bhubaneswar Transports ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା- ଗ୍ରାଜୁଏସନ୍ ।

ଯୋଗାଯୋଗ- 9853802717

**WANTED**

A reputed Real Estate Company requires
MARKETING MANAGER- 4 Nos.
MARKETING EXECUTIVE- 6 Nos.
(Fixed salary with high incentives).

9938725854, 8339826767

## ଭୀମ ଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର

ଜମନକିରା,୧୦।୧୧:(ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ବ୍ଲକରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ ଭିନ୍ନକ୍ଷମମାନେ ଯୋଗଦେଇଥିଲେ।ଭିମ୍‌ସାର ବୁର୍ଲାର ଡାକ୍ତର ସନ୍ତୋଷ ମିଶ୍ର, ରେଢ଼ାଖୋଲ ସ୍ୱାସ୍ଥ୍ୟକେନ୍ଦ୍ରର ଡା. କଲ୍ୟାଣୀ ପଟେଲ, ସମ୍ବଲପୁର ସରକାରୀ ଡାକ୍ତଖାନାରୁ ଡା. ଗଙ୍ଗାଧର ପଣ୍ଡା ଏବଂ ଡା. ଲଳିତ ପ୍ରଧାନ ସ୍ୱାସ୍ଥ୍ୟ ପରୀକ୍ଷା କରି ସମୁଦାୟ ୧୬୦ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ପଞ୍ଜିକୃତ କରିଥିଲେ। ଶିବିରରେ ଜମନକିରା ବିଡ଼ିଓ ରିନା ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

## 'ସମବାୟ ଆନ୍ଦୋଳନ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା

ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର)

ଆସନ୍ତା ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସମବାୟ ସପ୍ତାହ ପାଳନ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଉପନିବନ୍ଧକ ସମବାୟ ସମିତି ସମୂହ ସମ୍ବଲପୁର ଜିଲା ଆନୁକୂଲ୍ୟରେ 'ସମବାୟ ଆନ୍ଦୋଳନ' ଶୀର୍ଷକ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ପ୍ରାୟ ୨୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ସୀତାଂଶୁ ଭୂଷଣ ତ୍ରିପାଠୀ, ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ରାମକୃଷ୍ଣ ନନ୍ଦ, ଅବସରପ୍ରାପ୍ତ ସମବାୟ ଅଧିକାରୀଙ୍କ ସହିତ ଖବରଦାତା ଶିବ ଶଙ୍କର ନନ୍ଦ ଯୋଗ ଦେଇଥିଲେ। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବୈଷ୍ଣବି ଯାଦବ ପ୍ରଥମ, ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭମ୍ ସାହୁ ଦ୍ୱିତୀୟ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସଲୋନୀ ଭାରତୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରୀତମ ସିଂ ସାମନ୍ତ ଯଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଜିତ କୁମାର ବର୍ଗର୍ତ୍ତି, ସହକାରୀ ନିବନ୍ଧକ ସମବାୟ ସମିତ ସମୂହ ସମ୍ବଲପୁର ସୁଶୀଳ କୁମାର ମିଶ୍ର, ଉପ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସମ୍ବଲପୁର ରମେଶ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ।

## ମୋ ମାଟି ମୋ ଅଧିକାର ଚାଷୀ ଜାଗରଣ ଯାତ୍ରା ସମ୍ପର୍କିତ ସଚେତନତା ଶୋଭାଯାତ୍ରା



ଦେବଗଡ଼, ୧୦।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ରିଆମାଳ ବ୍ଲକ ପଳସମା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶୁକ୍ରବାର 'ମୋ ମାଟି ମୋ ଅଧିକାର ଚାଷୀ ଜାଗରଣ ଯାତ୍ରା' ସମ୍ପର୍କୀତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାର ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆସନ୍ତା ୨୨ତାରିଖ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଏହି ପରିପ୍ରେକ୍ଷୀରେ ଆହୁତ ଘେରାଉ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଚାଷୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ 'ମୋ ମାଟି ମୋ ଅଧିକାର ଚାଷୀ ଜାଗରଣ ଯାତ୍ରା' ଶୁଭାରମ୍ଭ ହୋଇଛି। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ ଚାଷୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଦଖଲରେ ଥିବା ସରକାରୀ ଜମିରେ ଚାଷ କରୁଥିବା ଚାଷୀଙ୍କୁ ସମ୍ପୃକ୍ତ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ଓ ସ୍ଥାୟୀ ପଟ୍ଟା ପ୍ରଦାନ, ଭୂମିହିନଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ ଘରଡିହ ପ୍ରଦାନ, ଚାଷୀଙ୍କ ଜମିର କିସମ ପରିବର୍ତ୍ତନ ଏବଂ ରେଙ୍ଗାଲୀ ବାସଚ୍ୟୁତଙ୍କୁ ବକେୟା ଜମି ପ୍ରଦାନ ଓ ଚିହ୍ନଟ ଦାବିରେ ଏହି ଚାଷୀ ଜାଗରଣ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଆଜିର ଏହି ଶୋଭାଯାତ୍ରାରେ ଜିଲା କୃଷକ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରାଙ୍କ ସମେତ ବହୁ ଚାଷୀ ନେତା ଏବଂ ଚାଷୀ ସାମିଲ ହୋଇଥିଲେ।

**बैंक ऑफ़ बड़ौदा Bank of Baroda**

**କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩,
ମୋ.: ୭୩୨୮୮୩୪୧୪୨, ଫୋନ୍: ୦୬୭୪-୨୩୮୭୧୦୦,
୭୩୨୮୮୩୪୧୪୦/୪୧, ଇମେଲ୍: sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ **ଭୌତିକ ଦଖଲ**ରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଶାଖା/ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ମାଲିକଙ୍କ ନାମ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ/ ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ନୟାପଲ୍ଲୀ ଶାଖା ଋଣଗ୍ରହୀତା: ମେସର୍ସ ସାଇ ଶମ୍ଭୁ ଟ୍ରେଡର୍ସ, ଅଂଶୀଦାରମାନେ: ୧) ଶ୍ରୀମତୀ ଅମୁଲି ପ୍ରଧାନ, ୨) ଶ୍ରୀ ଶିବାନନ୍ଦ ପ୍ରଧାନ, ଠିକଣା: ୧) ସା: ପ୍ଲଟ୍ ନଂ.: ୩୭୫, ଯାଲାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଠିକଣା:୨) ଝଗଦପଡା, ପୋ: ପଦ୍ମାବତୀ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୩ | ଶ୍ରୀମତୀ ଅମୁଲି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୬୧, ଖାତା ନଂ.: ୨୦୧/୧୪, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୭୧, ସାବିକ ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଶିଆରିଆପଲ୍ଲୀ, ଥାନା: ବୋଲଗଡ ନଂ.: ୭୦, ତହସିଲ: ବୋଲଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୬, ଉତ୍ତର: ପ୍ଲଟ୍ ନଂ.: ୧୬୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୨ | ୦୩.୦୭.୨୦୧୯ / ୩୧.୦୧.୨୦୨୦ / ୦୩.୦୭.୨୦୧୯ ସୁଦ୍ଧା ଟ.୯୪,୩୭,୭୫୧.୯୨ + ୦୩.୦୭.୨୦୧୯ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୪୧,୨୬,୮୬୯/-<br>ଟ.୪,୧୫,୦୦୦/-<br>ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା |
| ୨. | ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକ, ଠିକଣା-୧: ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬, ଠିକଣା-୨: କ୍ୱାର୍ଟର ନଂ.: ଇ/୨, ଇମ୍ପ୍ଲିମେଣ୍ଟ ଫ୍ୟାକ୍ଟ୍ରି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭, ୨) ଶ୍ରୀ ମନୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ୩) ଶ୍ରୀ ସରୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ସମସ୍ତଙ୍କ ଠିକଣା- ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬ | ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୫୯୬/୨୭୭୪, ଖାତା ନଂ.: ୯୨୮/୧୮୪୯, କ୍ଷେତ୍ର: ଏକର ୦.୦୨୯ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଗଣେଶ ମଣ୍ଡପ ନିକଟ, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟୀ ସାମଲ, ପଶ୍ଚିମ: ଗୋପାଳ ସାମଲ, ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ଶ୍ରୀଚନ୍ଦନ | ୦୬.୦୧.୨୦୧୭ / ୨୧.୧୧.୨୦୧୭ / ୩୦.୦୭.୨୦୧୬ ସୁଦ୍ଧା ଟ.୩୪,୦୦,୪୦୪/- + ୩୦.୦୭.୨୦୧୬ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୧,୭୫,୦୦୦/-<br>ଟ.୫,୨୦,୦୦୦/-<br>ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |
| ୩. | ଶହୀଦ ନଗର ଶାଖା / ଋଣଗ୍ରହୀତା: ମେସର୍ସ ଦାସ କମ୍ପ୍ୟୁଟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ପ୍ଲଟ୍ ନଂ.: ୪୭୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୬ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ନାୟକ, ପ୍ଲଟ୍ ନଂ.: ୫୭୩/୫୭୪, ଏକାମ୍ର କାନନ ରୋଡ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫ | ଶ୍ରୀମତୀ ଅନିତା ନାୟକ ଓରଫ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ ନଂ.: ୩୬୧/୭୨୪, ସବ୍ ପ୍ଲଟ୍ ନଂ.: ୪୪ ଏବଂ ୪୫ (ଅଂଶ), ଖାତା ନଂ.: ୩୦୬/୧୩୭, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: କ୍ଷେତ୍ରପାଳ, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୬୮, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୫ (ଅଂଶ) | ୨୧.୦୩.୨୦୧୭ / ୨୧.୧୦.୨୦୧୭ / ୦୬.୧୧.୨୦୨୩ସୁଦ୍ଧା ଟ.୧,୦୦,୫୧,୩୪୦.୭୮ +୦୬.୧୧.୨୦୨୩ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୧୨.୧୨.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୬,୧୭,୦୦୦/-<br>ଟ.୧,୬୧,୭୦୦/-<br>ଟ.୨୦,୦୦୦/- | ଭୌତିକ | ୦୮.୧୨.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ନିଲାମଧାରୀମାନେ ୱେବ୍‌ସାଇଟ୍: www.mstcecommerce.com ଲଗ୍ ଇନ୍ କରି, ଅମାନତ ରାଶି ଅନଲାଇନ୍ ମାଧ୍ୟମରେ କ୍ର. ନଂ. ୧ ଓ ୨ ନିମନ୍ତେ ତା୨୮.୧୧.୨୦୨୩ରିଖ ଏବଂ କ୍ର. ନଂ. ୩ ନିମନ୍ତେ ୧୧.୧୨.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.bankofbaroda.in/e-auction.htm, www.mstcecommerce.com and https://ibapi.in ଦେଖନ୍ତୁ ଏବଂ ସମ୍ଭାବ୍ୟ ନିଲାମଧାରୀମାନେ ଯୋଗଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ/ ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଳିଙ୍ଗ ନଗର, ଭୁବନେଶ୍ୱର, ମୋ.: ୭୩୨୮୮୩୪୧୪୨

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଏଠାରେ ସ୍କାନ କରନ୍ତୁ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

**ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍**

ପୂର୍ବ ସିରିଆରେ ଥିବା କେତେକ ସାମରିକ ଘାଟି ଉପରେ ଆମେରିକା ଆକାଶ ମାର୍ଗରୁ ଆକ୍ରମଣ କରିଛି। ଉକ୍ତ ଘାଟିଗୁଡ଼ିକ ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ପସ୍ (ଆଇଆର୍‌ଜିସି) ଓ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନ ବ୍ୟବହାର କରୁଥିଲେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଇରାକ ଏବଂ ସିରିଆରେ ଥିବା ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଙ୍କ ଘାଟି ଉପରେ ଆଇଆର୍‌ଜିସି ନିର୍ଦ୍ଦେଶରେ ଆକ୍ରମଣ ହୋଇଥିବାରୁ ଏହାର ଜବାବରେ ଯୁକ୍ତରାଷ୍ଟ୍ର ଏୟାରଷ୍ଟ୍ରାଇକ୍ କରିଛି।

## ସଂକ୍ଷେପରେ

### ପୱନ ମୁଞ୍ଜାଲଙ୍କ ୨୪.୯୫ କୋଟିର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ,୧୦।୧୧(ପି.ଟି.):** ହିରୋ ମୋଟୋକର୍ପର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପୱନ କାନ୍ତ ମୁଞ୍ଜାଲ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିୟମାବଳୀର ଅବମାନନା କରି ଅନ୍ୟ ଲୋକଙ୍କ ନାଁରେ ଇସ୍ୟୁ ହୋଇଥିବା ବିଦେଶୀ ମୁଦ୍ରାକୁ ବିଦେଶରେ ନିଜର ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ଅଭିଯୋଗ କରିଛି। ମନି ଲଣ୍ଡରିଂରେ ସମ୍ପୃକ୍ତି ଅଭିଯୋଗରେ ମୁଞ୍ଜାଲଙ୍କ ୨୪.୯୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ବାଜ୍ୟାପ୍ତ କରିଛି। ଉକ୍ତ ସମ୍ପତ୍ତି ମଧ୍ୟରେ ରହିଛି ଦିଲ୍ଲୀରେ ଥିବା ତିନୋଟି ଜମି। ମନି ଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ସମ୍ପତ୍ତିଗୁଡ଼ିକୁ ସାମୟିକ ଭାବେ ବାଜ୍ୟାପ୍ତ କରାଯାଇଥିବା ଇଡି କହିଛି।

### ଦଲାଇ ଲାମାଙ୍କ ଉତ୍ତରାଧିକାରୀ ପାଇଁ ଚାଇନା ମଞ୍ଜୁରୀ ଆବଶ୍ୟକ: ବେଜିଂ

**ବେଜିଂ,୧୦।୧୧(ପି.ଟି.):** ତିବ୍ବତୀୟ ଧର୍ମଗୁରୁ ୮୮ ବର୍ଷୀୟ ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଦେଶ ଭିତରୁ ଚୟନ ହେବା ଆବଶ୍ୟକ ଓ ଏଥିପାଇଁ ଚାଇନାର ଅନୁମୋଦନ ଦରକାର ହେବ ବୋଲି ଶୁକ୍ରବାର ବେଜିଂ କହିଛି। ସେହିପରି ରଣନୀତିକ ଅବସ୍ଥିତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତିବ୍ବତୀୟ ଅଞ୍ଚଳକୁ ଦକ୍ଷିଣ ଏସିଆର ଦ୍ୱାର ଭାବେ ଚାଇନା ଉପସ୍ଥାପନ କରିବା ସହ ଭାରତୀୟ ସୀମା ନିକଟବର୍ତ୍ତୀ ଉକ୍ତ ଅଞ୍ଚଳରେ ଭିତ୍ତିଭୂମିର ବିକାଶ କରାଉଛି। ଦଲାଇ ଲାମା ଏବଂ ପଞ୍ଚେନ୍ ରିନ୍‌ପୋଚେସ୍‌ଙ୍କ ସମେତ ଅଧିଷ୍ଠିତ ସମସ୍ତ ଜୀବନ୍ତ ବୁଦ୍ଧମାନେ ଦେଶ ଭିତରୁ ହେବା ଜରୁରୀ ଏବଂ ପାରମ୍ପରିକ ପଦ୍ଧତି ଜରିଆରେ ଏହି ନିଷ୍ପତ୍ତି ନିଆଯିବା ଆବଶ୍ୟକ। ମନୋନୀତ ଉତ୍ତରାଧିକାରୀ କେନ୍ଦ୍ରୀୟ ସରକାରଙ୍କ ଅନୁମୋଦନ ହାସଲ କରିବାକୁ ହେବ ବୋଲି ଚାଇନା ପକ୍ଷରୁ ଜାରି ଶ୍ୱେତପତ୍ରରେ କୁହାଯାଇଛି। ତିବ୍ବତକୁ ଚାଇନା ଶିଜାଙ୍ଗ ଭାବେ ନାମିତ କରିଛି। ଭାରତର ଧର୍ମଶାଳାରେ ରହିଥିବା ଦଲାଇ ଲାମା ତାଙ୍କ ଉତ୍ତରାଧିକାରୀ ନିଯୁକ୍ତିରେ ମୁଖ୍ୟ ଭୂମିକା ନେବା ବେଜିଂ ଚାହୁଁଛି। ସୂଚନାଯୋଗ୍ୟ, ପୂର୍ବରୁ ଦଲାଇ ଲାମା ଯାହାଙ୍କୁ ୨ ନମ୍ବର ଧର୍ମଗୁରୁ ବାଛିଥିଲେ, ତାଙ୍କୁ ବରଖାସ୍ତ କରି ଚାଇନା ପଞ୍ଚେନ୍ ଲାମାଙ୍କୁ ନିଯୁକ୍ତ କରିଥିଲା।

# ଫାଇଲ୍ ଚାପିଛନ୍ତି ରାଜ୍ୟପାଳ

**କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି। ତେଣୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି ପଦକ୍ଷେପ ନେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ବିଧାନସଭା ଓ ରାଜଭବନ ମୁହାଁମୁହିଁ ହୋଇଛନ୍ତି। ଏହି କ୍ରମରେ ପଞ୍ଜାବ ରାଜ୍ୟପାଳ ବନୱାରିଲାଲ ପୁରୋହିତ, ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି, କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଏବଂ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କ ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ଏହି ରାଜ୍ୟପାଳମାନେ ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକରେ ସ୍ୱାକ୍ଷର ନ କରି ଅନେକ ବର୍ଷ ପର୍ଯ୍ୟନ୍ତ ପକାଇ ରଖୁଥିବା ନେଇ ରାଜ୍ୟ ସରକାରମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ। ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷା କରିପାରିବ ନାହିଁ। ରାଜ୍ୟପାଳମାନେ ଯଦି ବିଲ୍‌ରେ ସ୍ୱାକ୍ଷର କରୁନାହାନ୍ତି, ତେବେ ସେଗୁଡ଼ିକୁ ଯଥାଶୀଘ୍ର ସମ୍ଭବ ରାଜ୍ୟ ସରକାରଙ୍କୁ ଫେରାଇଦେବା ଉଚିତ। ଅଧିବେଶନର ବୈଧତା ଉପରେ ରାଜ୍ୟପାଳ ସନ୍ଦେହ କରିପାରିବେ ନାହିଁ। ସନ୍ଦେହ କଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟିହେବ ବୋଲି ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୨୦୦ର ଅବତାରଣା କରି ଚେତାଇଦେଇଛନ୍ତି।**

(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)


ବନୱାରିଲାଲ ପୁରୋହିତ (ପଞ୍ଜାବ)


ଆର୍.ଏନ୍ ରବି (ତାମିଲନାଡୁ)


ଆରିଫ୍ ମହମ୍ମଦ ଖାନ୍ (କେରଳ)


ତାମିଲିସାଇ ସୌନ୍ଦରାରାଜନ୍ (ତେଲଙ୍ଗାନା)

**ନୂଆଦିଲ୍ଲୀ,୧୦।୧୧**

### ବିଲ୍‌ରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ: ସୁପ୍ରିମକୋର୍ଟ

ପଞ୍ଜାବ ରାଜ୍ୟପାଳ ବନୱାରିଲାଲ ପୁରୋହିତ ୨୦୨୩ ଜୁନ୍ ୧୯ ଓ ୨୦ରେ ଅନୁଷ୍ଠିତ ବିଧାନସଭା ଅଧିବେଶନକୁ ଅସାମ୍ବିଧାନିକ ଦର୍ଶାଇଥିଲେ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ରାଜ୍ୟପାଳଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟପାଳ ବିଲ୍‌ଗୁଡ଼ିକୁ ପକାଇ ରଖିଥିବାରୁ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଥିବା ସରକାର ନିଜ ଆବେଦନରେ ଉଲ୍ଲେଖ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୦୦ ଅଧୀନରେ ରାଜ୍ୟପାଳଙ୍କ ସୀମିତ କ୍ଷମତା ଥିବାରୁ ସେ ବିଲ୍‌ଗୁଡ଼ିକୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ଚାପି ରଖିପାରିବେ ନାହିଁ ବୋଲି ଯୁକ୍ତି ବାଢ଼ିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ଶୁକ୍ରବାର କହିଛନ୍ତି, ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯୋଗୁ ସୃଷ୍ଟି ହୋଇଥିବା ଅଚଳାବସ୍ଥା 'ଅତ୍ୟନ୍ତ ଚିନ୍ତାଜନକ' ବିଷୟ। ପ୍ରତିଷ୍ଠିତ ପରମ୍ପରା ଓ ରୀତିକୁ ନେଇ ଆମ ଦେଶ ଚାଲିଛି। ଏସବୁକୁ ରାଜ୍ୟପାଳ ମାନିବା ଆବଶ୍ୟକ। ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ। ରାଜ୍ୟପାଳମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ନୁହନ୍ତି, ଏକଥା ସେମାନେ ଭୁଲିଯିବା ଅନୁଚିତ। ବିଧାନସଭା ଅଧିବେଶନକୁ ଅସାମ୍ବିଧାନିକ ଘୋଷଣା କରିବା ସମ୍ପର୍କିତ ରାଜ୍ୟପାଳଙ୍କ କ୍ଷମତାକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇବା ସହ ତାଙ୍କ ଯୁକ୍ତିକୁ ଖାରଜ କରିଦେଇଛନ୍ତି।

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ବିରୋଧରେ ମଧ୍ୟ ଅନୁରୂପ ଅଭିଯୋଗ ରହିଛି। ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକ ଉପରେ ସେ ମୋହର ଦେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଲ୍ ମଞ୍ଜୁରୀରେ ବିଳମ୍ବକୁ ନେଇ ଶୁକ୍ରବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଶୁଣାଣି ବେଳେ ଯୁକ୍ତି ବାଢ଼ିଥିଲେ, ବିଧାନସଭାରେ ଗୃହୀତ ୧୨ଟି ବିଲ୍ ରାଜ୍ୟପାଳଙ୍କ ଅଫିସରେ ପଡ଼ିରହିଛି। ଉତ୍ତମ ଆଚରଣ ପାଇଁ ବନ୍ଦୀଙ୍କୁ କ୍ଷମା ପ୍ରଦାନ ପୂର୍ବକ ଆଗୁଆ ମୁକ୍ତ କରିବା (ରେମିସନ) ଅର୍ଡର, ଦୈନନ୍ଦିନ ନଥିପତ୍ର, ନିଯୁକ୍ତି ନିର୍ଦ୍ଦେଶନାମା, ଦୁର୍ନୀତିଗ୍ରସ୍ତ ମନ୍ତ୍ରୀ ଓ ବିଧାୟକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ଏବଂ ବିଧାନସଭାରେ ଗୃହୀତ ବିଲ୍ ଉପରେ ମୋହର ନ ଦେବା ଫଳରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜଣେ ସାମ୍ବିଧାନିକ କର୍ତ୍ତୃପକ୍ଷ ଅସାମ୍ବିଧାନିକ ଉପାୟରେ କାର୍ଯ୍ୟ କରୁଛନ୍ତି ଏବଂ ବାହ୍ୟ କାରଣରୁ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟକୁ ଅସାମ୍ବିଧାନିକ, ବେଆଇନ, ଏକତରଫା ଏବଂ ମନ୍ଦ ଉଦ୍ଦେଶ୍ୟରେ କ୍ଷମତାର ଅପବ୍ୟବହାର ଭାବେ ଘୋଷଣା କରାଯାଉ ବୋଲି ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ନଭେମ୍ବର ୨୦ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି ହେବ।

କେରଳର ବାମପନ୍ଥୀ ସରକାର ନଭେମ୍ବର ୮ରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କ ବିରୋଧରେ ଦ୍ୱିତୀୟ ଥର ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥର ରାଜ୍ୟ ହାଇକୋର୍ଟଙ୍କ ଏକ ରାୟକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି, ଯହିଁରେ ୮ ବିଲ୍‌କୁ ମଞ୍ଜୁର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବାକୁ ମନା କରିଦେଇଛନ୍ତି। ପୂର୍ବରୁ ଚଳିତମାସ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ବିଧାନସଭା ଦ୍ୱାରା ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ମଞ୍ଜୁର କରୁ ନ ଥିବା ଦର୍ଶାଇଥିଲେ। ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଲ୍‌ଗୁଡ଼ିକୁ ପକାଇ ରଖିବା 'ଏକଚ୍ଛତ୍ରବାଦୀ କାର୍ଯ୍ୟ' ବୋଲି ଘୋଷଣା କରିବାକୁ ସରକାର କରିଥିବା ନିବେଦନକୁ କେରଳ ହାଇକୋର୍ଟ ୨୦୨୨ ନଭେମ୍ବର ୨୦ରେ ଖାରଜ କରିଦେଇଥିଲେ। ଏଥିସହ ଏକ ସଂସଦୀୟ ଗଣତନ୍ତ୍ରରେ ଜଣେ ରାଜ୍ୟପାଳ ସମ୍ବିଧାନର ଅନୁଚ୍ଛେଦ ୨୦୦ ବଳରେ ନେଉଥିବା ପଦକ୍ଷେପକୁ ବେଆଇନ ଘୋଷଣା କରିବା ଅଦାଲତଙ୍କ ପକ୍ଷେ ଉପଯୁକ୍ତ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସରକାର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ରାଜ୍ୟପାଳଙ୍କ ଟେବୁଲରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ୩ ବିଲ୍ ଏବଂ ବର୍ଷେ ହେଲା ଅନ୍ୟ ୩ ବିଧେୟକ ପଡ଼ିରହିଛି। ଏଗୁଡ଼ିକ ମଧ୍ୟରୁ ୫ଟି ବିଲ୍ ବିଶ୍ୱବିଦ୍ୟାଳୟ ଆଇନ ସମ୍ପର୍କିତ। ରାଜ୍ୟପାଳ ଲୋକଙ୍କ ମୌଳିକ ଅଧିକାରଗୁଡ଼ିକୁ ନ୍ୟୂନ କରିବାକୁ ଉଦ୍ୟମ ଚଳାଇଥିବା ସରକାରଙ୍କ ଓକିଲ ସି.କେ. ସସି ଯୁକ୍ତି ବାଢ଼ିଛନ୍ତି। ଏହା ଉପରେ ରାଜ୍ୟପାଳ ଖାନ୍ ଶୁକ୍ରବାର କହିଛନ୍ତି, ସେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରୁଛନ୍ତି। ସେ ରାଜ୍ୟରେ କୌଣସି ସଙ୍କଟ ସୃଷ୍ଟି କରିଥିବା ନେଇ କିଛି ପ୍ରମାଣ ଅଛି କି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ରାଜ୍ୟ ସରକାର ଅନେକ ଥର ନିଜ ସୀମା ଡେଇଁଥିବା ସମାଲୋଚନା କରିଛନ୍ତି।

୨୦୨୩ ମାର୍ଚ୍ଚ ୨୦ରେ ତେଲଙ୍ଗାନାର ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ସରକାର ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କ ବିରୋଧରେ ସୁପ୍ରିମକୋର୍ଟରେ ରିଟ୍ ପିଟିସନ ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଯୁକ୍ତି ବାଢ଼ିଥିଲେ, ବିଧାନସଭାରେ ଗୃହୀତ ୧୦ ବିଲ୍ ରାଜଭବନରେ ୨୦୨୨ ସେପ୍ଟେମ୍ବରରୁ ପଡ଼ିରହିଛି। ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟ ବୋଲି ସେ ସେଗୁଡ଼ିକରେ ସ୍ୱାକ୍ଷର କରୁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟପାଳ କେତୋଟି ବିଲ୍‌ରେ ସ୍ୱାକ୍ଷର କରିଥିବା ଜଣାପଡ଼ିଛି।

### ଦିଲ୍ଲୀରେ ବର୍ଷା ଆଣିଲା ଆଶ୍ୱସ୍ତି

# ଅଟକିଲା ଯୁଗ୍ମ-ଅଯୁଗ୍ମ ସୂତ୍ର

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ଦିଲ୍ଲୀ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ଶୁକ୍ରବାର ବର୍ଷା ହେବାରୁ ସାମୟିକ ଆଶ୍ୱସ୍ତି ମିଳିଛି। ବର୍ଷା ପରେ ବାୟୁ ମାନରେ ଉଲ୍ଲେଖନୀୟ ଉନ୍ନତି ଦେଖାଦେଇଥିବାରୁ ଜାତୀୟ ରାଜଧାନୀରେ ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଗାଡ଼ି ଚାଳନା ବର୍ତ୍ତମାନ ପାଇଁ ଲାଗୁ ହେବ ନାହିଁ ବୋଲି ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି। ଦୀପାବଳି ପରେ ସରକାର ବାୟୁ ମାନ ସ୍ଥିତିର ସମୀକ୍ଷା କରିବେ। ଯଦି ପ୍ରଦୂଷଣ ଅଧିକ ବଢ଼େ, ତେବେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ରାୟ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦୀପାବଳି ପରେ ବାୟୁ ପ୍ରଦୂଷଣ ଅତ୍ୟଧିକ ବଢ଼ିବାକୁ ଥିବାରୁ ରାଜଧାନୀରେ ଆସନ୍ତା ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଯୁଗ୍ମ-ଅଯୁଗ୍ମ ସୂତ୍ର ଅର୍ଥାତ୍ ଦିନେ ଯୁଗ୍ମ ନମ୍ବର ଥିବା ଗାଡ଼ି ଓ ଅନ୍ୟ ଦିନ ଅଯୁଗ୍ମ ନମ୍ବର ଥିବା ଗାଡ଼ି ଚାଲିବ ବୋଲି ଦିଲ୍ଲୀ ସରକାର ଗତ ସୋମବାର ଘୋଷଣା କରିଥିଲେ। ଛୋଟ ଛୋଟ ପ୍ରବେଶ ପଥ ଦେଇ ଦିଲ୍ଲୀ ମଧ୍ୟକୁ ପ୍ରଦୂଷିତ ଟ୍ରକ୍ ପ୍ରବେଶ ବନ୍ଦ ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ମନ୍ତ୍ରୀ ରାୟ ଚିନ୍ତା ବ୍ୟକ୍ତ କରିଛନ୍ତି। ଏନେଇ ପଡ଼ୋଶୀ ରାଜ୍ୟର ପରିବହନ ମନ୍ତ୍ରୀମାନଙ୍କୁ ପତ୍ର ଲେଖାଯିବ ବୋଲି ସେ କହିଛନ୍ତି।

### ନଡ଼ାପୋଡ଼ି ବନ୍ଦ କରିବାକୁ ହେବ: ସୁପ୍ରିମକୋର୍ଟ

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ସ୍ତରକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣ ସ୍ତର ହ୍ରାସ କରିବାକୁ ହେଲେ ଦିଲ୍ଲୀ ନିକଟବର୍ତ୍ତୀ ପଞ୍ଜାବ ଓ ଅନ୍ୟ ରାଜ୍ୟଗୁଡ଼ିକରେ ନଡ଼ାପୋଡ଼ିକୁ ତୁରନ୍ତ ବନ୍ଦ କରିବାକୁ ହେବ। ଏଥିସହିତ ଅନ୍ୟ ସମାଧାନ ସୂତ୍ର ବାହାର କରିବାକୁ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଦୂଷଣ ପ୍ରସଙ୍ଗକୁ ନେଇ ଅନେକ ରିପୋର୍ଟ ପ୍ରକାଶ ପାଇବା ସହ ବହୁ କମିଟି ଗଢ଼ାଯାଇଛି, ହେଲେ ତଳସ୍ତରରେ କିଛି ଘଟୁନାହିଁ ବୋଲି ଦିଲ୍ଲୀ-ଏନ୍‌ସିଆର୍ ବାୟୁ ପ୍ରଦୂଷଣ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ସୁଧାଂଶୁ ଧୁଲିଆ ଏବଂ ଅସାନୁଦ୍ଦିନ ଅମାନୁଲ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। କିଛି ପଦକ୍ଷେପ ନ ନେଇ ଅଦାଲତ ଉପରେ ଦାୟିତ୍ୱ ଲଦିଦେବାକୁ ଚେଷ୍ଟା କରନାହିଁ ବୋଲି ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କୁ କହିଛନ୍ତି। ଜାତୀୟ ରାଜଧାନୀରେ ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଗାଡ଼ି ଚଳାଇବା ଦିଲ୍ଲୀ ସରକାରଙ୍କ ନିଷ୍ପତ୍ତି, ଏଥିରେ କୋର୍ଟ କୌଣସି ନିର୍ଦ୍ଦେଶ ଦେବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

# ଲଢୁଆ ଯାନ ନିର୍ମାଣ କରିବେ ଭାରତ-ଆମେରିକା

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

### ଇଣ୍ଡୋ-ପାସିଫିକ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ଉପରେ ଆଲୋଚନା


ନୂଆଦିଲ୍ଲୀର ସୁଷମା ସ୍ୱରାଜ ଭବନରେ ଶୁକ୍ରବାର ଅନୁଷ୍ଠିତ ଭାରତ-ଆମେରିକା ୨+୨ ମନ୍ତ୍ରଣାଳୟସ୍ତରୀୟ ଆଲୋଚନାରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍, ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍, ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟି ଓ ଅନ୍ୟମାନେ।

ପ୍ରତିରକ୍ଷା ଶିଳ୍ପ ସହଯୋଗର ଅଂଶବିଶେଷ ଭାବେ ଭାରତ ଏବଂ ଆମେରିକା ମିଳିତ ଭାବେ ଲଢୁଆ ଯାନ ନିର୍ମାଣ କରିବେ ବୋଲି ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ଶୁକ୍ରବାର କହିଛନ୍ତି। ଏହା ବ୍ୟତୀତ ଆମେରିକା ଭାରତକୁ ୩୧ଟି ଏମ୍‌କ୍ୟୁ-୯ବି ଡ୍ରୋନ୍ ଖୁବ୍‌ଶୀଘ୍ର ଯୋଗାଇଦେବା ପାଇଁ ଯଥାସମ୍ଭବ ଉଦ୍ୟମ ଜାରି ରଖିଛି ଓ ଠିକ୍ ସମୟରେ ତାହା ଘୋଷଣା କରାଯିବ। ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କକୁ ମହାକାଶରୁ ସମୁଦ୍ର ଗର୍ଭ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବଢ଼ାଇବାକୁ ପଦକ୍ଷେପ ନିଆଯାଉଥିବା ଅଷ୍ଟିନ୍ କହିଛନ୍ତି। ଦିଲ୍ଲୀରେ ଦୁଇଦେଶର ପ୍ରତିରକ୍ଷା ଓ ବହିର୍ବ୍ୟାପାର ମନ୍ତ୍ରଣାଳୟସ୍ତରୀୟ ଆଲୋଚନା ପରେ ଅଷ୍ଟିନ୍ ଖବରଦାତାମାନଙ୍କୁ ଏହି ସୂଚନା ଦେଇଛନ୍ତି। ଅଷ୍ଟିନ୍‌ଙ୍କ ସହ ଆମେରିକା ପ୍ରତିନିଧି ଦଳରେ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଥିବାବେଳେ ଭାରତ ପକ୍ଷର ନେତୃତ୍ୱ ନେଇଥିଲେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଚାଇନାଠାରୁ ସୁରକ୍ଷାଗତ ଚ୍ୟାଲେଞ୍ଜ ବଢ଼ୁଥିବା ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଭାରତ-ଆମେରିକା ସମ୍ପର୍କ କେବଳ ଚାଇନାର ଚ୍ୟାଲେଞ୍ଜ ଉପରେ ଆଧାରିତ ନୁହେଁ, ବରଂ ଦୁଇ ଦେଶର ମିଳିତ ମୂଲ୍ୟବୋଧ ଆଧାରରେ ବୋଲି କୁହାଯାଇଛି।

ଦୁଇ ଦେଶର କୂଟନୈତିକ ଓ ପ୍ରତିରକ୍ଷା ମୁଖ୍ୟମାନେ ଆଲୋଚନାରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା, ଚାଇନା ଏବଂ ଇସ୍ରାଏଲ୍-ହମାସ୍ ଯୁଦ୍ଧ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଭବିଷ୍ୟତରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିବା ଆମେରିକା ପରରାଷ୍ଟ୍ର ସଚିବ ବ୍ଲିଙ୍କେନ୍ କହିଛନ୍ତି। ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ, ଅବାଧ ଓ ସମୃଦ୍ଧ କରିବା ପାଇଁ କ୍ୱାଡ୍ ସହଯୋଗୀ ଜାପାନ, ଅଷ୍ଟ୍ରେଲିଆ ସହ ମିଶି କାର୍ଯ୍ୟ କରିବୁ ବୋଲି ବୈଠକ ଶେଷରେ ବ୍ଲିଙ୍କେନ୍ କହିଛନ୍ତି।

## ଫୁର୍‌ସତ୍

# ସମାଧି ସ୍ଥଳରେ ଏକ୍ସରସାଇଜ

**ଲଣ୍ଡନ**

ବର୍ତ୍ତମାନ ସମୟରେ ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ପୂରା ଧ୍ୟାନ ଦେଉଛନ୍ତି। ପାର୍କରେ ଚାଲିବା ସହ ଅନେକେ ଜିମ୍ ଯାଉଛନ୍ତି। ହେଲେ ଜଣେ ମଡେଲ ସମାଧି ସ୍ଥାନରେ ଏକ୍ସରସାଇଜ କରୁଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଲଣ୍ଡନରେ ରହୁଥିବା ବ୍ରାଜିଲ୍‌ର ଜଣେ ମଡେଲ ଅଣ୍ଡ୍ରିଆ ସନସାଇନ୍ ଜଣେ ବଡିବିଲ୍ଡର। ଜାଣି ଆଶ୍ଚର୍ଯ୍ୟ ଲାଗିବ ଯେ ସେ ଜେଜେ ମା' ହୋଇସାରିଛନ୍ତି। ତଥାପି ସେ ଅତ୍ୟନ୍ତ ଫିଟ୍ ଅଛନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଅନେକ ଫଲୋୟର୍ସ ଅଛନ୍ତି। ସେ ସବୁବେଳେ ଜିମ୍‌ରେ କସରତ କରୁଥିବାର ଫଟୋ ପୋଷ୍ଟ କରିଥାନ୍ତି। ହେଲେ ସେ ଜିମ୍ ତ୍ୟାଗ କରିଦେଇଛନ୍ତି। ସେ ଏବେ ସମାଧି ସ୍ଥାନରେ ଏକ୍ସରସାଇଜ୍ କରୁଛନ୍ତି। ଅଣ୍ଡ୍ରିଆ ଜିମ୍‌ରେ ଲୋକଙ୍କ କଥା ଶୁଣିଶୁଣି ବିରକ୍ତ ହୋଇଯାଇଥିବାରୁ ସେ ଜିମ୍ ତ୍ୟାଗ କରିଥିବା ଜଣାପଡ଼ିଛି। ତାଙ୍କ କହିବା କଥା, ପୁରୁଷଙ୍କ ଭଳି ତାଙ୍କ ଶରୀର ପାଇଁ ଅନେକେ ତାଙ୍କୁ ତାଳି ମାରିଥାନ୍ତି। ଏଥିପାଇଁ ସେ ଏବେ ଏକା ସମାଧି ସ୍ଥଳରେ ଆସି ଟ୍ରେନିଂ ଦେବା ଆରମ୍ଭ କରିଛନ୍ତି। ପ୍ରଥମେ ତାଙ୍କୁ ଗ୍ଲାମରସ୍ ରୂପରେ ସେଠାରେ ଟ୍ରେନିଂ ଦେବାକୁ ବାରଣ କରାଯାଉଥିଲା। ହେଲେ ଏବେ ସେ ସେଠାରେ ଅନେକଙ୍କୁ ଟ୍ରେନିଂ ଦେଉଛନ୍ତି। ତାଙ୍କ କହିବା କଥା ଯେ ସମାଧି ସ୍ଥଳ ବହୁତ ଶାନ୍ତ ସ୍ଥାନ। ଯେଉଁଠାରେ ମଣିଷ ଶାନ୍ତିର ଅନୁଭବ କରିପାରିବ। ସମାଧି ସ୍ଥଳରେ ସେ ଏକ୍ସରସାଇଜ୍ କରିବା ସହ ପ୍ରକୃତିକୁ ମଧ୍ୟ ଉପଭୋଗ କରୁଥିବା କହିଛନ୍ତି।





# ଇଲାୟାରାଜାଙ୍କ ବାୟୋପିକ୍‌ରେ ଧନୁଷ୍

**ମୁମ୍ବାଇ**

ସାଉଥ୍ ଅଭିନେତା ଧନୁଷ୍ ଖ୍ୟାତନାମା ସଙ୍ଗୀତଜ୍ଞ ଇଲାୟାରାଜାଙ୍କ ବାୟୋପିକ୍‌ରେ ନଜର ଆସିବେ। ଏନେଇ ଔପଚାରିକ ଭାବେ ଘୋଷଣା ହୋଇଛି। ଏହି ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଆରମ୍ଭ ହେବ ଏବଂ ୨୦୨୫ରେ ଏହା ମୁକ୍ତିଲାଭ କରିବ। ଫିଲ୍ମର ପ୍ରଯୋଜନା ଦାୟିତ୍ୱ କନେକ୍ଟ ମିଡିଆ ଏବଂ ମର୍କ୍ୟୁରି ଗ୍ରୁପ୍ ନେବ। ଇଲାୟାରାଜା ହେଉଛନ୍ତି ଲୋକପ୍ରିୟ ସଙ୍ଗୀତଜ୍ଞ, ଗୀତିକାର ଏବଂ ଗାୟକ। ସେ ତାଙ୍କ କ୍ୟାରିୟରରେ ୭ହଜାରରୁ ଅଧିକ ଗୀତ ରଚନା କରିଛନ୍ତି। ଏଥିସହ ୨୦ହଜାରରୁ ଅଧିକ କନ୍‌ସର୍ଟରେ ଭାଗ ନେଇଛନ୍ତି। ସଙ୍ଗୀତ ପ୍ରତି ତାଙ୍କର ଅବଦାନ ପାଇଁ ସେ ୨୦୧୦ରେ ପଦ୍ମଭୂଷଣ ଓ ୨୦୧୮ରେ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଛନ୍ତି। ଏଥିରେ ଶେଖର କମୁଲା ନିର୍ଦ୍ଦେଶନା ଦେବେ। ଫିଲ୍ମକୁ ବିଭିନ୍ନ ଭାଷାରେ ରିଲିଜ୍ କରାଯିବ। ତେବେ ଧନୁଷ୍ ୨୦୦୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ହିଟ୍ ଫିଲ୍ମ ତାଙ୍କ ପ୍ରଶଂସକଙ୍କୁ ଭେଟି ଆକାରରେ ଦେଇ ପ୍ରଶଂସିତ ହୋଇଛନ୍ତି। ଆଗକୁ ତାଙ୍କ ହାତରେ ଆଉ ୨ଟି ସିନେମା ରହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ରିଷି
ପରିବାରବର୍ଗ


ଶିବ ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କ୍ଷମତାକୁ ଆସିଲେ ଜାତି ଜନଗଣନା କରିବୁ: ରାହୁଲ

**ଭୋପାଳ,୧୦।୧୧**

ଜାତି ଜନଗଣନା ଏକ ବିପ୍ଳବାତ୍ମକ ପଦକ୍ଷେପ। ଏହା ଜନସାଧାରଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିଛନ୍ତି। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ କ୍ଷମତାକୁ ଆସିଲେ, ଜାତି ଜନଗଣନା ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସାତନାଠାରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ବାସ୍ତବ ସଂଖ୍ୟା ଜାଣିବାକୁ ହେଲେ ଜାତି ଜନଗଣନା କଂଗ୍ରେସ ସରକାରଙ୍କ ପ୍ରଥମ କାର୍ଯ୍ୟ ହେବ।



ମଧ୍ୟପ୍ରଦେଶର ସାତନାଠାରେ ଉଦ୍‌ବୋଧନ ଦେଉଛନ୍ତି ରାହୁଲ ଗାନ୍ଧୀ।

ଏହା ଏକ ଏକ୍ସ-ରେ ଭଳି ପଛୁଆ ବର୍ଗଙ୍କ ସଂଖ୍ୟା ସ୍ପଷ୍ଟ କରିବ ଏବଂ ତଦନୁଯାୟୀ ସେମାନଙ୍କ କଲ୍ୟାଣ ପାଇଁ ଯୋଜନା ଓ ନୀତି ପ୍ରଣୟନ କରାଯିବ। ସେହିପରି କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତୀୟ ସ୍ତରରେ ଜାତି ଜନଗଣନା କରିବ ବୋଲି ରାହୁଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଓବିସି କହୁଥିବାବେଳେ ଜାତି ଜନଗଣନା କଥା ଉଠିଲା ବେଳକୁ ତାଙ୍କ ମୁହଁ ବନ୍ଦ ହୋଇଯାଉଛି। ମଧ୍ୟପ୍ରଦେଶରେ ୫୩ ଆଇଏଏସ୍ ଅଫିସରଙ୍କ ମଧ୍ୟରୁ ମାତ୍ର ଜଣେ ଓବିସି ବୋଲି କଂଗ୍ରେସ ନେତା କହିଛନ୍ତି। ଋଣ ବୋଝରେ ଅତିଷ୍ଠ ହୋଇ ଗତ ୧୮ ବର୍ଷ ମଧ୍ୟରେ ମଧ୍ୟପ୍ରଦେଶରେ ୧୮,୦୦୦ ଚାଷୀ ଆତ୍ମହତ୍ୟା କରିଛନ୍ତି। ବିମୁଦ୍ରୀକରଣ ଏବଂ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ ଉପରେ ଆକ୍ରମଣ, ଯେଉଁଥିପାଇଁ ଦେଶରେ ନିଯୁକ୍ତିବିହୀନ ସ୍ଥିତି ସୃଷ୍ଟି ହୋଇଥିବା ରାହୁଲ ଅଭିଯୋଗ କରିଛନ୍ତି।

# ୟେଦୁରପ୍ପାଙ୍କ ପୁଅ ହେଲେ କର୍ନାଟକ ଭାଜପା ସଭାପତି


ବିଜୟେନ୍ଦ୍ରଙ୍କ ସହ ବି.ଏସ୍. ୟେଦୁରପ୍ପା

**ନୂଆଦିଲ୍ଲୀ,୧୦।୧୧**

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ପୁଅ ବିଜୟେନ୍ଦ୍ର ୟେଦୁରପ୍ପାଙ୍କୁ ଶୁକ୍ରବାର ରାଜ୍ୟ ଭାଜପା ସଭାପତି ନିଯୁକ୍ତ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ବର୍ଷୀୟାନ ଲିଙ୍ଗାୟତ ନେତାଙ୍କ ପ୍ରଭାବକୁ ଦଳ ସ୍ୱୀକୃତି ଦେଇଛି। ବିଜୟେନ୍ଦ୍ର ଜଣେ ଦକ୍ଷ ସାଂଗଠନିକ ନେତା। ନିକଟରେ ସେ ବିଧାୟକ ନିର୍ବାଚିତ ହୋଇଥିଲେ। ୪୭ ବର୍ଷୀୟ ବିଜୟେନ୍ଦ୍ରଙ୍କୁ ୟେଦୁରପ୍ପାଙ୍କ ରାଜନୈତିକ ଉତ୍ତରାଧିକାରୀ ବିବେଚନା କରାଯାଉଛି। ଗତ ମେ' ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହେବା ପରେ ଦଳୀୟ ନେତୃତ୍ୱରେ ପରିବର୍ତ୍ତନ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିଲା। ବହୁ ପୁରୁଖା ନେତା ଥିଲେ ମଧ୍ୟ ଲିଙ୍ଗାୟତ ଭୋଟକୁ ଦୃଷ୍ଟିରେ ରଖି ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଜୟେନ୍ଦ୍ରଙ୍କୁ ଭାଜପା ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦେଇଛି। ନିର୍ବାଚନୀ ରାଜନୀତିରୁ ୟେଦୁରପ୍ପା ଓହରିଯାଇଥିଲେ ମଧ୍ୟ ଦଳରେ ତାଙ୍କର ଦବଦବା ଅକ୍ଷୁଣ୍ଣ ରହିଛି। ସୂଚନାଯୋଗ୍ୟ, ୟେଦୁରପ୍ପାଙ୍କ ବଡ଼ପୁଅ ବି.ୱାଇ. ରାଘବେନ୍ଦ୍ର ଲୋକ ସଭା ସଦସ୍ୟ ଅଛନ୍ତି।

# କଂଗ୍ରେସରେ ଯୋଗଦେବେ ଜୟରାମ ପାଙ୍ଗୀ

**କୋରାପୁଟ,୧୦।୧୧**
**(ଅମିତାଭ ବେହେରା)**

ବରିଷ୍ଠ ନେତା ଜୟରାମ ପାଙ୍ଗୀ ଆସନ୍ତା ନଭେମ୍ବର ୧୬ରେ କଂଗ୍ରେସ ଦଳରେ ଯୋଗଦେବେ। ଶୁକ୍ରବାର ପାଙ୍ଗୀ ଏ ସମ୍ପର୍କରେ ସୋସିଆଲ ମିଡିଆ ପେଜ୍‌ରେ ଉଲ୍ଲେଖ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ



ସମୟରେ ଜନତା ଦଳରୁ ବିଧାୟକ ନିର୍ବାଚିତ ହୋଇ ସେତେବେଳେ ସେ ଅବକାରୀ ମନ୍ତ୍ରୀ ରହିଥିଲେ। ବିଜେଡିରେ ସାମିଲହୋଇ ଏମ୍‌ପି ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ପରେ ପାଙ୍ଗୀ ଭାଜପାରେ ଯୋଗଦେଇଥିଲେ। କିଛି ମାସ ତଳେ ସେ ଭାଜପା ଛାଡି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ବିଆର୍‌ଏସ୍ ଦଳରେ ଯୋଗଦେଇଥିଲେ। ବର୍ତ୍ତମାନ ପାଙ୍ଗୀ କଂଗ୍ରେସରେ ଯୋଗଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ କୋରାପୁଟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଜୟରାମ ପାଙ୍ଗୀ ତାଙ୍କ ରାଜନୈତିକ କ୍ୟାରିୟରରେ ୪ ଥର ବିଧାୟକ ହୋଇଥିବାବେଳେ ଥରେ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୭୭ରେ ଜନତାପାର୍ଟିରୁ ପଟ୍ଟାଙ୍ଗି ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ୧୯୯୦ରେ ସେ ଏହି ଆସନରୁ ବିଜୟୀ ହୋଇଥିଲେ। ୨୦୦୦ ଓ ୨୦୦୪ରେ ସେ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ବିଜେଡିରୁ କୋରାପୁଟ ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ୨୦୧୭ରେ ସେ ବିଜେଡି ଛାଡ଼ି ସେ ଭାଜପାରେ ଯୋଗଦେଇଥିଲେ। ୨୦୧୯ରେ ଭାଜପାରୁ କୋରାପୁଟ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ନିର୍ବାଚନରେ ପରାସ୍ତ ହୋଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୦୫।୦୩।୧୯୪୨
ତିରୋଧାନ: ୦୧।୧୧।୨୦୨୩

ତୁମର ଏକାଦଶାହରେ ଆମ ସମସ୍ତଙ୍କର ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଯେ ତୁମେ ଯେଉଁଠାରେ ବି ଥାଅ ଭଲରେ ଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ।
ଛଣପୁର, ବାଲେଶ୍ୱର- ୭୫୬୦୫୬

୰ ଡକ୍ଟର ବାରୁଣୀ ଦାସ

# ‘ଦଳୀୟ ଶୃଙ୍ଖଳା, ସାମାଜିକ ଗଣମାଧ୍ୟମ ପ୍ରମୁଖ ଅସ୍ତ୍ର’

## ସରିଲା ବିଜେଡି ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର, ୧୦।୧୧**
**(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀର ବାଲିଆପାଳ ଠାରେ ବିଜେଡି ପକ୍ଷରୁ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ୩ ଦିନ ଧରି ଚାଲିଥିବା ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଦଳୀୟ ଶୃଙ୍ଖଳା ଓ ସାମାଜିକ ଗଣମାଧ୍ୟମକୁ ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଉପସ୍ଥିତ ସକ୍ରିୟ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସକ୍ରିୟ କର୍ମୀମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ଏମ୍‌ପି ତଥା ଖୋର୍ଦ୍ଧା ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ପ୍ରଶିକ୍ଷଣ ଶିବିରରୁ ଶିକ୍ଷାଲାଭ କରିଥିବା


ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ, ନେତା ଓ କର୍ମୀ।

ଉପାଦେୟ ତଥ୍ୟକୁ ତୃଣମୂଳସ୍ତରରେ ବ୍ୟବହାର କରି ସଙ୍ଗଠନକୁ ଆହୁରି ମଜଭୁତ ପାଇଁ ଆହ୍ୱାନ ଦେଇଥିଲେ। ବସ୍ତା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଜେଡି କିପରି ପ୍ରତିଶ୍ରୁତିବଦ୍ଧ ତାହା ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଉପସ୍ଥିତ କର୍ମୀମାନଙ୍କୁ ଜଣାଇ, ଦଳୀୟ ସଙ୍ଗଠନକୁ ଆହୁରି ଦୃଢ଼ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶପଥ କରାଇଥିଲେ।

# କଂଗ୍ରେସ କରିବ ‘ତୁଳସୀ ଯାତ୍ରା’

**ଭୁବନେଶ୍ୱର, ୧୦।୧୧(ସୁନିତ୍‌ମିଶ୍ର)**

ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଅଧିକୃତ ଅମୃତମଣୋହି ଜମି ଏବଂ ଚାଷୀଙ୍କ ଜମିକୁ ଫେରସ୍ତ କରିବା ସମେତ ୬ ଦାବି ନେଇ କଂଗ୍ରେସ ଦୁଇ ଥର ଆନ୍ଦୋଳନ କଲାଣି। ଏହା ସତ୍ତ୍ୱେ ରାଜ୍ୟ ସରକାର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ କୌଣସି ନିଷ୍ପତ୍ତି ନେଉନାହାନ୍ତି। ତେଣୁ କଂଗ୍ରେସ ପକ୍ଷରୁ ନଭେମ୍ବର ମାସ ଶେଷ ସୁଦ୍ଧା ‘ତୁଳସୀ ଯାତ୍ରା’ କରାଯିବ ବୋଲି ପିସିସି ସଭାପତି ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ପୁରପଲ୍ଲୀରୁ ବ୍ଲକ ପର୍ଯ୍ୟନ୍ତ ଏବଂ ସହର ବଜାରର ସାଧାରଣ ଜନତାଙ୍କ ସହଯୋଗରେ ତୁଳସୀ ସଂଗ୍ରହ କରାଯିବ। ଏହାପରେ ଶ୍ରୀକ୍ଷେତ୍ରକୁ ତୁଳସୀ ଯାତ୍ରା କରାଯିବ। ରାଜ୍ୟର ସମସ୍ତ ବ୍ଲକ ଓ ନଗରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଶ୍ରଦ୍ଧାଳୁ, ଯୁବତୀଯୁବକ, ଛାତ୍ରୀଛାତ୍ର, ହବିଷିଆଳି, ଭକ୍ତଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ। କଂଗ୍ରେସ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

# ୧୪ରୁ ୧୮ ବ୍ଲକ ଆଗରେ ଭାଜପାର ବିକ୍ଷୋଭ

**ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର)**

ମୋଦି ସରକାର ଶାସନକୁ ଆସିବା ପରେ ଚାଷୀଙ୍କ ସମସ୍ୟା ନେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଦୀର୍ଘ ୨୩ ବର୍ଷର ରାଜ୍ୟ ସରକାର ଚାଷୀଙ୍କୁ ବାରମ୍ବାର ପ୍ରତାରଣା କରୁଛନ୍ତି। ଫଳରେ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ୨୨ ତାରିଖରେ ପ୍ରତି ଜିଲାରୁ ୧୦ ଜଣ ଲେଖା ବିଭିନ୍ନ କ୍ଷେତ୍ରର ଚାଷୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର କରାଯିବ। ଏହାସହ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଚାଷୀମାନଙ୍କୁ ସମ୍ମାନିତ କରାଯିବା ପାଇଁ ଖସଡ଼ା ପ୍ରସ୍ତୁତି ହେବ। ଏହି କ୍ରମରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ଗ୍ରାମ୍ୟ ପରିକ୍ରମାକରି କେନ୍ଦ୍ର ସରକାରଙ୍କ ୯ ବର୍ଷର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଯିବ। ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକ ଆଗରେ ରାଜ୍ୟ ସରକାରଙ୍କ ବିଫଳତା ତଥା ବିଭିନ୍ନ ବିଷୟକୁ ନେଇ ବିକ୍ଷୋଭ କରାଯିବ। ଏଥିରେ କୃଷକ ମୋର୍ଚ୍ଚାର ବିଶେଷ ଭାଗୀଦାରି ରହିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋର୍ଚ୍ଚା ସଭାପତି କହିଛନ୍ତି, ଏବେ ରାଜ୍ୟରେ ଜଳସେଚନ ଅବ୍ୟବସ୍ଥା ଯୋଗୁ ଚାଷ ଓ ଚାଷୀ ପ୍ରଭାବିତ ହୋଇଛନ୍ତି। ଏହାଦ୍ୱାରା ଧାନକ୍ଷେତରେ ଜଳର ଅଭାବ ଯୋଗୁ କ୍ଷେତ ଫାଟି ଆଁ କଲାଣି। ଓଡ଼ିଶାରେ ବହୁ ଅଞ୍ଚଳରେ ମରୁଡ଼ିର ପଦଧ୍ୱନି ଶୁଣାଗଲାଣି। ଏହାକୁ ନେଇ ଚାଷୀମାନେ ରାଜରାସ୍ତାକୁ ଆସିଲେଣି ବୋଲି ମହେଶ୍ୱର କହିଛନ୍ତି।

## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସି ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦିୱାଲି ଧମାକା
ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

### ପାଠକଙ୍କ ପାଇଁ ସୂଚନା:

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949


REAL ESTATE

**SALE**

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75259

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

**HOUSE FOR SALE: Nayapalli Brit Colony, 3-Storied 2200 Sqft with 2-Garage, Price: 2.5 Crore (Negotiable). Contact: 9437226981/ 8327730412.** D-1765

**Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452.** D-75056

ଭୁବନେଶ୍ୱର ଖୋର୍ଦ୍ଧା **NH side Gandhi College** ଲାଗି **60' road, electricity, boundarywall** ଥାଇ **immediatly** ଘର କରିବା ପାଇଁ ପ୍ଲଟ୍ ମିଳୁଛି। **9090963952.** D-75250

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

4BHK Duplex South facing corner, Balianta Syphon. Land-1400, Construction-2200- 89Lakh. 9938219397, 9861022055. D-1763

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

**Few Office space left for immediate sale in a prime locality. For details Plz Contact- 7605932509.** D-1713

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଚରୀଦେବୀ କଲେଜ, 100 ft ପିଚୁରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

20gunth (16, 000 sqft) residential land with 25ft road, Mouza- Jharpada, adjacent to new Puri Bypass road, near to Mangaraj Point for sale Rs. @ 3,000/- persqft (Negotiable), Contact- 9438504920, 7008010732. D-74597

**Triplex for sale in a posh locality near AIIMS for details Plz contact. Mob- 7605932509.** D-1714

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Rent, Duplex at Dumduma, BBSR [Ground & First], 2BHK each. 15000 / Month. Contact: 9773683034. D-1761




**Newly healthcare benefited SPA experience therapist in Bhubaneswar. Contact: 9938843929.** D-75167

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Newly open health benefits SPA special offer @999. Contact: 7749034655. D-75168

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Full body massage in homely atmosphere in all therapy. Mob: 8114881641. D-73446

## LOST

Missing Dalil RSD No. 2455 dated 17-10-1998. If found please call on 9937492075. D-1767

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




## AFFIDAVIT

I Suresh Kumar Agrawalla, S/o Late Madan lal Agrawalla, R/o Dolomandap Sahi,Puri Town -752001,Odisha have changed my name to Suresh Kumar Agarwalla for all future purposes & Late Madan lal Agarwalla. D-1764

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।










ପ୍ଲେୟର ଅଫ୍ ଦି ମ୍ୟାଚ୍ ରସି ଭାନ୍ ଡର୍ ଡୁସେନ।

# ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ବିଜୟୀ

**ଅହମଦାବାଦ, ୧୦।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ବିଜୟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଛି ଦକ୍ଷିଣ ଆଫ୍ରିକା। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୫ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ୫୦ ଓଭରରେ ୨୪୪ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୭.୩ ଓଭରରେ ୫ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରି ନେଇଥିଲା। ଅପରାଜିତ ୭୬ ରନର ଇନିଂସ ପାଇଁ ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ପୂର୍ବ ମ୍ୟାଚରେ ଭାରତଠାରୁ ହାରିଥିବା ଦକ୍ଷିଣ ଆଫ୍ରିକା ଏଠାରେ ବିଜୟ ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପୂର୍ବରୁ ମନୋବଳ ଦୃଢ଼ କରିଛି। ଏହି ଦଳ ୯ ମ୍ୟାଚରୁ ୭ ବିଜୟ ସହ ୧୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୩ ଥର ବିପର୍ଯ୍ୟୟ ଘଟାଇ ଟିପ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହେଉଥିବା ଆଫଗାନିସ୍ତାନ ୯ ମ୍ୟାଚରୁ ୫ମ ପରାଜୟ ସହ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନ ଓପନିଂ ଯୋଡ଼ିରେ ୪୧ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ବଡ଼ ସ୍କୋର କରିପାରି ନ ଥିଲା। ଆଜମତୁଲ୍ଲା ଓମାରଜାଇ ଶେଷ ପର୍ଯ୍ୟନ୍ତ ଏକାକୀ ଲଢ଼େଇ କରି ଅପରାଜିତ ରହିଥିଲେ। ତାଙ୍କୁ

## ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ବାଂଲାଦେଶ**

ସ୍ଥାନ: ପୁଣେ, ସମୟ: ପୂର୍ବାହ୍ନ ୧୦ଟା ୩୦

**ଇଂଲଣ୍ଡ ବନାମ ପାକିସ୍ତାନ**

ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଫଗାନିସ୍ତାନର ଅଭିଯାନ ଶେଷ

ବାଦ୍ ଦେଲେ ଅଧିକାଂଶ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବାରୁ ଦଳ ଅଲ୍‌ଆଉଟ ହୋଇ ଯାଇଥିଲା। ରହମଦ ଶାହା ଓ ନୁର ଅହମଦ ୨୬ ରନ ଲେଖାଏ ଏବଂ ଓପନର ରମାନତୁଲ୍ଲା ଗୁରବାଜ ୨୫ ରନ କରିବାକୁ ସକ୍ଷମ ହୋଇଥିଲେ। ୧୦୭ ବଲ୍‌ର ସମ୍ମୁଖୀନ ହୋଇଥିବା ଓମାରଜାଇ ୭ ଚୌକା ଓ ୩ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଗେରାଲ୍ଡ କୋଜି ସର୍ବାଧିକ ୪ଟି, କେଶବ ମହାରାଜ ଓ ଲୁନ୍‌ଗି ଏନଗିଡ଼ି ୨ଟି ଲେଖାଏ ଏବଂ ଆଣ୍ଡିଲେ ଫେଲୁକ୍ୱାୟୋ ଗୋଟିଏ ଉଇକେଟ ନେଇଥିଲେ।

ଆଫଗାନିସ୍ତାନ ପରି ଦକ୍ଷିଣ ଆଫ୍ରିକା ଓପନିଂ ଯୋଡ଼ିରେ ୬୪ ରନ ଯୋଗକରି ଭଲ ଆରମ୍ଭ କରିଥିଲା। ମାତ୍ର ୨ ରନ ବ୍ୟବଧାନରେ ୨ଟି ଉଇକେଟ ପତନ ଏବଂ ମଧ୍ୟଭାଗରେ ଏଡେନ ମାରକ୍ରମ (୨୫), ହେନରିଚ୍ କ୍ଲାସେନ (୧୦) ଓ ଡେଭିଡ ମିଲର (୨୪)ଙ୍କ ବିଫଳତା ଯୋଗୁ ବିପଦ ମଧ୍ୟକୁ ଚାଲି ଆସିଥିଲା। ମାତ୍ର ରସି ଭାନ୍ ଡର୍ ଡୁସେନଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଏବଂ ଶେଷଭାଗରେ ଆଣ୍ଡିଲେ ଫେଲୁକ୍ୱାୟୋଙ୍କ ଉପଯୋଗୀ ୩୯ (୩୭ ବଲ, ୧ ଚୌକା, ୩ ଛକା) ରନ ଦଳକୁ ବିଜୟୀ କରିଥିଲା। ୯୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡୁସେନ ୬ ଚୌକା ଓ ୧ ଛକା ସହାୟତାରେ ୭୬ ରନରେ ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ ମହମ୍ମଦ ନବି ଓ ରଶିଦ ଖାଁ ୨ଟି ଲେଖାଏ ଏବଂ ମୁଜିବ ଉର୍ ରହମନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୪୪/ଅଲ୍‌ଆଉଟ (ଆଜମତୁଲ୍ଲା ଓମାରଜାଇ-୯୭*, ରହମଦ ଶାହା-୨୬, ନୁର୍ ଅହମଦ-୨୬, ଗେରାଲ୍ଡ କୋଜି-୪/୪୪, କେଶବ ମହାରାଜ-୨/୨୫, ଲୁନ୍‌ଗି ଏନଗିଡି-୨/୬୯, ଆଣ୍ଡିଲେ ଫେଲୁକ୍ୱାୟୋ-୧/୩୬)। ଦକ୍ଷିଣ ଆଫ୍ରିକା ୪୭.୩ ଓଭରରେ ୨୪୭/୫ (ରସି ଭାନ୍ ଡର୍ ଡୁସେନ-୭୬*, କ୍ୱିଣ୍ଟନ ଡି'କକ୍-୪୧, ଏଡେନ ମାରକ୍ରମ-୨୫, ରଶିଦ ଖାଁ-୨/୩୭, ମହମ୍ମଦ ନବି-୨/୩୫, ମୁଜିବ ଉର୍ ରହମନ-୧/୫୧)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୯ | ୭ | ୨ | ୧୪ | +୧.୨୬୧ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୯ | ୫ | ୪ | ୧୦ | +୦.୭୪୩ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୯ | ୪ | ୫ | ୮ | -୦.୩୩୬ |
| ଇଂଲଣ୍ଡ | ୮ | ୨ | ୬ | ୪ | -୦.୮୮୫ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୯ | ୨ | ୭ | ୪ | -୧.୪୧୯ |
| ନେଦରଲାଣ୍ଡ୍ସ | ୮ | ୨ | ୬ | ୪ | -୧.୬୩୫ |

# ଶ୍ରୀଲଙ୍କା କ୍ରିକେଟକୁ ସସ୍‌ପେଣ୍ଡ କଲା ଆଇସିସି

**ଦୁବାଇ, ୧୦।୧୧ (ପି.ଟି.)**

ସରକାରୀ ହସ୍ତକ୍ଷେପ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)କୁ ସସ୍‌ପେଣ୍ଡ କରିଛି। ଚଳିତ ଦିନିକିଆ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଦଳ ୯ଟି ଗେମ୍‌ରୁ ୭ଟିରେ ପରାଜିତ ହୋଇଥିଲା। ଫଳତଃ ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀ ଏସ୍‌ଏଲ୍‌ସିକୁ ବହିଷ୍କୃତ କରିଥିଲେ। ମାତ୍ର କୋର୍ଟରେ ଅପିଲ ଦ୍ୱାରା ଏସଏଲସି ପୁନଃ ଅବସ୍ଥାପିତ ହେବାରୁ ଦେଶର କ୍ରିକେଟ

## ସରକାରୀ ହସ୍ତକ୍ଷେପ

ପରିଚାଳନା ପରିଷଦରେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିଲା। ଗୁରୁବାର ପାର୍ଲାମେଣ୍ଟରେ ସରକାର ଏବଂ ବିରୋଧୀ ଦଳ ମିଳିତ ଭାବେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏସ୍‌ଏଲ୍‌ସି ମ୍ୟାନେଜମେଣ୍ଟକୁ ଇସ୍ତଫା ପାଇଁ ଏଥିରେ ଦାବି କରାଯାଇଥିଲା। ଶ୍ରୀଲଙ୍କାର ସଦସ୍ୟତାକୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ଆଇସିସି ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି। ଶୁକ୍ରବାର ଆଇସିସି ବୋର୍ଡ ବୈଠକ ବସିଥିଲା। ଶ୍ରୀଲଙ୍କା କ୍ରିକେଟ ଏକ ସ୍ୱୟଂଚାଳିତ ସଂସ୍ଥା। କ୍ରିକେଟ ପ୍ରଶାସନ ଉପରେ ସରକାରୀ ହସ୍ତକ୍ଷେପ ଆଦୌ ଗ୍ରହଣୀୟ ନୁହେଁ। ଶ୍ରୀଲଙ୍କା ଆଇସିସିର ଜଣେ ସଦସ୍ୟ ଭାବେ ଏହାର ଦାୟିତ୍ୱ ସଠିକ ଭାବେ ତୁଲାଇ ପାରିନାହିଁ ବୋଲି ଆଇସିସିର ତରଫରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି। ନିଲମ୍ବନ ସର୍ତ୍ତଗୁଡ଼ିକ ଆଇସିସି ବୋର୍ଡ ଠିକଣା ସମୟରେ ସ୍ଥିର କରିବ ବୋଲି ଏଥିରେ କୁହାଯାଇଛି। ଏସଏଲ୍‌ସି ବୋର୍ଡ ଅଫ୍ ମ୍ୟାନେଜମେଣ୍ଟକୁ ବହିଷ୍କାର କରିବାକୁ ଦେଶର କ୍ରୀଡ଼ାମନ୍ତ୍ରୀଙ୍କ ନିଷ୍ପତ୍ତିରେ ସରକାରଙ୍କ ଆଭିମୁଖ୍ୟ ଭିନ୍ନ ରହିଛି। ଏକ ରିପୋର୍ଟକୁ ଭିତ୍ତି କରି ଏକ ନୂଆ ସମ୍ବିଧାନ ଗଠନ ଏବଂ ନୂତନ ଭୋଟିଂ ବ୍ୟବସ୍ଥା ସହ କର୍ମକର୍ତ୍ତା ନିଯୁକ୍ତି ପାଇଁ ସୁପାରିସ କରାଯାଇଛି।

### 'ଖରାପ ପ୍ରଦର୍ଶନ ପଛରେ ବାହ୍ୟ ଷଡ଼ଯନ୍ତ୍ର'

**କଲମ୍ବୋ, ୧୦।୧୧ (ପି.ଟି.):** ବିଶ୍ୱକପ୍‌ରେ ଶ୍ରୀଲଙ୍କାର ନିରାଶାଜନକ ପ୍ରଦର୍ଶନ ପଛରେ ବାହ୍ୟ ଷଡ଼ଯନ୍ତ୍ର ରହିଛି। ଏଭଳି ଏକ ଅଭିଯୋଗ ଆଣିଛନ୍ତି ମୁଖ୍ୟ ଚୟନକର୍ତ୍ତା ପ୍ରମୋଦୟା ବିକ୍ରମସିଙ୍ଘେ। ଶ୍ରୀଲଙ୍କା କ୍ରିକେଟ ଦଳ ଶୁକ୍ରବାର ସକାଳେ ଭାରତରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ବିମାନ ବନ୍ଦରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଷଡ଼ଯନ୍ତ୍ର ସମ୍ପର୍କିତ ସମସ୍ତ ତଥ୍ୟ ପ୍ରକାଶ କରିବେ। ଏଥିଲାଗି ତାଙ୍କୁ ଦୁଇ ଦିନ ସମୟ ଦରକାର।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ମାଧୁରୀ ଓ ସୁଶ୍ରୀ

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

## ସିନିୟର ମହିଳା ଆନ୍ତଃ ଜୋନ ଟି୨୦ ଟ୍ରଫି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ୨୦୨୩-୨୪ ଅନ୍ତର୍ଗତ ସିନିୟର ମହିଳା ଆନ୍ତଃ ଜୋନ୍ ଟି୨୦ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଲକ୍ଷ୍ନୌରେ ଚଳିତ ମାସ ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଝାଡ଼ଖଣ୍ଡର ରାଞ୍ଚିଠାରେ ଶୁକ୍ରବାର ଚୟନ କମିଟି ବୈଠକ ବସି ପୂର୍ବାଞ୍ଚଳ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶା ସିନିୟର ଦଳର ୨ ଜଣ ଖେଳାଳି ମାଧୁରୀ ମେହେଟ୍ଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ମନୋନୀତ ୨ ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।




ମାଧୁରୀ ମେହେଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ।

ପୂର୍ବାଞ୍ଚଳ ଦଳ: ଦୀପ୍ତି ଶର୍ମା, ମାଧୁରୀ ମେହେଟ୍ଟା, ଧର ଗୁଜ୍ଜାର, ପ୍ରିୟଙ୍କା ବାଲା, ଅଶ୍ୱିନୀ କୁମାରୀ, ଉମା କେ. ଛେତ୍ରୀ, ସୁଶ୍ରୀ ଦିବ୍ୟଦର୍ଶିନୀ, ରିଚା ଘୋଷ, ସାଇକା ଇଶାକ୍, ମମତା ପାସୱାନ, ଜିଣ୍ଟି ମୋନି କାଲିଟା, ଟିଟାସ ସଧୁ, ପ୍ରିୟଙ୍କା ଆଚାର୍ଜୀ, ମୀତା ପାଲ୍, ଇନ୍ଦ୍ରାଣୀ ରାୟ।




ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ହେନ୍‌ରୀଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ

**ୱେଲିଂଟନ, ୧୦।୧୧ (ଏପି)**

ଟେଷ୍ଟ ବ୍ୟାଟର ହେନ୍‌ରୀ ନିକୋଲ୍ସ ନ୍ୟୁଜିଲାଣ୍ଡ କ୍ରିକେଟ ଆଚରଣବିଧି ଉଲ୍ଲଂଘନ କରିଛନ୍ତି। ଚଳିତ ସପ୍ତାହରେ ଏକ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚରେ ଅମ୍ପାୟରମାନେ ତାଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ ଆଣିଛନ୍ତି। ନିକୋଲ୍ସଙ୍କ କାଣ୍ଟରବୁରି ପ୍ରଦେଶ ଏବଂ ଅକ୍‌ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସେ ହେଲ୍‌ମେଟରେ ବଲ୍‌କୁ ଘର୍ଷଣ କରୁଥିବା ଟେଲିଭିଜନ ଫୁଟେଜରେ ଦେଖିବାକୁ ମିଳିଥିଲା। ନ୍ୟୁଜିଲାଣ୍ଡ କ୍ରିକେଟ ଏହି ମାମଲାର ବିଚାର ପାଇଁ ପ୍ରଥମଶ୍ରେଣୀ କ୍ରିକେଟର କମିଶନରଙ୍କ ନିକଟକୁ ପଠାଇ ଦେଇଛି। ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇ ନାହିଁ। ନିକୋଲ୍ସ ଚଳିତ ମାସ ପରବର୍ତ୍ତୀ ଭାଗରେ ନ୍ୟୁଜିଲାଣ୍ଡ ଟୁର୍ ଯିବାର କାର୍ଯ୍ୟକ୍ରମ ରହିଛି। ନିକୋଲ୍ସ ଏହି ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦେଇନାହାନ୍ତି। ନ୍ୟୁଜିଲାଣ୍ଡର ଅଗ୍ରଣୀ ସୀମିତ ଓଭର ଖେଳାଳିମାନେ ବର୍ତ୍ତମାନ ଭାରତରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳୁଛନ୍ତି।

# କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଯୋଗ୍ୟତା

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନ କ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ(ପୁରୁଷ) ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ୩-୦ରେ ମିଜୋରାମ, ସମ୍ବଲପୁର ୩-୨ରେ ଉତ୍କଳ, ଏମ୍‌ଜି କାଶୀ ବିଦ୍ୟାପୀଠ ୩-୦ରେ ଜଉନପୁରର ବିଭିଏସ୍ ପୂର୍ବାଞ୍ଚଳକୁ ଏବଂ ଆଡାମାସ ୟୁନିଭର୍ସିଟି ୩-୦ରେ ବିଏଚ୍‌ୟୁ ବାରାଣସୀକୁ ପରାସ୍ତ କରିଛି। ଫଳରେ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହ ବିଜେତା ୪ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଭଲିବଲ(ପୁରୁଷ) ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ସର୍ବଭାରତୀୟ ପ୍ରତିଯୋଗିତା ଆସନ୍ତା ଡିସେମ୍ବରରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

ପୂର୍ବାଞ୍ଚଳ ଚାମ୍ପିୟନଶିପ୍‌ର ଶୀର୍ଷ ୪ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଲିଗ୍ ମ୍ୟାଚରେ କିଟ୍ ବିଶ୍ୱବିଦ୍ୟାଳୟ ୩-୦ରେ ସମ୍ବଲପୁରକୁ ଏବଂ ଏମ୍‌ଜି କାଶୀ ବିଦ୍ୟାପୀଠ ୩-୧ରେ ଆଡାମ୍ସ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସର୍ବଭାରତୀୟ ଯୋଗ୍ୟତା ହାସଲ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ୬୫ ବିଶ୍ୱବିଦ୍ୟାଳୟର ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ୧୩ ବିଶ୍ୱବିଦ୍ୟାଳୟ ସାମିଲ।



ସର୍ବଭାରତୀୟ ଯୋଗ୍ୟତା ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ।

# ଶ୍ୱେତପଦ୍ମା, ଜିଜ୍ଞାସୁଙ୍କୁ ତ୍ରିମୁକୁଟ

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

## ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଲକ୍ଷ୍ମୀସାଗରସ୍ଥିତ ଓଡ଼ିଶା ଟେବୁଲ ଟେନିସ ଏକାଡେମୀର ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ୨୯ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ଓ କଟକର ଜିଜ୍ଞାସୁ ସାହୁ ୩ଟି ଲେଖାଏ ଟାଇଟଲ ହାସଲ କରିଛନ୍ତି। ଶ୍ୱେତପଦ୍ମା ମହିଳା ସିଙ୍ଗଲ୍ସ, ୧୯ ବର୍ଷରୁ କମ୍ ବାଳିକା ଓ ୧୭ ବର୍ଷରୁ କମ୍ ବାଳିକାରେ ଏବଂ ଜିଜ୍ଞାସୁ ୧୯ ବର୍ଷରୁ କମ୍ ବାଳକ, ୧୭ ବର୍ଷରୁ କମ୍ ବାଳକ ଓ ୧୫ ବର୍ଷରୁ କମ୍ ବାଳକ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଟାଇଟଲ ଜିତିଛନ୍ତି ଏଜି ଓଡ଼ିଶାର ମୈନାକ ଦାସ। ଶ୍ୱେତା ବର୍ମା ୧୧ ଓ ୧୩ ବର୍ଷରୁ କମ୍ ବାଳିକାରେ ଚାମ୍ପିୟନ ହୋଇଥିବାବେଳେ ୧୧ ବର୍ଷରୁ କମ୍ ବାଳକରେ ଆରୁଶ ମାଣିଆ, ୧୩ ବର୍ଷରୁ କମ୍ ବାଳକରେ ଜିଜ୍ଞାସୁ ସାଇ କିରଣ ପ୍ରଧାନ ଓ ୧୫ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା ଟାଇଟଲ ହାସଲ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସଭାପତି ସଞ୍ଜୟ କୁମାର ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଓ ଜୟଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ଜାତୀୟ ଫୁଟ୍‌ବଲରଙ୍କ ଦେହାନ୍ତ

**ଭୁବନେଶ୍ୱର, ୧୦।୧୧ (ବିଜୟ ରଣା)**

ଓଡ଼ିଶାର ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ୟୁନୁସ ବେଗ୍‌ଙ୍କ



ୟୁନୁସ ବେଗ୍

ଶୁକ୍ରବାର କଟକ ସୂତାହାଟସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ସେ ସନ୍ତୋଷ ଟ୍ରଫି(ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍)ରେ ବହୁ ବର୍ଷ ଧରି ଓଡ଼ିଶା ଦଳରୁ ଖେଳିଛନ୍ତି। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

# ମୋନାଲିସା ଗାଥା

## ଗଳ୍ପ

**ସ୍ୱାଗତିକା ସେଠୀ**



ମୋନାଲିସା! ବାଃ! ଭାରି ଚମତ୍କାର ନାଁ ଟେ। ହଁ, ମୋ' ନାଁ ମୋନାଲିସା। ମାଇକେଲ୍ ଆଞ୍ଜେଲୋ ମୋନାଲିସା କୃତିର ଜନକ। ଏମିତି ହସଟିକୁ ତା' ଚେହେରାରେ ଚଢ଼େଇ ଦେଲେ ଯେ ସେଇ ହସଟି ପ୍ରତ୍ୟେକ ଦ୍ରଷ୍ଟାକୁ ଭିନ୍ନ ମନେହେଲା। କ୍ରିଟିକ୍‌ମାନେ ଭ୍ରମରେ ପଡ଼ିଗଲେ ତାକୁ କେଉଁ ଶ୍ରେଣୀଭୁକ୍ତ କରିବେ। ଠିକ୍ ସେହିପରି ମୋ' ଜନକ ହରିଭାଇ ଅଗ୍ରୱାଲ୍ ମୋତେ ଗଢ଼ିତୋଳିଲା ବେଳେ କେତେ ସ୍ୱପ୍ନ ଦେଖିଥିଲେ। ମୋ' ସ୍ୱାଗତ ହେଲା ଖୁବ୍ ଜାକଜମକରେ। ମୋ' ବର୍ଣ୍ଣାଢ଼୍ୟ ବେରହଣ ଉଠିଲା କରତାଳିର ଗୁଞ୍ଜରଣରେ। ତାଙ୍କ ସୁନେଲି ଭବିଷ୍ୟତର ସ୍ୱପ୍ନ ମୋ' ସଫଳତାର ଶିଡ଼ି ଚଢ଼ିବାକୁ ଜଗି ବସିଥିଲା। ଆଉ ମୁଁ ମଧ ତାଙ୍କୁ ସେଥିରେ ନିରାଶ କରି ନ ଥିଲି। ମୋ' ପାଇଁ ସେ ବେଶ୍ ଯଶ ଓ ଧନ ଉପାର୍ଜନ କରିଥିଲେ। ସେଇଥିପାଇଁ ମୋତେ ନେଇ ସେ ଖୁବ୍ ଗର୍ବିତ ଓ ଉତ୍ସାହୀ ଥିଲେ ମଧ।

ହାଃ...ହାଃ...ହାଃ...

ସେହି ଛାଇଆଲୁଅ ଖେଳର ଝାପ୍‌ସା ଆଲୁଅରେ ଝିଅଟି ଚମକିପଡ଼ି ଜାବୁଡ଼ି ଧରିଲା ପାଖରେ ବସିଥିବା ପୁଅଟିର ସବଳ ବାହୁକୁ। ପୁଅଟି ମଧ ସ୍ନେହଭରା ଆଶ୍ୱାସନାର ହାତ ବୁଲାଇ ଆଣିଲା ଝିଅର ମୁକୁଳା ବାଳରେ। ଧୀରେ ତା' ମୁଣ୍ଡକୁ ଆଉଜେଇ ଆଣିଲା ନିଜ ପ୍ରଶସ୍ତ କାନ୍ଧକୁ। ଡରରେ ଶିହରି ଉଠିଥିବା ଝିଅଟି ଏବେ ଲାଜରେ ଓ ଆବେଗରେ ଶିହରି ଉଠିଲା। ମୁଁ ମଧ ତା' ସହ ଶିହରି ଉଠିଲି। ଦୁହିଁଙ୍କର ମୁହଁ ନିକଟରୁ ନିକଟତର ହୋଇ ଆସିଲା। କାହାର ସେମାନଙ୍କ ଉପରେ ନଜର ନଥିଲା। ସମସ୍ତେ ଗଜର୍ ସିଂର ରୋମାଞ୍ଚରେ ମଜି ଯାଇଥିଲେ। ଏଣେ ସେ ଦୁହିଁଙ୍କ ଭିତରେ ଜଳିଉଠିଥିବା ଶୋଲେକୁ ସେମାନେ ଅନ୍ୟ ଆଖିରୁ ଲୁଚାଇ କିଛିଟା ଉପଭୋଗ କରିବାକୁ ଚାହିଁ ସେଇ ଛାଇ ଅନ୍ଧାରରେ ଦୁହେଁ ନିଜକୁ କିଛିଟା ଖସାଇ ଆଣିଲେ ସିଟ୍ ତଳକୁ। ଖୁବ୍ ରୋମାଞ୍ଚିତ ହୋଇଥିଲି ମୁଁ ସେଇଦିନ।

ଆଉ ସେଇଦିନ, ସେଇ ନବବିବାହିତା ବୋହୂଟି ଆସିଥିଲା ତା' ଶାଶୁ ଓ ସ୍ୱାମୀଙ୍କ ସହ। ହଁ, ପୁଅଟି ମା'କୁ ସାଙ୍ଗରେ ଆଣିଥିଲା ବୋଲି, ନହେଲେ ନବଦମ୍ପତି ପୁଣି ଏ ପୌରାଣିକ ସିନେମା? ବୋହୂଟି ଶାଶୁ ମା' ଓ ସ୍ୱାମୀ ମଝିରେ ବସି ଯାହା ହିନସ୍ତା। ଏଣେ ସ୍ୱାମୀର ହାତ ତା' ପିଠି ଉପରେ ଏଣେତେଣେ ବୁଲି ଯାଉଥିଲା ଓ ତେଣେ ଶାଶୁ ସିନେମା ମଝିରେ ବୋହୂ ଆଡ଼େ ଇସାରା କରୁଥିଲେ କେମିତି ଜୀବନରେ ଅନେକ ବଳିଦାନ ଦେବାକୁ ହୁଏ। ବିଚରା ବୋହୂଟି କାହାକୁ କୌଣସି ପ୍ରତିକ୍ରିୟା ଦେଇ ନ ପାରି ସ୍ଥାଣୁ ପାଲଟି ପରଦାକୁ କେବଳ ଅନାଇ ରହିଥିଲା। ସେଇଦିନ ମୁଁ କେତେ ଯେ ହସିଛି ଓ ବୋହୂଟି ସହ ବିରକ୍ତ ବି ହୋଇଛି।

ଏମିତି କେତେ କ'ଣ। ଯଦି ମୋ' ଅସରନ୍ତି ଅନୁଭବ ବଖାଣି ବସିବି, ତେବେ ଯୁଗ ବିତିଯିବ ସିନା ମୋ' କଥା ସରିବନି।

ହେଲେ ଆଜି... ଆଜି କଥା ଭିନ୍ନ। ମୋ' ଅନୁଭବ ସରିବନି, ହେଲେ ମୁଁ ଆଜି ସରିବାକୁ ଯାଉଛି। ସକାଳୁ ସକାଳୁ ସାମ୍ନାରେ ଆସି ବୁଲଡୋଜର୍ ଠିଆ ହୋଇଗଲାଣି। ମୋ' ଭୂପତନ ଦେଖିବାକୁ ଶହଶହ ଲୋକ ମୋ' ଚାରିପାଖେ ରୁଣ୍ଡ। ସମସ୍ତଙ୍କ ତୁଣ୍ଡରେ ମୋ' କଥା ଓ ସେମାନଙ୍କ ଅନୁଭୂତି। କାହିଁକି ବା ହବନି? ଦୀର୍ଘ ୬୨ ବର୍ଷ ହେଲା ମୁଁ ସେମାନଙ୍କୁ ମନୋରଞ୍ଜନ କରାଇ ଆସୁଥିଲି ଯେ!

ମୋନାଲିସା ସିନେମା ହଲ୍। ସବୁ ପ୍ରକାର ଲୋକଙ୍କୁ ଦିନର ଭିନ୍ନଭିନ୍ନ ସମୟରେ ଆମୋଦିତ କରିବାର ଏକ ଅନିବାର୍ଯ୍ୟ ସ୍ଥାନ। ମୋ' ନାଁ କହି ଲୋକେ ଏଇ ପାଖାପାଖି ସ୍ଥାନର ପରିଚୟ ଦେଉଥିଲେ। ଯେପରିକି ମୋନାଲିସାଠାରୁ ୧୦୦ ମିଟର ଦୂରରେ, ମୋନାଲିସା ପଛ କିମ୍ବା କଡ଼ ଗଳିରେ। ବଡ଼ବଡ଼ ସିନେମାର ମୋ' ପରଦାରେ ହେଉଥିଲା ଗ୍ରାଣ୍ଡ୍ ପ୍ରେମିୟର। ମୁଁ ଫୁଲ୍ ଓ ରଙ୍ଗିନ୍ ଆଲୋକମାଳାରେ ସଜାଇ ହେଉଥିଲି ସିନେ କଳାକାର ଓ ବିଶିଷ୍ଟ ଲୋକଙ୍କ ସ୍ୱାଗତ ପାଇଁ। ସମୁଦାୟ ଦିନର କିଛି ଘଣ୍ଟାକୁ ଛାଡ଼ିଦେଲେ ସବୁବେଳେ ମୁଁ ରହୁଥିଲି ଲୋକାରଣ୍ୟ।

ହେଲେ ବିଗତ କିଛି ବର୍ଷ ହେଲା ଏଥିରେ ବ୍ୟତିକ୍ରମ ଦେଖାଦେଉଥିଲା। ମୋ' ପାଖକୁ ଆସୁଥିବା ଲୋକସଂଖ୍ୟା କମିବାକୁ ଲାଗିଲା। କାରଣ ସହରରେ ଅନେକ ଆଧୁନିକ ସୁବିଧା ଓ ଉପକରଣ ଥିବା ନୂଆନୂଆ ସିନେମା ହଲ୍ ଓ ପରେ ପରେ ମଲ୍ଟିପ୍ଲେକ୍ସ ତିଆରି ସରିଥିଲା। ଲୋକେ ଆଉ ମୋର ପୁରୁଣା କତାଲଗା ଛିଣ୍ଡା ଚଉକିରେ ବସି ସିନେମା ଦେଖିବାକୁ ଚାହୁଁ ନ ଥିଲେ। ଏମିତି ନୁହେଁ ଯେ ମୋତେ ପୂର୍ବରୁ କେବେ ମରାମତି କରାଯାଇ ନ ଥିଲା। ମୁଁ ତିଆରି ହେଲାବେଳେ ତାରବୁଣା ଚଉକି ସବୁ ଥିଲା। ପରେପରେ କତାଗଦି ଚଉକି ହେଲା। ହେଲେ ସେଗୁଡ଼ିକ ଏବେ ଖୁବ୍ ପୁରୁଣା। ଏହା ସହ ମୋ' ପରି ବିଶାଳ ସିନେମା ହଲ୍‌କୁ ନୂଆ ରୂପ ଦେଇ ସଜାଡ଼ିବା ମାନେ ଧଳାହାତୀ ପୋଷିବା।

ମୋ' ପୁରୁଣା ମାଲିକ ହରିଭାଇ ଅଗ୍ରୱାଲ୍ ତ ଆଉ ନାହାନ୍ତି। ଏବେ ପୁଅମାନଙ୍କ ହାତରେ ମୋ' ମାଲିକାନା। ତେଣୁ ସବୁ ନିଷ୍ପତ୍ତିରେ ଟଣାଘୋଷରା। କିଛି ବର୍ଷ ହେଲା ମୋ' ପରଦାରେ ଆଉ ସିନେମା ଖେଳୁ ନ ଥିଲା। ବରଂ କିଛି ବର୍ଷ ପାଇଁ ଏହାକୁ ମଣ୍ଡପ ଓ ପ୍ରଦର୍ଶନୀ ପାଇଁ ବ୍ୟବହାର କରାଗଲା। ହେଲେ ଆଶାନୁରୂପ ରୋଜଗାର ହେଲା ନାହିଁ। ଏବେ ମୁଁ ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇଗଲିଣି। ସେମାନଙ୍କ ମତରେ ଏ ବିଦୀର୍ଣ୍ଣ ମୋନାଲିସା ସହର ମଝିର ଏ ଅମୂଲମୂଲ ବିଶାଳ ଜାଗାକୁ ଖାଲିରେ ମାଡ଼ିବସିଛି। ତେଣୁ ମୋତେ ହଟିବାକୁ ହିଁ ହେବ।

ବୁଲଡୋଜର୍ ଚାଲିଲାଣି। ମୁଁ ଖଣ୍ଡବିଖଣ୍ଡିତ ହୋଇ ଧୂଳି ଉଡ଼ାଇ ତଳେ ଲୋଟିବା ଆରମ୍ଭ କଲିଣି। ହୃଦୟ ମୋର ବିଦାରି ହୋଇଗଲା, କ୍ଷୋଭରେ ଭରିଗଲା। ଲୋକଙ୍କର ଏତେ ପ୍ରକାର ମନୋରଞ୍ଜନ କରିଛି, ହେଲେ ମୋ' ଅସ୍ତିତ୍ୱ ରକ୍ଷା ପାଇଁ କେହି ମଧ ଆଗେଇ ଆସିଲେନି।

କିଛି ଲୋକଙ୍କ କଥା କାନରେ ପଡ଼ିଲା। ମୋ' ସ୍ଥାନରେ କାଲେ ସମସ୍ତ ଆଧୁନିକ ସୁବିଧା ଥାଇ ଏକ ବିରାଟ ଶପିଂ ମଲ୍ ତିଆରି ହେବ। ସେଇଥିରେ ଏ ପୁରୁଣା ସହରର ବଡ଼ ସମସ୍ୟା ପାର୍କିଂ ପାଇଁ ମଧ ସୁବିଧା ରହିବ। ଆଉ ଏହା ସହ ଗୋଟେ ମଲ୍ଟିପ୍ଲେକ୍ସ ମଧ ରହିବ। ମୋତେ ମଲ୍ଟିପ୍ଲେକ୍ସ ଭଲ ଲାଗେନି। ସେଥିରେ ମୋ' ପରି ମାନେ ପୁରୁଣା ମୋନାଲିସା ପରି ବର୍ଣ୍ଣାଢ଼୍ୟ ବଡ଼ ପରଦା ନ ଥାଏ। ହେଲେ ଏକମାତ୍ର ସାନ୍ତ୍ୱନା ଯେ ସେହି ମଲ୍ଟିପ୍ଲେକ୍ସର ନାଁ ହରିଭାଇ ଅଗ୍ରୱାଲ୍‌ଙ୍କ ସମ୍ମାନାର୍ଥେ ମୋନାଲିସା ହିଁ ରଖାହେବ।

ମୋ: ୯୪୩୭୮୧୫୫୪୦

# ନେକ୍ରୋଫିଲିଆ

**ମିନିଗଳ୍ପ: ସୁନନ୍ଦା ମହାନ୍ତି**

ସବୁ କୋଳାହଳର ଊର୍ଦ୍ଧ୍ୱରେ ଶବ ସଂସ୍କାର କରାଗଲା ସତ, ହେଲେ ଅନେକ ଗୁଜବ। ଏତେ ସୁନ୍ଦର ରୂପ, ଯୋଗ୍ୟତା ଚାକିରି ଥାଇ ପିଲାଟା ଆତ୍ମହତ୍ୟା କଲା କାହିଁକି? କିଏ କହୁଥିଲା ପ୍ରେମରେ ଅସଫଳ ତ କିଏ କହୁଥିଲା ଆତ୍ମହତ୍ୟା ନୁହେଁ ଏହା ହତ୍ୟା। କିନ୍ତୁ ବାପା ମାଆ ଭାଇ ଭାଉଜ ଚୁପ୍ ରହିଲେ। ତା' ମାଆ ମନର ଆକୁଳତା ବ୍ୟାକୁଳତା ବିଷୟରେ ଭାବି ମୁଁ ସନ୍ତୁଳିତ ହେଉଥିଲି। ହଠାତ୍ ଗୋଟେ ଉତ୍ସବରେ ତା' ମାଆକୁ ଦେଖି ମୁଁ ଜଡ଼ସଡ଼ ହୋଇଗଲି, କେମିତି ବିଚରା ଦୁଃଖିନୀ ମାଆଟିକୁ ସାନ୍ତ୍ୱନା ଦେବି ଭାବିପାରୁ ନ ଥିବାବେଳେ ସେ ହସି ହସି କଥା କହୁଥିଲା ମୋ' ସହ। ମୁଁ ତା' ପୁଅର ଆତ୍ମହତ୍ୟାର କାରଣ କେସ୍ ଦଫାରଫା ହୋଇଥିଲା। ନା ମ, ଏହା ପଛରେ କିଛି ଷଡ଼ଯନ୍ତ୍ର ଥିବ। ଆରେ ନା ନା ଅପା ତୋ' ପରି ମୁଁ ବି ଗାଁ ଲୋକଙ୍କ କଥାରେ ପଡ଼ି କେତେ କଥା ଭାବୁଥିଲି। ଗାଁରୁ ବାହାହୋଇ ତୁ ତୋ' ଶାଶୁଘର ଚାଲିଗଲା ପରେ ଗାଁ ଭିତରେ ଏକୁଟିଆ ଅଭିଆଡ଼ୀ ଝିଅ ଥିଲି ମୁଁ ଆଉ ଗାଁ ଲୋକଙ୍କ ଟୁପୁରୁ ଟାପର କଥାରେ ମୁଁ ବି ଭାବୁଥିଲି ହରି ସାର୍‌ଙ୍କଠି କିଛି କଥା ଥିବ। କଲେଜରେ ଏତେ ଝିଅ ପିଲା ପଢ଼ାଉ ପଢ଼ାଉ ହୁଏତ କାହା ସଙ୍ଗେ କିଛି ଅଭାବନୀୟ ଘଟଣା ଘଟୁ ଘଟୁ ପରକୀୟା ପ୍ରୀତି ହୋଇଯାଇଥିବ। ହଁ ତ ମୁଁ ବି ଏମିତି କିଛି ଶୁଣିଥିଲି।

ନାହିଁଲୋ ଅପା, ମୋ' ପୁଅ



ପଚାରିବା ପୂର୍ବରୁ ସେ କହୁଥିଲା ଜାଣିଛୁ ଅପା ପୁଅ ମୋର ରୋଗଗ୍ରସ୍ତ ଥିଲା। କାହିଁ ଏଯାଏଁ ତ କେହି ଏ ବିଷୟରେ ମତେ କେହି କିଛି କହି ନ ଥିଲେ। କି ରୋଗ? ନେକ୍ରୋଫିଲିଆ ରୋଗଟା ଥିଲା ତା'ର। ସେଇଟା କି ରୋଗ? ପଚାରିଲି ମୁଁ।

ତୋର ମନେ ନାହିଁ ଅପା, ପିଲାବେଳେ ଆମ ସାହିର ହରି ସାର୍ ଓ ତାଙ୍କ ସ୍ତ୍ରୀ ଏକାଦିନେ ଆଗପଛ ହୋଇ ମରିଥିଲେ? ମୁଁ କହିଲି ହଁ, ତାଙ୍କର କିଛି ପିଲାଛୁଆ ନଥିବା କାରଣରୁ ସେ ଦୁହେଁ ବିଷ ପିଇକି ମରିଥିଲେ। ନାଇଁଲୋ ଅପା, ତୁ ତ ବାହା ହେଇଯାଇଥିଲୁ, ତୁ କେମିତି ଜାଣିବୁ? ଦୁହେଁ କୁଆଡ଼େ ମରିବାକୁ ଖୁବ୍ ଭଲ ପାଉଥିଲେ, ନିଜ ଜୀବନଠୁ ବଳି, ସ୍ତ୍ରୀ ପାଇଁ ସ୍ୱାମୀର ଭଲପାଇବାଠୁ ବଳି, ସ୍ୱାମୀ ପାଇଁ ସ୍ତ୍ରୀର ସୋହାଗିନୀ ଓ ପତିବ୍ରତାପଣଠୁ ବଳି। ସେମାନେ ମରିବାର ଅନେକ ଦିନ ପରେ ପରା ତାଙ୍କ ଘର ସିନ୍ଦୁକରୁ ବାହାରିଥିବା ଦୁଇଟା ଡାଇରୀରେ ଦୁହେଁ ଲେଖିଥିଲେ ଏକଥା, ଗଡ଼ି ଚାଲିଥିବା ଆତ୍ମହତ୍ୟା ନକରେ ନା ମୋର ବିଶ୍ୱାସ ନହୁଏ। ଏଇଟା ପରା ରୋଗ। ଏଁ ରୋଗ? ତା'ର ପୁଣି କି ଲକ୍ଷଣ? ତୁ କେମିତି ଜାଣିଲୁ ତୋ' ପୁଅକୁ ସେ ରୋଗ ହୋଇଥିଲା ବୋଲି? ତତେ କ'ଣ ତା'ର କିଛି ଡାଇରୀ ମିଳିଲା ନା କ'ଣ? ଡାଇରୀ ମିଳିବ କ'ଣ କିଲୋ ଅପା, ପାଠ ପଢ଼ିଲା ବେଳେ ତା' ସାଙ୍ଗମାନେ କହନ୍ତି ପରତେ ଯାଉନଥିଲି। ଏବେ ସହକର୍ମୀମାନେ କହୁଛନ୍ତି ପରା। କ'ଣ କହୁଛନ୍ତି? ମୁଁ ପଚାରିଲି ଆଉ ସେ ଉତ୍ତର ଦେଲା ଏଇ ମରିବାର ପ୍ରବୃତ୍ତି। ମରିଗଲେ କେମିତି ହୁଅନ୍ତା? ଆତ୍ମହତ୍ୟା କରିବା ବେଳେ କେମିତି ଲାଗୁଥିବ? ଏସବୁ ସେଇ ରୋଗର ଲକ୍ଷଣ ପରା ଅପା। ମୁଁ ବୁଝି ପାରୁ ନ ଥିଲି ସେ ରୋଗ ବା ରୋଗର ନାମ ନେକ୍ରୋଫିଲିଆ କ'ଣ କିନ୍ତୁ ଆଶ୍ୱସ୍ତ ଅନ୍ତତଃ ହୋଇସାରିଥିଲି ପୁଅର ଆତ୍ମହତ୍ୟା ପରେ ଏଇ ରୋଗର ନାମ ଓ ଲକ୍ଷଣ ହିଁ ତା' ମାଆକୁ ସମ୍ଭାଳି ନେଇଛି ଏତେ ସବୁ କୋଳାହଳ ଊର୍ଦ୍ଧ୍ୱରେ!

ମୋ: ୯୦୪୦୯୭୭୩୨୭

## ପୁସ୍ତକ ପରିଚୟ

### ପୂଜା ପତ୍ରିକା-୨୦୨୩



**ପରାଗ**

**ସମ୍ପାଦକ: ବନମାଳୀ ସେନାପତି**

**୧/୮ ଡିମାଇ ସାଇଜ୍, ପୃ:୪୩୬, ମୂଲ୍ୟ: ଟ.୧୮୦/-**

ଗଳ୍ପ ଗବାକ୍ଷ, କବିତା କକ୍ଷ, ଫିଚର୍, ପ୍ରବନ୍ଧ, ଛନ୍ଦୋବଦ୍ଧ କବିତା, ଅନୁବାଦ ଗଳ୍ପ ଓ ରମ୍ୟ ରଚନା ଆଦି ବିଭିନ୍ନ ବିଭାଗରେ ବହୁ ଲେଖିକା ଲେଖକ ନିଜର ଅବଦାନ ରଖିଛନ୍ତି। ଗଳ୍ପରେ ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ମମତାମୟୀ ଚୌଧୁରୀ, ବିରଜା ରାଉତରାୟ ଓ କାଳିନ୍ଦୀ ଚରଣ ଜେନା; କବିତାରେ ଶତ୍ରୁଘ୍ନ ପାଣ୍ଡବ, ନୀଳମଣି ପରିଡ଼ା, ପିନାକୀ ମିଶ୍ର, ପୀତାମ୍ବର ତରାଇ, ସେନାପତି ପ୍ରଦ୍ୟୁମ୍ନ କେଶରୀ; ଫିଚରରେ ଅନିଲ କୁମାର ପାଢ଼ୀ ଓ କ୍ଷୀରୋଦ ଦାସ; ପ୍ରବନ୍ଧରେ ନକୁଳ ଚନ୍ଦ୍ର ସାହୁ ଓ ଗୀତି-କବିତାରେ ନନ୍ଦକିଶୋର ସିଂହ ରହିଛନ୍ତି। ପ୍ରଚ୍ଛଦ ଆଙ୍କିଛନ୍ତି କଲକାତାର ସମର ସିହ୍ନା।



**ସୃଜନର ସୁଗନ୍ଧ**

**ସମ୍ପାଦକ: ଦୀପ୍ତି ଖଣ୍ଡୁଆଳ**

**୧/୪ ସାଇଜ୍, ପୃ: ୧୧୬, ମୂଲ୍ୟ: ଟ.୧୦୦/-**

ତନୁଜ ମଲ୍ଲିକଙ୍କ ପ୍ରଚ୍ଛଦ ସହ ପତ୍ରିକାର କବିତା, ଗଳ୍ପ, ସାହିତ୍ୟ ଚର୍ଚ୍ଚା, ଲଳିତ ନିବନ୍ଧ ଓ ମିନିଗଳ୍ପରେ ଅଛନ୍ତି ଫନୀ ମହାନ୍ତି, ହୃଷୀକେଶ ମଲ୍ଲିକ, ହରିଶ୍ଚନ୍ଦ୍ର ବେହେରା, ବିଷ୍ଣୁ ସାହୁ, ରବି ସ୍ୱାଇଁ, ରବି ପଣ୍ଡା, ପ୍ରଦୀପ ନାୟକ, ପତିତପାବନ ଗିରି, ଭଗବାନ ପଟେଲ, ଉମାକାନ୍ତ ନାୟକ ଓ ପ୍ରତାପ ବିଶ୍ୱାଳ। ପତ୍ରିକାର ମୁଖ୍ୟ ସମ୍ପାଦିକା ନିବେଦିତା ଜେନା ଓ ପ୍ରକାଶକ ସନ୍ତୋଷ କୁମାର ନାୟକ।



**ମୂର୍ଚ୍ଛନା**

**ସମ୍ପାଦକ: ରାଧାମୋହନ ମହାପାତ୍ର**

**ଏ/୪ ସାଇଜ୍, ପୃ: ୩୫୨, ମୂଲ୍ୟ: ନିଃଶୁଳ୍କ**

ଭୁବନେଶ୍ୱରର ସର୍ବପ୍ରାଚୀନ ସାହିତ୍ୟାନୁଷ୍ଠାନ 'ଗୋଦାବରୀଶ ସାହିତ୍ୟ ସଂସଦ'ର ଏହି ମୁଖପତ୍ର (୨୦୨୩)ଟିରେ ବହୁ ପ୍ରବୀଣ ଓ ନବୀନ ଲେଖିକାଲେଖକ ଅଛନ୍ତି। ପ୍ରବନ୍ଧରେ ବନବିହାରୀ ନାୟକ, ଅରବିନ୍ଦ ପଟ୍ଟନାୟକ, ରଜନୀ ରଣସିଂହ, ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ଶର୍ମିଷ୍ଠା ମହାପାତ୍ର; ଗଳ୍ପରେ ରାଧାମୋହନ ମହାପାତ୍ର, ରାମଚନ୍ଦ୍ର ମହାନ୍ତି, ଉପେନ୍ଦ୍ର ପ୍ରସାଦ ନାୟକ, କାଳିନ୍ଦୀଚରଣ ଭଞ୍ଜ, କୁଞ୍ଜବିହାରୀ ପାଢ଼ୀ; ଭ୍ରମଣ କାହାଣୀରେ ଗୌରଚନ୍ଦ୍ର ମହାପାତ୍ର, ଜୟନ୍ତ ପଟ୍ଟନାୟକ; କବିତାରେ ହୃଷୀକେଶ ମଲ୍ଲିକ, ଖଗେଶ୍ୱର ମହତାବ, ଲାବଣ୍ୟ ଶବର, ରାମଚନ୍ଦ୍ର ମେକାପ, ସତ୍ୟାନାଶ, ପ୍ରମୋଦିନୀ ହୋତା ପ୍ରମୁଖଙ୍କ ଲେଖା ସ୍ଥାନ ପାଇ ପତ୍ରିକାଟିକୁ ସମୃଦ୍ଧ କରିଛି।



**ନୀହାରକନ୍ୟା**

**ସମ୍ପାଦକ: ସୁରଞ୍ଜନ ପାତ୍ର**

**୧/୪, କ୍ରାଉନ୍ ସାଇଜ୍, ପୃ: ୮୦, ମୂଲ୍ୟ: ଟ.୮୦/-**

ପତ୍ରିକାର ରୌପ୍ୟ ଜୟନ୍ତୀ ବିଶେଷାଙ୍କ-୨୦୨୩ର ପ୍ରଚ୍ଛଦରେ ଏକ ସୁରମ୍ୟ ପ୍ରାକୃତିକ ଦୃଶ୍ୟପଟ ରହିଛି। ହଳଦୀ ରଙ୍ଗର ଚଢ଼େଇଟି ଆଶା ଓ ସମ୍ଭାବନାର ପ୍ରତୀକ ମନେହେଉଛି। ଏଥିରେ ଗଳ୍ପ ଲେଖିଛନ୍ତି କମଳିନୀ ମଲ୍ଲିକ, ଜ୍ୟୋତ୍ସ୍ନା ବିଶ୍ୱାଳ; କବିତା ସୌଭାଗ୍ୟବନ୍ତ ମହାରଣା, ଅମୀୟ ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ପଣ୍ଡା ଓ ପ୍ରସନ୍ନ କୁମାର ସ୍ୱାଇଁ। ସମ୍ପାଦକୀୟରେ 'ନୀହାରକନ୍ୟା'ର ଅତୀତ ସ୍ମୃତିକୁ ମନେପକାଇଛନ୍ତି ସମ୍ପାଦକ। 'ନୀହାରକନ୍ୟା' ପାଠକୀୟ ଆଦୃତି ପାଉ- ଏହାହିଁ କାମନା।

## କବିତା

### ଶେଷଧାଡ଼ିର ପିଲା

**ସଂଜୀବ କୁମାର ପଣ୍ଡା**

ଶେଷଧାଡ଼ିର ପିଲାଏ
ନିଜ ପାଇଁ ରଚିପାରନ୍ତି
ଭିନ୍ନ ଏକ ପୃଥିବୀ
ଓ ସେ ପୃଥିବୀକୁ
ଫୁଟବଲ ବନେଇ ଖେଳନ୍ତି
କହିବାକୁ ଗଲେ ଜୀବନକୁ
ନିଜ ବାଗରେ ଜିଅନ୍ତି।

ବହି ସହ ଜୀବନ ସବୁ ଜୀବନ ନୁହଁ
କିଛି ଖେଳ ପାଇଁ କିଛି ପାଠ ପାଇଁ
କିଛି ଗୀତ ପାଇଁ କିଛି ନାଚ ପାଇଁ।

ମୁଠାଏ ସମୟକୁ ସେମାନେ
ତରଳେଇ ବୁହାଇ ଦିଅନ୍ତି
ନଈ ପହଁରାରେ
ଆଉ କିଛି ସମୟକୁ
ଫୁ' କରି ଉଡ଼େଇ ଦିଅନ୍ତି
ପାହାଡ଼ ଚଢ଼ାରେ।

ଯଦିଓ ସେମାନଙ୍କ ଶରୀର ଥାଏ
ଶ୍ରେଣୀ କୋଠରିରେ
ତଥାପି ସେମାନେ ନ ଥାଆନ୍ତି ସେଠି
ଘୂରି ବୁଲୁଥା'ନ୍ତି କେଉଁ
କଳ୍ପନା ରାଇଜେ ଅଥବା
ସ୍ୱପ୍ନର ସୋରିଷ କ୍ଷେତରେ।

ଶେଷ ଧାଡ଼ିର ପଳାଶମାନେ
ବେଳେବେଳେ ମହକିଉଠନ୍ତି
ମଲ୍ଲୀଫୁଲ ପରି।

ମୋ: ୯୬୫୮୭୧୫୨୨୬

**ଗୀତି-କବିତା**

### ସପନ ଯେ ମୋତେ

**ହଂସନାଥ ମୁଦୁଲି**

ସପନ ଯେ ମୋତେ
ଆଣି ଦେଇଗଲା
ଜୀବନ ଜିଇବା ଆଶା
ଜୀବନ ଜିଇବା
ଭିତରେ ପୁଣି ମୁଁ
ସପନେ କଲି ଭରସା ॥୦॥

ସପନ ଭିତରୁ
ଜୀବନ ଖୋଜିବା
ପାଇଁ ମନକରେ ଜିଦି
ଜୀବନ ପାଇଁକି
ସପନ ଯେ, ଲୋଡ଼ା
ସେଠି ମୁହଁ ଆଶାବାଦୀ
ତଥାପି ଜୀବନ ଏକଲାପଣରେ
ହୁଏ ଯାହା ଲୋକହସା
ସପନେ କଲି ଭରସା ॥୧॥

ପଛକୁ ଫେରି ମୁଁ
ଆଗକୁ ଚାହିଁଲି
ନୂଆ ଜୀବନଟେ ପାଇଁ
ଅଳପ ଦୂରରୁ
କିଏ ସେ କହିଲା
ସେଇଠାରେ ଥାଅ ରହି
ମୁଁ ଭାବିଲି ବସି
ରୋକିଗଲେ ଥରେ
ଉଡ଼ିବ ଜୀବନ ହଂସା
ସପନେ କଲି ଭରସା ॥୨॥

ମୋ: ୯୭୭୭୯୬୮୭୧୯

## କାଳକାଳକୁ

"ଆନନ୍ଦରେ ସ୍ୱାଧୀନତା ଓ ସ୍ୱାଧୀନତାରେ ବିଦ୍ରୋହର ବୀଜ ନିହିତ ଥାଏ।"

- ମର୍ଭିନ୍ ପିକ୍



ମର୍ଭିନ୍ ପିକ୍(Mervyn Peake)ଙ୍କ ଜନ୍ମ ୯ ଜୁଲାଇ ୧୯୧୧ରେ ଓ ମୃତ୍ୟୁ ୧୭ ନଭେମ୍ବର ୧୯୬୮ରେ। ଏକାଧାରରେ କବି, ଲେଖକ ଓ ଚିତ୍ରକର ଏହି ବ୍ରିଟିଶ୍ ସ୍ରଷ୍ଟା ତାଙ୍କର 'Gormenghast' ଧାରାବାହିକ ରଚନା ପାଇଁ ପ୍ରସିଦ୍ଧ। ତାଙ୍କର ଅନ୍ୟ ଦୁଇଟି ଲୋକପ୍ରିୟ ପୁସ୍ତକ ହେଲା- 'Letters from a Lost Uncle'(୧୯୪୮) ଓ 'Mr Pye' (୧୯୫୩)। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ କିଛିଦିନ ପାଇଁ ଯୁଦ୍ଧ-ଖବରଦାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮ରେ ୧୯୪୫ ପରବର୍ତ୍ତୀ ୫୦ ଜଣ ଅତି ବଡ଼ ବ୍ରିଟିଶ୍ ଲେଖକଙ୍କ ମଧ୍ୟରେ ପିକ୍‌ଙ୍କୁ ଜଣେ ବୋଲି 'ଦ ଟାଇମ୍‌ସ' ପତ୍ରିକା ଗଣତି କରିଥିଲେ।

# ଶବ ହେଲା ପରେ

**ଲଘୁଗଳ୍ପ**

**- ମନୋଜ କୁମାର ବେହେରା**

ସାତ ଦିନ ପୂର୍ବରୁ ମୁଁ ଯେଉଁ ଶବକୁ ଦେଖିବାକୁ ମଶାଣିକୁ ଯାଇଥିଲି, ତାହା ଥିଲା ସହରର ଜଣେ ପ୍ରସିଦ୍ଧ କଳାକାରଙ୍କର। ମାସକ ତଳେ ମୁଁ ଯେଉଁ ଶବକୁ ଦେଖିବାକୁ ମଶାଣିକୁ ଯାଇଥିଲି, ତାହା ଥିଲା ସହରର ଜଣେ ଖ୍ୟାତନାମା ପ୍ରବଚକଙ୍କର।

ବର୍ଷେ ତଳେ ମୁଁ ଯେଉଁ ଶବକୁ ଦେଖିବାକୁ ମଶାଣିକୁ ଯାଇଥିଲି, ତାହା ଥିଲା ସହରର ଜଣେ ପ୍ରସିଦ୍ଧ ଲେଖକଙ୍କର। ଆଉ ସାତବର୍ଷ ତଳେ ପ୍ରଥମେ ମଶାଣିରେ ମୁଁ ଯେଉଁ ଶବ ଦେଖିଥିଲି, ତାହା ଥିଲା ସହରର ଜଣେ ନାମକରା କବିଙ୍କର।

ସମସ୍ତେ ଥିଲେ ଅଲଗା ଅଲଗା ବୟସର, କିନ୍ତୁ ସମସ୍ତେ ଥିଲେ ମୋର ପରିଚିତ। ହଁ, ଯେତେବେଳେ ମୁଁ ମଶାଣିକୁ ଯାଏ, ସେତେବେଳେ ଗୋଟିଏ କଥା ମୋତେ ଜଣାପଡ଼ିଲା କି ସେଠି ଶବର କୌଣସି କାମ ନ ଥାଏ। ମଶାଣିରେ ଥିବା ସେହି ମୃତ ଲୋକଟି କାହାର ମା', ବାପା, ଭାଇ, ବନ୍ଧୁ ହୋଇଥିଲେ ମଧ୍ୟ ତା'ର ଗୋଟିଏ ପରିଚୟ ହୋଇଯାଏ, ଆଉ ତାହା ହେଉଛି 'ଶବ'।

ତେଣୁ ମୁଁ ଯେତେବେଳେ ମୋର ତୃତୀୟ ବନ୍ଧୁଙ୍କ ଦେହାନ୍ତ ପରେ ମଶାଣିକୁ ଯାଇଥିଲି, ସେତେବେଳେ ମୋ' ମନରେ କେବଳ ଏହି ଭାବନା ଥିଲା କି ମୁଁ ଶବ ଦେଖିବାକୁ ଯାଉଛି। ତାଙ୍କର ଶବଦାହ ହେଲା ଇଲେକ୍ଟ୍ରିକ୍ ଭାଟିରେ। ଯେମିତି ତାଙ୍କ ଶବକୁ ଭାଟିରେ ପୂରାଗଲା ସେଥିରୁ ଧୂଆଁ ବାହାରିବାକୁ ଲାଗିଲା। ଆଉ ଚାହୁଁଚାହୁଁ ପାଉଁଶରେ ପରିଣତ ହେଇଗଲା ତାଙ୍କର ପାର୍ଥିବ ଶରୀର। ଏହି ସାତବର୍ଷ ଭିତରେ ଏହି ଚାରି ଖ୍ୟାତନାମା ବ୍ୟକ୍ତିଙ୍କ ବ୍ୟତୀତ ଅନେକ ସାଧାରଣ ସାଙ୍ଗସାଥୀଙ୍କୁ ଏହି ଦୁନିଆରୁ ଯିବାର ଦେଖିଛି।

ଦିନେ ମୋର ଜଣେ ପରିଚିତ ବନ୍ଧୁ ଫୋନ୍ କରି କହିଲେ, ତାଙ୍କ ଭାଇଙ୍କର ବାଲେଶ୍ୱରରେ ଘଟିଥିବା କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ତେଣୁ ତାଙ୍କ ସହିତ ଶବ ଚିହ୍ନଟ କରିବାକୁ ବାଲେଶ୍ୱର ଯିବାପାଇଁ। ଆମେ ତୁରନ୍ତ ଗାଡ଼ି ଯୋଗାଡ଼ କରି ଚାଲିଲୁ ବାଲେଶ୍ୱର। ସେଠି ଗୋଟିଏ ସ୍କୁଲ୍‌ରେ ଅସ୍ଥାୟୀ ଶବଗୃହ କରାଯାଇଥିଲା। ସ୍କୁଲ୍‌ରେ ପଡ଼ିଥିଲା ଅନେକ ଶବ। ସେଥିମଧ୍ୟରୁ ଆମକୁ ଖୋଜିବାକୁ ଥିଲା ଆମ ଭାଇର ଶବକୁ। ସବୁ କାଗଜପତ୍ର ନେଇଥିଲୁ ସାଙ୍ଗରେ, କାହିଁକିନା ତା'ର ପରିବାରକୁ ମିଳିପାରିବ ସରକାରୀ ଅନୁକମ୍ପା।

କୁଡ଼କୁଡ଼ ଶବ ଭିତରୁ ଆମେ ପାଇଗଲୁ ଆମର ଆବଶ୍ୟକୀୟ ଶବକୁ। ଇଏ ଥିଲା ସେହି ଭାଇ, ଯିଏ ପନ୍ଦର ବର୍ଷ ହେଲା କାଟି ଦେଇଥିଲା ନିଜର ସବୁ ସମ୍ପର୍କ ଘରଠୁ। ତା' ଚେହେରାରେ ଅନେକ ପରିବର୍ତ୍ତନ ଆସି ଯାଇଥିଲା ଏତେ ବର୍ଷ ଭିତରେ। ହେଲେ ଚିହ୍ନିବାରେ କିଛି ଅସୁବିଧା ହେଲା ନାହିଁ କାରଣ ଯୋଡ଼ି ହୋଇଥିବା ଭୂଲତା, ପାଟି ପାଖରେ ପିଲାଦିନର ଦୁର୍ଘଟଣାର ସ୍ମୃତିଚିହ୍ନ ଭାବରେ ସ୍ପଷ୍ଟ ଦେଖାଯାଉଥିବା କଟାଦାଗ ଆଉ ବାମ ପାଦରେ ଛଅଟା ଆଙ୍ଗୁଠି।

ସାଙ୍ଗ ଭାଇର ପୋଷ୍ଟମର୍ଟମ୍ ରିପୋର୍ଟ ସହିତ ସରକାରୀ କାଗଜ ଫେରେଇବା ସମୟରେ ଏମିତି ଲାଗିଲା ନିଜ ଚିହ୍ନା ବନ୍ଧୁଙ୍କର ଅସ୍ତିତ୍ୱକୁ ଆମେ ଶବ ଦେହରେ ମଧ୍ୟ ଚିହ୍ନଟ କରିପାରିବା। ଯେଉଁ ଭାଇର ସ୍ମୃତି ଧୀରେ ଧୀରେ ମଳିନ ହେବାକୁ ଲାଗିଥିଲା, ତାହା ଗୋଟିଏ ମୃତଶରୀର ଭାବରେ ଉଙ୍କିମାରୁଥିଲା ସ୍ମୃତିରେ। ପ୍ରକୃତରେ ଶବ ସେତେଟା ଶବ ହୋଇ ପାରିବନି ଯେତିକି ଆମେ ଭାବୁ। କାରଣ ଶବ ହେଉଛି ଗୋଟିଏ ଶବ୍ଦ, ଯାହା ମୃତ୍ୟୁ ପରର ଆମ ଶରୀରକୁ କୁହାଯାଏ। ହେଲେ ଗୋଟିଏ ଶବ ଯେ ଅନେକ ସମ୍ପର୍କର ଡୋରିରେ ବନ୍ଧା ହୋଇଥାଏ ଯାହା କେବେବି ଛିଡ଼ିଯାଇ ପାରେନା। ଶବଟିଏ ନିଜ ବର୍ତ୍ତମାନରେ ଗଢ଼ିଥିବା ସମ୍ପର୍କମାନଙ୍କର ସ୍ମୃତିରେ ସବୁବେଳେ ଥାଏ ନିଜ ଅବର୍ତ୍ତମାନରେ। ତେଣୁ ଶବ ହେବାପରେ ତା'ର ଯାତ୍ରା ସରିଯାଏ ନାହିଁ କି ସ୍ମୃତିଚିହ୍ନ ଲିଭିଯାଏ ନାହିଁ। ତାହା ସବୁବେଳ ପାଇଁ ଜଳୁଥାଏ ଦପ୍‌ଦପ୍ ହୋଇ ନିଜ ସମ୍ପର୍କୀୟଙ୍କର ମାନସପଟରେ।

ମୋ: ୭୯୭୮୮୩୦୬୧୧





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


ଷ୍ଟୋର୍ସ ସକାଳ ୨ ରେ ଖୋଲେ
ଦୀପାବଳୀ ମନାନ୍ତୁ, #DilKholKe
NOW OPEN AT: • TALCHER ROAD, SHARMA CHOWK
Reliance digital
PERSONALISING TECHNOLOGY
ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ
₹15000 ପର୍ଯ୍ୟନ୍ତ ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ*
AXIS BANK
DBS
FEDERAL BANK
HDFC BANK
ICICI Bank
IDFC FIRST Bank
RBL BANK
YES BANK
"କ୍ରେଡିଟ୍ କାର୍ଡ୍‌ସ । ଡେବିଟ୍ କାର୍ଡ୍‌ସ । ଇଏମ୍ଆଇ"ରେ
ପାଆନ୍ତୁ ଏଜିଓ ଏବଂ ରିଲାଏନ୍ସ ଟ୍ରେଣ୍ଡ୍‌ସ ଭାଉଚର୍ସ ମୂଲ୍ୟ ₹4000*
କୋ-ପାୱାର୍ଡ ବାୟ
intel evo
ONEPLUS
#TechnologySeRishtaJodo
SUPER LARGE SCREEN DEALS
TCL 4K UHD TV
98P745
2 Year WARRANTY
248CM (98) ₹299990*
216CM (85) ₹149990*
189CM (75) ₹65990*
*Price after cashback
SAMSUNG Neo QLED
3 Year
Starting from ₹99990*
*Price after cashback
OLED TV
3 Year
Starting from ₹89990*
LG SAMSUNG SONY
MAX 20% DISCOUNT UP TO ₹20000* ON LEADING BANK CARDS
Intel® Core™ i5 Multitasking Laptop Starting from ₹39999*
AMD R3 Everyday Laptop Starting from ₹29999*
Intel® Core™ i5 Gaming Laptop Starting from ₹44499*
AMD R7 Creator Laptop Starting from ₹42999*
PRICE INCLUDES CASHBACK*
ONEPLUS
OnePlus Open
Open for Everything
₹149999
Starting from ₹139999*
DEAL PRICE
iPhone 13 128GB ₹59900 Starting from ₹47900*
14 128GB ₹69900 Starting from ₹57900*
*Price post in-store discount and cashback
iPhone 15 128GB ₹79900 Starting from ₹71900*
*Price post in-store discount and cashback
FROST FREE
₹29990*
₹30490*
₹35490*
TOP LOAD
₹18990*
₹19490*
₹21490*
*Price after bank cashback
KITCHEN COMBO
HOT AND COLD BOTTLE
+ SANDWICH MAKER
+ ELECTRIC KETTLE
COMBO OFFER ₹1999*
JBL TWS LIVE PRO 2 ANC ₹1111*
Noise Ultra 3
• AMOLED Display
• Metallic Band
₹8999
₹2999*
1000 ପର୍ଯ୍ୟନ୍ତ କ୍ୟାସବ୍ୟାକ୍*
MobiKwik
Wallet
resQ
1800 889 1044
ଆଜି ମଧ୍ୟ ସପିଂ କରନ୍ତୁ:
reliancedigital.in
SHOP ANY ELECTRONICS AT MY JIO STORE
Jio DIGITAL LIFE
VISIT US AT ODISHA: • BHUBANESWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD • BALASORE, CINEMA COMPLEX • BERHAMPUR, BHAPUR BAZAAR AVENUE • ROURKELA • PANPOSH ROAD • FORUM MALL CIVIL TOWN SHIP • SAMBALPUR, BUDHARAJA MAIN ROAD • ANGUL SANKAR CINEMA ROAD • BALANGIR, RADHARANI PARA • JAJPUR ROAD CHORDA BY PASS • JHARSUGUDA, SARBAHAL ROAD, MARWADIPADA • SUNDERGARH, SBI SQUARE MEDICAL CHOWK • TALCHER ROAD, SHARMA CHOWK | TO LOCATE YOUR NEAREST MYJIO STORE, SMS LOCATE <PINCODE> TO 561611


YAMAHA RACING
The call of the BLUE
FZ-S FI VERSION 4.0
ଶୁଭ ଦୀପାବଳୀ
ଏଇ ଫେଷ୍ଟିଭ ସିଜନରେ ଉତ୍ସବ ପାଳନ କରନ୍ତୁ ନୂଆ ରଙ୍ଗ ର ସହିତ
କ୍ୟାଶବ୍ୟାକ୍ ₹3000*
TRACTION CONTROL SYSTEM
YAMAHA MOTORCYCLE CONNECT
ଏବେ ଦୁଇଟି କଲର୍ ରେ ଉପଲବ୍ଧ
Dark Matte Blue
Matte Black
*Offer applicable on FZSFI V3 & FZSFI V4 (selected colors) only. Other T&C apply.
Rourkela : Rev Motors: 9861929403/ 9861929401 | Sundergarh: 9438622911 | Bonaigarh: 7008868582 | Junagarh: Binayak Motors : 9237387141 / 144 | Bolangir – Jairam Motors: 6372703005/ 8117911265 | Bargarh – Shivam Motors: 9938120588/ 7978563215 Bhawanipatna - Sriram Enterprises: 9437966332/ 06670-230332 | Jharsuguda – Shree Swapneshwar Motors: 9583152832/ 9861085558 | Sambalpur – Maa Samleswari Automobiles: 9937199423 | Kesinga: 9938312661 | Sonepur: 9937535378 | Khariar: 9556605754 | Padampur: 9937567068 | Attabira: 8018927369 | Titlagarh: 9937682624 | Bamra: 9668703749 | Deogarh: 9437131838 Boudh: 9658511670.